

ରୀଚାଙ୍କ ଲଢୁଆ ଇନିଂସ୍

▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-104 ◆FRIDAY ◆10 OCTOBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୦୪ ◆ଶୁକ୍ରବାର ◆୧୦ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# ଜାନୁଆରୀରେ ଷଡ଼ଯନ୍ତ୍ର; ମାର୍ଚ୍ଚରେ ଭଣ୍ଡୁର

## ପୁଲିସ ଚାକିରି ବିକ୍ରି

**ଆଭ୍ୟନ୍ତରୀଣ କନ୍ଦଳ ଯୋଗୁଁ ସଫଳ ହେଲାନି ଯୋଜନା**

**ଖୋଦ୍ ରିଚ୍‌ମାଇଣ୍ଡର ଅଂଶୀଦାର କରିଥିଲେ ଅଭିଯୋଗ**

**ଦୁର୍ନୀତି ଗନ୍ଧ ବାରି ଇସ୍ତଫା ଦେଇଥିଲେ ତତ୍କାଳୀନ ଅଧ୍ୟକ୍ଷ**

**ଏଯାଏଁ ସାର୍ବଜନୀନ ହେଲାନି ପୂର୍ବ ଘଟଣାର ତଦନ୍ତ ରିପୋର୍ଟ**

■ **ଭୁବନେଶ୍ୱର, ୯ ।୧୦ (ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରି ରାକେଟ୍ ଧରିପଡ଼ିବାର ୧୦ଦିନ ବିତିଥିଲେ ମଧ୍ୟ ମାଷ୍ଟରମାଇଣ୍ଡଙ୍କ ପାଖରେ ପହଞ୍ଚି ପାରିନି କ୍ରାଇମ୍‌ବ୍ରାଞ୍ଚ । ସବୁ ତଦନ୍ତ ସିଲିକନ୍ ଓ ପଞ୍ଚସଫ୍ଟ ଲିମିଟେଡ୍ ପାଖରେ ତଦନ୍ତ ଅଟକି ଯାଇଛି, ଏପରିକି ଓପିଆର୍‌ବି ବା ଆଇଟିଆଇ ଲିମିଟେଡ୍‌ର କୌଣସି ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ସାମାନ୍ୟ ପଚରାଉଚରା କରାଯାଇ ନାହିଁ। ରାଜ୍ୟର ଏହି ଚର୍ଚ୍ଚିତ ଦୁର୍ନୀତିର ମୁଖ୍ୟ କାର୍ପଟଦାରଙ୍କ ସମ୍ପର୍କରେ ଜାଣିବାକୁ ସବୁ ମହଲରେ ଆଗ୍ରହ ସୃଷ୍ଟି ହୋଇଥିଲେ ହେଁ ଓପିଆର୍‌ବି ରହସ୍ୟମୟ ନିରବତା ଅବଲମ୍ବନ କରୁଛି। ଏପରିକି ଘଟଣାର ତଦନ୍ତ ଅଗ୍ରଗତି ସମ୍ପର୍କରେ କ୍ରାଇମବ୍ରାଞ୍ଚ ମାତ୍ର ଗୋଟିଏ ପ୍ରେସ୍ ବିବରଣୀ ଜାରି କରି ଏବେ ନିରବ। ତେବେ ଏହାରି ଭିତରେ ଆଉ ଯେଉଁ ତଥ୍ୟଟି ସାମ୍ନାକୁ ଆସିଛି, ତାହା ଅତ୍ୟନ୍ତ ସାଂଘାତିକ ମନେ ହେଉଛି। ଗତ ମାର୍ଚ୍ଚ ମାସରେ ଏହି ପରୀକ୍ଷାକୁ ଅଚାନକ ଭାବେ ସ୍ଥଗିତ ରଖିବା ପଛରେ ରହସ୍ୟ ସୂତାର ଗଣ୍ଠି ଫିଟିବାରେ ଲାଗିଛି। ପ୍ରଥମ ପର୍ଯ୍ୟାୟରେ ଆଇଟିଆଇଠାରୁ ପରୀକ୍ଷା ପରିଚାଳନା ଠିକା ପାଇଥିବା ଗୁଜରାଟର ରିଚ୍‌ମାଇଣ୍ଡ ଅଂଶୀଦାରଙ୍କ ମଧ୍ୟରେ ବିବାଦ ଓ ଏହାପରେ ଚାକିରି ବିକ୍ରି ପାଇଁ ହୋଇଥିବା ଷଡ଼ଯନ୍ତ୍ରର ସମ୍ପର୍କରେ ଜଣା ପଡ଼ିଥିଲା। ଜଣେ ଅଂଶୀଦାରଙ୍କ ଅଭିଯୋଗ ଆଧାରରେ ସେତେବେଳେ ରିଚ୍‌ମାଇଣ୍ଡକୁ ପରୀକ୍ଷା ପରିଚାଳନାରୁ ବାଦ୍ ଦିଆଯାଇଥିଲା ଓ ଏହାର ତଦନ୍ତ ପାଇଁ ଓପିଆର୍‌ବି ଏକ ଆଭ୍ୟନ୍ତରୀଣ କମିଟି ଗଠନ କରିଥିଲା। ମାତ୍ର ଏହି କମିଟି କ'ଣ ରିପୋର୍ଟ ଦେଲା, ତାହା ଆଜିଯାଏଁ ସାର୍ବଜନୀନ ହୋଇନାହିଁ। ଅପରପକ୍ଷରେ ଚାକିରି ବିକ୍ରି ଷଡ଼ଯନ୍ତ୍ର ସମ୍ପର୍କରେ ସୁରାକ ପାଇବା ପରେ ତତ୍‌କାଳୀନ ଓପିଆର୍‌ବି ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଆଇପିଏସ୍ ସନ୍ତୋଷ ଉପାଧ୍ୟାୟ ପଦରୁ ଓହରି ଯାଇଥିବା ସୂଚନା ମିଳିଛି।




ଅନୁସନ୍ଧାନରୁ ଜଣାପଡ଼ିଛି ଯେ କେନ୍ଦ୍ରୀୟ ପିଏସ୍‌ୟୁ ସଂସ୍ଥା ଆଇଟିଆଇ ଲିମିଟେଡ୍ ଏହି ପରୀକ୍ଷା ପାଇଁ ଟେଣ୍ଡର ନେଇଥିବାବେଳେ ରିଚ୍‌ମାଇଣ୍ଡ ଏହାଠାରୁ ସବ୍-କଣ୍ଟ୍ରାକ୍ଟ ପାଇଥିଲା। ଗତ ମାର୍ଚ୍ଚ ୮ ଓ ୯ ତାରିଖରେ ଏସ୍‌ଆଇ ପରୀକ୍ଷା କରିବା ପାଇଁ ଆଡ୍‌ମିଟ୍ କାର୍ଡ ପ୍ରକାଶ ପାଇବାରୁ ବହୁ ପୂର୍ବରୁ ଅର୍ଥାତ୍ ଜାନୁଆରୀ ମାସରୁ ଚାକିରି ବିକ୍ରି ପାଇଁ ଷଡ଼ଯନ୍ତ୍ର ହୋଇଥିଲା। ଫେବ୍ରୁଆରୀ ଶେଷ ସପ୍ତାହ ଓ ମାର୍ଚ୍ଚ ପ୍ରଥମ ସପ୍ତାହରେ ଅନେକ ପରୀକ୍ଷାର୍ଥୀ ପ୍ରଶ୍ନପତ୍ର ଅଭ୍ୟାସ ପାଇଁ ରାଜ୍ୟରୁ ଉଭାନ୍ ହୋଇ ଯାଇଥିଲେ। ମାର୍ଚ୍ଚ ୩ ତାରିଖରୁ ରାଜ୍ୟରୁ ଉଭାନ୍ ହୋଇଯାଇଥିବା ପରୀକ୍ଷାର୍ଥୀଙ୍କ ସାଙ୍ଗସାଥୀମାନେ ସେତେବେଳେ ଏ ସଂକ୍ରାନ୍ତରେ ୟୁଟ୍ୟୁବ୍‌ରେ ଭିଡିଓ ଅପ୍‌ଲୋଡ୍ କରିଥିଲେ ହେଁ ତାହାକୁ ଏତେ ଗୁରୁତ୍ୱ ଦିଆଯାଇ ନ ଥିଲା। ତେବେ ପ୍ରଶ୍ନପତ୍ର ଲିକ୍ କରି ଚାକିରି ବିକ୍ରି କରିବା ▶ପୃଷ୍ଠା-୧୦

## ସାମ୍ବାଦିକ ସମ୍ମିଳନୀ ଡାକି ବାତିଲ କଲା ଓପିଆର୍‌ବି

■ **ଭୁବନେଶ୍ୱର, ୯ ।୧୦ (ସମିସ):** ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା ସାରା ଦେଶରେ ଆଲୋଡନ ସୃଷ୍ଟି କରିଛି। ମଧ୍ୟପ୍ରଦେଶର ବ୍ୟାପମ୍ ସ୍କାମ୍‌ଠାରୁ ମଧ୍ୟ ଏହି ଚାକିରି ବିକ୍ରି ଘୋଟଲା ବଡ଼ଧରଣର ହୋଇଥିବା ଜାତୀୟ ଗଣମାଧ୍ୟମରେ ଖବର ବାଜିଲାଣି। ପ୍ରାୟ ଦେଢ଼ ଲକ୍ଷରୁ ଅଧିକ ଆଶାୟୀଙ୍କ ସମେତ ସାରା ଦେଶବାସୀ ଘୋଟାଲା ପ୍ରସଙ୍ଗରେ ଅଧିକାରିକ ବିବୃତ୍ତିକୁ ଅପେକ୍ଷା କରିଛନ୍ତି। ଏପରି ସ୍ଥିତିରେ ରାଜ୍ୟ ସରକାର, ପୁଲିସ୍ ମହାନିର୍ଦ୍ଦେଶକ କିମ୍ବା ଓଡ଼ିଶା ପୁଲିସ୍ ନିଯୁକ୍ତ ବୋର୍ଡ ର ଅଧ୍ୟକ୍ଷ ଏଯାଏଁ ମୁହଁ ଖୋଲୁ ନାହାନ୍ତି। ଆଜି ଅପରାହ୍ଣ ସାଢ଼େ ୪ଟାରେ କଳ୍ପନାସ୍ଥିତ କାର୍ଯ୍ୟାଳୟରେ ଓପିଆର୍‌ବି ଅଧ୍ୟକ୍ଷ ସୁଶାନ୍ତ କୁମାର ନାଥ ସାମ୍ବାଦିକ ସମ୍ମିଳନୀ ଡ଼ାକିଥିଲେ। ଗଣମାଧ୍ୟମ ଜରିଆରେ ପରୀକ୍ଷାର୍ଥୀଙ୍କ ଉଦ୍ଦେଶ୍ୟରେ ସନ୍ଦେଶ ଦିଆଯିବ ବୋଲି ଉଲ୍ଲେଖ କରିଥିଲେ। ହେଲେ ସାମ୍ବାଦିକ ସମ୍ମିଳନୀ ଆରମ୍ଭ ହେବା ପୂର୍ବରୁ ତାହାକୁ ବାତିଲ୍ କରିଦିଆଗଲା। ନର୍ଦ୍ଦିଷ୍ଟ କେଉଁ କାରଣ ପାଇଁ ବାତିଲ୍ କରାଗଲା ଦର୍ଶାଇ ନ ଥିବାବେଳେ ଅନିବାର୍ଯ୍ୟ କାରଣବଶତଃ ସାମ୍ବାଦିକ ସମ୍ମିଳନୀକୁ ସ୍ଥଗିତ ରଖାଯାଇଥିବା ଓ ପରବର୍ତ୍ତୀ ସାମ୍ବାଦିକ ସମ୍ମିଳନୀର ସମୟ ଓ ସ୍ଥାନ ଧାର୍ଯ୍ୟ କରାଯାଇ ଖୁବ ଶୀଘ୍ର ସୂଚନା ଦିଆଯିବ ବୋଲି କୁହାଗଲା। କ୍ରାଇମବ୍ରାଞ୍ଚ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରୁଛି। ମାମଲାରେ ଜଡ଼ିତ ସମସ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ଆଶାୟୀମାନଙ୍କୁ ଅନୁରୋଧ କରିବା ସହ ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ବୋଲି ଓପିଆର୍‌ବି ଅଧ୍ୟକ୍ଷ ଆଶ୍ୱାସନା ଦେଲେ। ମାତ୍ର ରାଜ୍ୟବାସୀ ଏତେ ବଡ଼ ଘୋଟାଲାର ବିଭିନ୍ନ ଦାଗ ଓ ସେମାନଙ୍କ ମନରେ ଥିବା ଅନେକ ପ୍ରଶ୍ନର ଉତ୍ତର ଅପେକ୍ଷାରେ ଥିବାବେଳେ ସାମ୍ବାଦିକ ସମ୍ମିଳନୀ ଡ଼ାକି ବାତିଲ୍ କରିବା ଆହୁରି ସନ୍ଦେହ ସୃଷ୍ଟି କରିଛି। ଉପରୁ ଚାପ ଯୋଗୁଁ ସାମ୍ବାଦିକ ସମ୍ମିଳନୀ ବାତିଲ କରାଗଲା ବୋଲି କୁହାଯାଉଥିଲେ ହେଁ ଓପିଆର୍‌ବି ନିଜ ଜାଲରେ ଛନ୍ଦି ହେବା ଆଶଙ୍କାରେ ସାମ୍ବାଦିକ ସମ୍ମିଳନୀକୁ ସ୍ଥଗିତ ରଖିଥିବା କୁହାଯାଉଛି ।

# ହଙ୍ଗେରୀର ଲାସ୍‌ଜ୍ଲୋଙ୍କୁ ସାହିତ୍ୟରେ ନୋବେଲ

■ **ଷ୍ଟକହୋମ୍, ୯ ।୧୦ (ଏଜେନ୍ସି):** ୭୧ ବର୍ଷୀୟ ହଙ୍ଗେରୀ ଲେଖକ ଲାସ୍‌ଜ୍ଲୋ କ୍ରାସ୍‌ଜ୍ନାହୋରକାଇଙ୍କୁ ଚଳିତ ବର୍ଷ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ସ୍ୱିଡିସ୍ ଏକାଡେମୀ ପକ୍ଷରୁଆଜି ଏହି ଘୋଷଣା କରାଯାଇଛି। ଲାସ୍‌ଜ୍ଲୋଙ୍କ ଲେଖା ତଥା ସାହିତ୍ୟକୃତୀ ବହୁତ ପ୍ରଭାବଶାଳୀ ଓ ଦୂରଦୃଷ୍ଟିସମ୍ପର୍ଣ୍ଣ ବୋଲି ଏକାଡେମୀ ତରଫରୁ କୁହାଯାଇଛି। ବିଶ୍ୱରେ ଦେଖାଦେଇଥିବା ଆତଙ୍କର ବାତାବରଣରେ ମଧ୍ୟ ।ାରେ ସେ ନିର୍ଭିକ ଭାବେ କଳା ତଥା ସାହିତ୍ୟର ଶକ୍ତି ପ୍ରଦର୍ଶନ କରିବାର ସଫଳ ହୋଇଛନ୍ତି। ପୁରସ୍କାର ବାବଦରେ ତାଙ୍କୁ ୧୦ କୋଟି ୩୦ ଲକ୍ଷ ଟଙ୍କା, ଏକ ସ୍ୱର୍ଣ୍ଣ ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ଡିସେମ୍ବର ୧୦ରେ ସ୍ୱିଡେନ ରାଜଧାନୀ ଷ୍ଟକହୋମ୍‌ରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୋବେଲ ପୁରସ୍କାର ଆନୁଷ୍ଠାନିକ ଭାବେ ପ୍ରଦାନ ▶ପୃଷ୍ଠା-୧୦



# ସରକାରଙ୍କ କାର୍ଯ୍ୟ ସମୀକ୍ଷା କଲେ ବିଜେପି ମହାମନ୍ତ୍ରୀ

## ପଚାରି ବୁଝିଲେ ସରକାରଙ୍କ ୧୫ମାସର ଉପଲବ୍ଧି

**ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଚିନ୍ତା ପ୍ରକଟ**

**ଯୋଗଦେଲେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ**

**ସରକାର-ସଂଗଠନ ମଧ୍ୟରେ ସମନ୍ୱୟ ପାଇଁ ପରାମର୍ଶ**

■ **ଭୁବନେଶ୍ୱର, ୯।୧୦ (ସମିସ):** ଗୁରବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ରାଜ୍ୟ ମନ୍ତ୍ରୀ ପରିଷଦର ସଦସ୍ୟମାନଙ୍କଠାରୁ ସରକାରଙ୍କ ଗତ ୧୫ ମାସର ଉପଲବ୍ଧି ପଚାରି ବୁଝିଛନ୍ତି ବିଜେପି ରାଷ୍ଟ୍ରୀୟ ସଙ୍ଗଠନ ମହାମନ୍ତ୍ରୀ ବି.ଏଲ.ସନ୍ତୋଷ। ସରକାରଙ୍କ ପ୍ରଦର୍ଶନ ଓ ମନ୍ତ୍ରୀମାନଙ୍କ ବ୍ୟକ୍ତିଗତ ରିପୋର୍ଟର୍ କାର୍ଡକୁ ସଂଗଠନ ମହାମନ୍ତ୍ରୀ ସମୀକ୍ଷା କରିଥିବା ଜଣାପଡ଼ିଛି। ଏହି ଅବସରରେ ସେ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ଶ୍ରୀ ସନ୍ତୋଷ ଚିନ୍ତା ପ୍ରକଟ କରିବା ସହ ସରକାର ଏ ଦିଗରେ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ଗୁରବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଜନଜାତି ସଙ୍କୁଳ ବିକାଶ ପରିଯୋଜନା କର୍ମଶାଳା ପରେ ମନ୍ତ୍ରୀ ପରିଷଦର ସଦସ୍ୟଙ୍କ ସହ ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ପ୍ରତିଶ୍ରୁତି ପୂରଣ ହୋଇଛି, କେଉଁ କେଉଁ ପ୍ରତିଶ୍ରୁତି ଉପରେ ସରକାର କାର୍ଯ୍ୟ କରୁଛନ୍ତି ଏବଂ ଆଗାମୀ ଦିନରେ ରାଜ୍ୟ ସରକାର କେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ସେନେଇ ପଚାରି ବୁଝିଥିଲେ ବୈଠକ କରିଛନ୍ତି। ବୈଠକରେ ରାଜ୍ୟ ସରକାରଙ୍କ ନିର୍ବାଚନ ପ୍ରତିଶ୍ରୁତି ଏବଂ ରାଜ୍ୟ ସରକାରଙ୍କ ୧୫ ମାସର ଉପଲବ୍ଧି ସମ୍ପର୍କରେ ବିଶଦ୍ ଆଲୋଚନା ହୋଇଛି। ଏଯାବତ୍ କେଉଁ କେଉଁ ଶ୍ରୀ ସନ୍ତୋଷ। ସଂଗଠନ ଏବଂ ସରକାର ମଧ୍ୟରେ ସମନ୍ୱୟକୁ ନେଇ ବିଜେପି ଶୀର୍ଷ ନେତୃତ୍ୱ ସବୁବେଳେ ଗୁରୁତ୍ୱ ଦେଇ ଆସୁଥିବା ବେଳେ ବୈଠକରେ ଏହାକୁ ଗୁରୁତ୍ୱାରୋପ ▶ପୃଷ୍ଠା-୧୦








# ଶାନ୍ତି ଚୁକ୍ତି ନେଇ ହମାସ- ଇସ୍ରାଏଲ ସହମତି

ୱାସିଂଟନ, ୯ ।୧୦(ଏଜେନ୍ସି): ଗତ ଦୁଇବର୍ଷ ହେବ ଗାଜାରେ ଇସ୍ରାଏଲ ଓ ହମାସ ମଧ୍ୟରେ ଚାଲିଥିବା ସଂଘର୍ଷ ଏବେ ଶେଷ ହେବା ନେଇ ଆଶା ସଞ୍ଚାର ସୃଷ୍ଟି ହୋଇଛି। ଆମେରିକା ମଧ୍ୟସ୍ଥତାରେ ଶାନ୍ତି ଚୁକ୍ତିର ପ୍ରଥମ ପର୍ଯ୍ୟାୟ ନେଇ ଇସ୍ରାଏଲ ଓ ହମାସ ସହମତି ପ୍ରକାଶ କରିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୁରୁବାର ବିଳମ୍ବିତ ରାତିରେ ସାମାଜିକ ଗଣମାଧ୍ୟମରେ ଏ ସଂକ୍ରାନ୍ତରେ ଘୋଷଣା କରିଛନ୍ତି। ଖୁବଶୀଘ୍ର ସବୁ ପଣବନ୍ଦୀଙ୍କୁ ମୁକ୍ତ କରାଯିବ ଓ ଇସ୍ରାଏଲ ମଧ୍ୟ ତା'ର ସେନାକୁ ଏକ ନିର୍ଦ୍ଧାରିତ ରେଖାକୁ ଫେରାଇଆଣିବ ବୋଲି ସେ ଟ୍ରୁଥ ସୋସିଆଲରେ ଉଲ୍ଲେଖ କରିଛନ୍ତି। ଏହା ମଜଭୂତ ଓ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ପ୍ରଥମ ପଦକ୍ଷେପ ବୋଲି ସେ କହିଛନ୍ତି। ସୋମବାର ସୁଦ୍ଧା ଇସ୍ରାଏଲର ପଣବନ୍ଦୀଙ୍କୁ ମୁକ୍ତ କରାଯିବ ବୋଲି ଆଶା କରାଯାଉଛି ବୋଲି ସେ କହିଛନ୍ତି। ପୁଣି ଏହି ସପ୍ତାହ ଶେଷ ଆଡକୁ ଟ୍ରମ୍ପ ଇଜିପ୍ଟ ଯାଇପାରିନ୍ତି। ଇଜିପ୍ଟରେ ଅକ୍ଟୋବର ୮ ରେ ଶାନ୍ତି ଚୁକ୍ତି ନେଇ ପରୋକ୍ଷରେ ଆଲୋଚନା ହୋଇଛି। ଶାନ୍ତି ଚୁକ୍ତିର ୭୨ ଘଣ୍ଟା ମଧ୍ୟରେ ସବୁ ପଣବନ୍ଦୀଙ୍କୁ ମୁକ୍ତି କରାଯିବ। ଶାନ୍ତି ଚୁକ୍ତି ଅନୁସାରେ ଇସ୍ରାଏଲ ବନ୍ଧକ ରଖିଥିବା ସବୁ ୨, ୦୦୦ ପାଲେଷ୍ଟାଇନ୍ କଏଦୀଙ୍କୁ ଛାଡିବ। ପ୍ରତିବଦଳରେ ଜୀବୀତ ଥିବା ଇସ୍ରାଏଲର ସବୁ ବନ୍ଧକଙ୍କୁ ହାମାସ ମଧ୍ୟ ମୁକ୍ତ କରିବ। ମୃତ୍ୟୁବରଣ କରିଥିବା ବନ୍ଧକଙ୍କ ମୃତଦେହ ମଧ୍ୟ ଫେରାଇ ଦିଆଯିବ ବୋଲି କୁହାଯାଇଛି। ଇସ୍ରାଏଲ ମଧ୍ୟ ଗାଜାରୁ ତା'ର ସେନାକୁ ହଟାଇବ ବୋଲି କୁହାଯାଇଛି।

# ଜୈସ ଗଢୁଛି ମହିଳା ଆତଙ୍କବାଦୀ ସଂଗଠନ

ଇସଲାମାବାଦ୍, ୯ ।୧୦(ଏଜେନ୍ସି): କୁଖ୍ୟାତ ପାକିସ୍ତାନ ଆତଙ୍କବାଦୀ ସଂଗଠନ ଜୈସ- ଇ- ମହମ୍ମଦ ପ୍ରଥମଥର ପାଇଁ ତା'ର ସଂଗଠନରେ ଏକ ସ୍ୱତନ୍ତ୍ର ମହିଳା ୟୁନିଟ୍ ଅର୍ଥାତ ବିଭାଗ ସୃଷ୍ଟି କରିବାକୁ ଯାଉଛି। ଏହାର ନାମ 'ଜମାନ-ଅଲ-ମୋମିନାତ' ରଖାଯାଇଛି। ଜଣାଶୁଣା ଆତଙ୍କାବାଦୀ ନେତା ମୌଲାନା ମାସୁଦ ଆଝାର ନାମରେ ଆସିଥିବା ଏକ ଚିଠିରୁ ଏହି ସୂଚନା ମିଳିଛି ବୋଲି ଗଣମାଧ୍ୟମଗୁଡିକ ଉଲ୍ଲେଖ କରିଛନ୍ତି। ପାକିସ୍ତାନର ବାହାବଲପୁରର ମରକଜ ଉସମାନ- ଓ- ଅଲିରେ ଅକ୍ଟୋବର ୮ ତାରିଖରେ ଏହି ମହିଳା ୟୁନିଟ୍ ପାଇଁ ମହିଳା ଆତାଙ୍କବାଦୀଙ୍କ ଭର୍ତ୍ତି କରିବା ପ୍ରକ୍ରିୟା ଆରମ୍ଭ ହୋଇଛି। ମାସୁଦ ଆଝାରର ଭଉଣୀ ସାଦିଆ ଆଝାର ଏହି ମହିଳା ସଂଗଠନର ନେତୃତ୍ୱ ନେବ। ଅପରେସନ ସିନ୍ଦୂରରେ ସାଦିଆର ସ୍ୱାମୀ ୟୁସୁଫ ଆଝାର ମେ ୭ ତାରିଖରେ ଭାରତୀୟ ବାୟୁସେନାର ଆକ୍ରମଣରେ ନିହତ ହୋଇଥିଲା। ଏହି ସଂଗଠନରେ ଆତଙ୍କବାଦୀଙ୍କ ପତ୍ନୀ ଓ ଗରିବ ମହିଳାଙ୍କୁ ଭର୍ତ୍ତି କରାଯାଉଛି। ଏହି ମହିଳାମାନେ ବାହାବଲପୁର, କରାଚୀ, ମୁଜାଫରାବାଦ୍, କୋଟଲି, ହରିପୁର ଓ ମାନସେରାରେ ଥିବା ମାଦ୍ରାସାରେ ପଢୁଛନ୍ତି। ଏହି ମହିଳା ଆତଙ୍କବାଦୀମାନଙ୍କୁ ଆତ୍ମଘାତୀ ଆକ୍ରମଣ ପାଇଁ ପ୍ରସ୍ତୁତ କରାଯିବ ବୋଲି ଅନୁମାନ କରାଯାଉଛି। ଉଲ୍ଲେଖଥାଉକି, ଆଇଏସ୍ଆଇଏସ୍ ଓ ବୋକୋ ହାରାମ ଭଳି ଆତଙ୍କବାଦୀ ସଂଗଠନଗୁଡିକ ମହିଳା ଆତଙ୍କବାଦୀଙ୍କୁ ଆତ୍ମଘାତୀ ଆକ୍ରମଣ ପାଇଁ ବ୍ୟବହାର କରୁଛନ୍ତି। ଯଦିଓ ଜୈଶ-ଇ- ମହମ୍ମଦ, ଲସ୍କର, ହିଜବୁଲ ଭଳି ସଂଗଠନ ଏପର୍ଯ୍ୟନ୍ତ ମହିଳାଙ୍କୁ ଏହି କାର୍ଯ୍ୟପାଇଁ ନିୟୋଜିତ କରିନାହାନ୍ତି। ଭାରତର ଅପରେସସନ ସିନ୍ଦୂର ପରେ ଆତଙ୍କବାଦୀ ସଂଗଠନଗୁଡିକର ଠିକଣା ଏବେ ପାକିସ୍ତାନର ଉତ୍ତରପ୍ରାନ୍ତରେ ଥିବା ଖାଇବର ପଖତୁନଖ୍ୱାକୁ ସ୍ଥାନାନ୍ତର କରାଯାଉଛି।

# ଅଯୋଧ୍ୟାରେ ବିସ୍ଫୋରଣ; ଘର ଭୁଶୁଡ଼ି ୫ ମୃତ

ଅଯୋଧ୍ୟା, ୯ ।୧୦ (ଏଜେନ୍ସି): ଅଯୋଧ୍ୟାର ପୁରା କାଲାନ୍ଦର ଥାନା ଅନ୍ତର୍ଗତ ପଗଲା ଭରି ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଭୟଙ୍କର ବିସ୍ଫୋରଣ ହୋଇଛି। ଏଥିଯୋଗୁଁ ଏକ ଦୁଇ ମହଲା କୋଠା ସମ୍ପୂର୍ଣ୍ଣ ଭୁଶୁଡ଼ି ଯାଇଛି। ଏଥିରେ ୫ ଜଣଙ୍କ ମୃତ୍ୟୁ ହୋଇଛି। ଅବଶେଷ ତଳେ ଅନେକ ମଧ୍ୟ ଫସି ରହିଥିବା କୁହାଯାଉଛି। ଉଦ୍ଧାରକାର୍ଯ୍ୟ ଜାରି ରହିଛି। ସ୍ଥାନୀୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରୁଛନ୍ତି।ଏ ପର୍ଯ୍ୟନ୍ତ ବିସ୍ଫୋରଣର କାରଣ ଜଣାପଡି ନ ଥିବାବେଳେ ସ୍ଥାନୀୟ ଅଧିକାରୀ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଥିବା କହିଛନ୍ତି। ସେହିପରି ଅନ୍ୟ ଏକ ରିପୋର୍ଟରେ କୁହାଯାଇଛି ଯେ ଏହି ଘରେ ବେଆଇନ ବାଣ କାରଖାନା ଚାଲିଥିଲା। ବାଣ ପ୍ରସ୍ତୁତି ସମୟରେ ନିଆଁ ଲାଗି ବିସ୍ଫୋରଣ ହୋଇଥିଲା।

# ଆଇଜି ଆତ୍ମହତ୍ୟା ଘଟଣା: ହଟିବେ ହରିୟାଣା ଡିଜିପି

ଚଣ୍ଡିଗଡ଼, ୯।୧୦ (ଏଜେନ୍ସି): ହରିୟାଣା ଆଇପିଏସ ଅଧିକାରୀ ଆଇଜି ୱାଇ ପୁରନ କୁମାରଙ୍କ ଆତ୍ମହତ୍ୟା ମାମଲା ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହାକୁ ନେଇ ରାଜ୍ୟ ସରକାର ଡିଜିପି ଶତ୍ରୁଜିତ କପୁର ଏବଂ ରୋହତକ ଏସ୍‌ପି ନରେନ୍ଦ୍ର ବିଜାରଣିଆଙ୍କୁ ହଟାଇ ପାରନ୍ତି। ସୁଇସାଇଡ ନୋଟରେ ନାମ ଥିବା ଡିଜିପି, ଏସ୍‌ପିଙ୍କ ସମେତ ସବୁ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ସହିତ ଗିରଫ କରିବା ପାଇଁ ମୃତ ଆଇଜିଙ୍କ ଆଇଏଏସ ପତ୍ନୀ ଅମନୀତ ପି. କୁମାର ମୁଖ୍ୟମନ୍ତ୍ରୀ ନାଏବ ସିଂହ ସାଇନିଙ୍କ ନିକଟରେ ଦାବି କରିଛନ୍ତି। ଏଥିଯୋଗୁଁ ଗୁରୁବାର ମଧ୍ୟ ଆଇଜିଙ୍କ ମୃତଦେହର ବ୍ୟବଚ୍ଛେଦ ହୋଇପାରି ନାହିଁ। ଚଣ୍ଡିଗଡ଼ର ସେକ୍ଟର-୧୬ ସ୍ଥିତି ସରକାରୀ ହସ୍ପିଟାଲର ଶବଗୃହରେ ତାଙ୍କ ମୃତଦେହ ରଖାଯାଇଛି। ପତ୍ନୀଙ୍କ ଦାବି ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀ ସମୟ ମାଗିଛନ୍ତି। ଏହା ପରେ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଏଥିରେ ମୁଖ୍ୟ ସଚିବ ଅନୁରାଗ ରସ୍ତୋଗି, ଡିଜିପି ଶତ୍ରୁଜିତ କପୁର ଏବଂ ମନ୍ତ୍ରୀ କୃଷ୍ଣଲାଲ ପନୱାର ସାମିଲ ହୋଇଥିଲେ। ବୈଠକ ପରେ ଗଣମାଧ୍ୟମ ସହ ଆଲୋଚନା ନ କରି ଡିଜିପି ପଳାଇ ଥିଲେ। କପୁରଙ୍କୁ ହଟାଇ ଓପି ସିଂହଙ୍କୁ ନୂଆ ଡିଜିପି ନିଯୁକ୍ତି କରାଯାଇପାରେ।

## ସରୋଗେସି ଆଇନକୁ ନେଇ ସୁପ୍ରିମକୋର୍ଟଙ୍କ ରାୟ

# ମା'-ବାପା କିଏ, ତାହା ସ୍ଥିର କରିପାରିବେନି ସରକାର



ନୂଆଦିଲ୍ଲୀ, ୯।୧୦ (ଏଜେନ୍ସି): ସରୋଗେସି ଆଇନକୁ ନେଇ ସୁପ୍ରିମକୋର୍ଟ ଗୁରୁବାର ବଡ଼ ରାୟ ଦେଇଛନ୍ତି। ୨୦୨୨ ପୂର୍ବରୁ ଭ୍ରୁଣ (ଫର୍ଟିଲାଇଜ ଏଗ୍) ଫ୍ରିଜ କରାଇ ଥିଲେ, ସରୋଗେସି ଆଇନ ଅଧିନରେ ଆଶ୍ୱସ୍ତି ମିଳିପାରେ ବୋଲି ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ କେଭି ବିଶ୍ୱନାଥାନଙ୍କ ଖଣ୍ଡପୀଠ କହିଛନ୍ତି। ଏହି ମାମଲାରେ କେନ୍ଦ୍ର ପକ୍ଷରୁ ବର୍ଦ୍ଧିତ ବୟସ ଉପରେ ଚିନ୍ତା ପ୍ରକଟ କରାଯାଇଥିଲା। ମାତ୍ର ସୁପ୍ରିମକୋର୍ଟ ଏହାକୁ ନେଇ କେନ୍ଦ୍ରକୁ ଭର୍ତ୍ସନା କରିଥିଲେ। ଆଉ କହିଥିଲେ ଯେ କିଏ ମା'-ବାପା ହେବେ ତାହା ସରକାର ଧାର୍ଯ୍ୟ କରିପାରିବେ ନାହିଁ। କାରଣ ପ୍ରାକୃତିକ ପ୍ରକ୍ରିୟାରେ ବି ବୟସ ନେଇ କୌଣସି ସୀମା ନାହିଁ। ଏହି ସମ୍ପୂର୍ଣ୍ଣ ମାମଲା ସରୋଗେସି ଆଇନ-୨୦୨୧ ସମ୍ବନ୍ଧିତ। ଏହା ୨୦୨୨ ଜାନୁଆରୀରେ କାର୍ଯ୍ୟକାରୀ ହୋଇଥିଲା। ଆଇନ ଅନୁଯାୟୀ ୨୬-୫୫ ବର୍ଷର ପୁରୁଷ ଏବଂ ୨୩-୫୦ ବର୍ଷର ମହିଳାଙ୍କୁ ସରୋଗେସି ପାଇଁ ଅନୁମତି ଦିଆଯିବ। ଏହି ଆଇନ ବିରୋଧରେ ଅନେକ ଆବେଦନ ଦାଏର କରାଯାଇଛି। ଚେନ୍ନଇର ଇନଫର୍ଟିଲିଟି ସ୍ପେସିଆଲିଷ୍ଟ ଡ. ଅରୁଣ ମୁଥୁୱେଲ ମୁଖ୍ୟ ଆବେଦନକାରୀ ଅଛନ୍ତି। ସେ ବାଣିଜ୍ୟିକ ସରୋଗେସିରୁ କଟକଣା ହଟାଇବା ପାଇଁ ଦାବି କରିଥିଲେ। ମାସାଧିକ କାଳ ଏହା ଉପରେ ଶୁଣାଣି କରି ସୁପ୍ରିମକୋର୍ଟ ଗତ ଜୁଲାଇରେ ରାୟ ସଂରକ୍ଷିତ ରଖିଥିଲେ।

ଖଣ୍ଡପୀଠ ରାୟ ଶୁଣାଇ କହିଛନ୍ତି ଯେ ଆଇନ ହେବା ପୂର୍ବରୁ ଦମ୍ପତିମାନେ ଭ୍ରୁଣ ଫ୍ରିଜ୍ କରାଇ ଥିଲେ। ସେତେବେଳେ ଏ ନେଇ କୌଣସି ବୟସ ସୀମା ନ ଥିଲା। ତେଣୁ ତାଙ୍କ ପାଖରେ ପୂର୍ବରୁ ସରୋଗେସି ଅଧିକାର ରହିଛି। ତେଣୁ ପୁରୁଣା ମାମଲା ଉପରେ ନୂଆ ଆଇନ ଲାଗୁ ହେବ ନାହିଁ। ଦମ୍ପତିଙ୍କ ସ୍ପର୍ମ ଏବଂ ଏଗ୍ ବାହାର କରି ଭ୍ରୁଣ ପ୍ରସ୍ତୁ ପରେ ଫ୍ରିଜ କରିଦିଆଯାଇଥିଲେ ସରୋଗେସି ପ୍ରକ୍ରିୟା ଆରମ୍ଭ ହେଲା ବୋଲି ଧରାଯିବ। ଏହା ପରେ ଦମ୍ପତିଙ୍କ କାମ ଶେଷ ହୋଇ ଯାଇଥାଏ। ପରବର୍ତ୍ତୀ ପ୍ରକ୍ରିୟା ସରୋଗେଟ ମାଆଙ୍କ ସମ୍ବନ୍ଧିତ ହୋଇଥାଏ। ତେବେ ଶୁଣାଣି ସମୟରେ ବୟସ୍କ ମାତାପିତା ପିଲାଙ୍କ ଯତ୍ନ ନେଇପାରିବେନି ବୋଲି କେନ୍ଦ୍ର ପକ୍ଷରୁ ଯୁକ୍ତି କରାଯାଇଥିଲା। ମାତ୍ର ଖଣ୍ଡପୀଠ ଏହାକୁ ଖାରଜ କରିଦେଇଥିଲେ। ମାତାପିତା ହେବାକୁ କିଏ ଯୋଗ୍ୟ ଏବଂ ଅଯୋଗ୍ୟ ତାହା ସରକାର ଧାର୍ଯ୍ୟ କରିପାରିବେ ନାହିଁ ବୋଲି କୋର୍ଟ କହିଥିଲେ। ଅଭିଭାବକଙ୍କ କ୍ଷମତା ଉପରେ ପ୍ରଶ୍ନ ଉଠାଇବା ଅନୁଚିତ। ପ୍ରଜନନରେ ସ୍ୱାଧୀନତାକୁ ଆଇନ ମାନ୍ୟତା ଦେଉଛି। ବୟସ ସମ୍ବନ୍ଧିତ ଚିନ୍ତା ସଂସଦର ବିଷୟ, କିନ୍ତୁ ପୁରୁଣା ମାମଲାରେ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ।

# ବିହାରରେ ବାଦ୍ ପଡ଼ିଥିବା ଭୋଟରଙ୍କୁ ମିଳିବ ମାଗଣା ଆଇନ ସହାୟତା: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୯।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ ତଥା ଏସଆଇଆର ବିରୋଧରେ ଦାଏର ଆବେଦନ ଉପରେ ଗୁରୁବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ଆବେଦନକାରୀଙ୍କ ପାଖରେ ତଥ୍ୟର ଅଭାବ ଏବଂ ଭାବପ୍ରବଣତା ଅଧିକ ରହିଛି ବୋଲି ଜଷ୍ଟିସ ଜୟମାଲ୍ୟ ବାଗଚୀ କହିଛନ୍ତି। କାରଣ ଭୁଲ୍ ଭାବେ ଭୋଟର ତାଲିକାରୁ ବାଦ୍ କରାଯାଇଥିବା ବହୁତ କମ୍ ଲୋକ ଯାଞ୍ଚ ଆବେଦନ କରୁଥିବା ଓକିଲ ଯୁକ୍ତି ବାଢିଥିଲେ। ତେବେ ସୁପ୍ରିମକୋର୍ଟ କହିଥିଲେ ଯେ ପ୍ରକ୍ରିୟାରେ ଯାହା ବି ଫଳାଫଳ ବାହାରୁନା କାହିଁକି, ଚୂଡ଼ାନ୍ତ ତାଲିକାରୁ ବାଦ୍ ପଡିଥିଲା ଲୋକଙ୍କ ଆଇନଗତ ସୁରକ୍ଷା କରିବା ବାଧ୍ୟତାମୂଳକ। ତେଣୁ ସେ ଏଭଳି ଲୋକଙ୍କୁ ମାଗଣା ଆଇନ ସହାୟତା ଦେବାକୁ ରାଜ୍ୟ ଲିଗାଲ ସର୍ଭିସ ଅଥରିଟି (ଏଲଏସଏ)କୁ ନିର୍ଦ୍ଦେଶ ଦେଇଛନ୍ତି। ବାଦ୍ ପଡ଼ିଥିବା ଲୋକଙ୍କ ତାଲିକା ସଂଗ୍ରହ କରି ଚିଠା ପ୍ରସ୍ତାବ ପ୍ରସ୍ତୁତ କରିବାକୁ ଏବଂ ଆଇନଗତ ସହାୟତା ଦେବାକୁ କୋର୍ଟ ଏଲଏସଏକୁ କହିଛନ୍ତି।

ଆବେଦନକାରୀ ଦର୍ଶାଇ ଥିଲେ ଯେ ଚୂଡ଼ାନ୍ତ ତାଲିକାରୁ ବାଦ ପଡ଼ିଥିବା ପ୍ରାୟ ୩.୬୬ ଲକ୍ଷ ଲୋକ ଆବେଦନ କରିପାରି ନଥିଲେ। କାରଣ ଭୋଟର ତାଲିକାରୁ ବାଦ ଦିଆଯାଇଥିବା ନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ କୌଣସି ବିଜ୍ଞପ୍ତି ଜାରି କରାଯାଇ ନ ଥିଲା। ଲୋକଙ୍କୁ ନିଜେ ଯାଞ୍ଚ କରିବା ପାଇଁ ଛାଡ଼ି ଦେଇଥିଲେ। ତେଣୁ ଇସି ପ୍ରକ୍ରିୟାରେ ଅବହେଳା କରିଛନ୍ତି ବୋଲି ଆବେଦନକାରୀ ଏଡିଆର ପକ୍ଷରୁ ଓକିଲ ପ୍ରଶାନ୍ତ ଭୂଷଣ ଯୁକ୍ତି ବାଢିଥିଲେ। ଏ ନେଇ ବାଦ ପଡିଥିବା ଶହେ ଲୋକଙ୍କୁ କୋର୍ଟରେ ହାଜର କରାଯାଇଥିଲା। କିନ୍ତୁ ସେମାନଙ୍କୁ ଇସିଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିଲା। ମାତ୍ର ବାଦ ପଡିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ନୋଟିସ ଦିଆଯାଇଥିବା ଇସିଙ୍କ ପକ୍ଷରୁ କୁହାଯାଇଥିଲା। ଆବେଦନକାରୀଙ୍କ ପକ୍ଷରୁ ଦାଏର ସତ୍ୟପାଠ ଉପରେ ମଧ୍ୟ ପ୍ରଶ୍ନ ଉଠା ଯାଇଥିଲା। ଶହେ ଲୋକଙ୍କ ବିବରଣୀ ମଧ୍ୟ ସନ୍ଦେହଘେରେରେ ଥିବା କୁହାଯାଇଥିଲା। ନିର୍ବାଚନ କମିଶନ ବିବରଣୀଗୁଡ଼ିକୁ ପୁଣି ଯାଞ୍ଚ ପାଇଁ ସମୟ ମାଗିଥିଲେ, ଯେଉଁଥିରେ ଦର୍ଶାଯାଇଥିଲା ଯେ ଭୋଟର ତାଲିକା ୧୭ ତାରିଖରେ ଅକାମୀ ହୋଇଯିବ। ଏହାକୁ ନେଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ ଯେ ଆମେ ଏହା ଉପରେ ବିଚାର କରିବୁ। ଯଦି ସମୟସୀମା ନାହିଁ, ତେବେ ଆମେ ସେଗୁଡ଼ିକୁ ସ୍ଥିର କରିପାରିବା। ନଚେତ ଧାଡିକିଆ ନିର୍ଦ୍ଦେଶ ସହିତ ଆବେଦନ ଖାରଜ କରିଦିଆଯିବ। ପୁଣିଥରେ ଏ ନେଇ କୋର୍ଟ ଆବେଦନକାରୀଙ୍କୁ ଆଶ୍ୱାସନା ଦେଇଛନ୍ତି।

# ଏନ୍‌ଡିଏ, ଇଣ୍ଡିଆର ଛିଡୁନି ଭାଗ; ଆସିଲା ପିକେଙ୍କ ପ୍ରାର୍ଥୀ ତାଲିକା

ପାଟନା, ୯।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି। ଲୋକଙ୍କୁ ନିଜ ଆଡକୁ ଆକୃଷ୍ଟ କରିବା ପାଇଁ ରାଜନୈତିକ ଦଳଗୁଡିକ ମାଗଣା ପ୍ରତିଶ୍ରୁତି ଦେବାରେ ଲାଗିଛନ୍ତି। କିନ୍ତୁ ପ୍ରମୁଖ ଶାସକ ଏବଂ ବିରୋଧୀ ମେଣ୍ଟର ଅଙ୍କ କଷା ଏ ପର୍ଯ୍ୟନ୍ତ ଛିଡି ପାରୁନାହିଁ। ମାତ୍ର ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋର (ପିକେ)ଙ୍କ ଦଳ ଜନ ସୁରାଜ ପାର୍ଟି ଆଗରେ ରହିଛି। ଆସନ ବଣ୍ଟନକୁ ନେଇ କ୍ଷମତାସୀନ ଦଳ ଅକଳରେ ପଡିଛି। କିଏ କେତେ ଆସନରେ ଲଢ଼ିବ ତାହାକୁ ନେଇ ବିଜେପି, ନୀତୀଶ କୁମାରଙ୍କ ଜେଡିୟୁ, ଜିତନ ରାମ ମାନ୍‌ଝୀଙ୍କ ହାମ୍, ଚିରାଗ ପାଶ୍ୱାନଙ୍କ ଆରଏଲଜେପି ଏବଂ ଉପେନ୍ଦ୍ର କୁଶ୍ୱାହଙ୍କ ଆରଏଲଏସପି ମଧ୍ୟରେ ଚିନ୍ତା ବୃଦ୍ଧି ପାଇଛି। ଏ ନେଇ ବିଜେପି ବିଭିନ୍ନ ଦଳଙ୍କ ସହ ଆଲୋଚନା ଜାରି ରଖିଛି। ଆଉ ଏହା ସକରାତ୍ମକ ରହିଥିବା କୁହାଯାଉଛି। ୧୩ ତାରିଖରେ ଏନ୍‌ଡିଓ ପକ୍ଷରୁ ଆସନ ବୁଝାମଣା ନେଇ ଘୋଷଣା କରାଯାଇପାରେ।

ଅନ୍ୟପଟେ ଇଣ୍ଡିଆ ମେଣ୍ଟର କଂଗ୍ରେସ, ଆରଜେଡି, ଭିଆଇପି, ସିପିଆଇ, ସିପିଆଇଏମଏଲ ଭଳି ଦଳ ସାମିଲ ରହିଛନ୍ତି। ଏହି ମେଣ୍ଟରେ ମଧ୍ୟ ଆସନ ବଣ୍ଟନକୁ ନେଇ ଅକଲ ଗୁଡମ ହୋଇଛି। କଂଗ୍ରେସ ଅଧିକ ଆସନ ମାଗୁଥିବାବେଳେ ଆରେଜେଡି ଏଥିରେ ରାଜି ହେଉନାହିଁ। ଗତ ବର୍ଷ ଯେତିକି ଆସନରେ କଂଗ୍ରେସ ଲଢିଥିଲା ସେତିକି ଦେବାକୁ ଚାହୁଁଛି। ନିଜ ପାଇଁ ଅଧିକ ଆସନ ଦାବି କରୁଛି। ଏଥିପାଇଁ ଗତ ଥରର ସମୀକରଣକୁ ଦର୍ଶାଉଛି। ସେହିପରି ମହାମେଣ୍ଟରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀକୁ ନେଇ ମଧ୍ୟ ବିବାଦ ରହିଛି। ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବାକୁ ଆରଜେଡି ଚାହୁଁଛି। କିନ୍ତୁ କଂଗ୍ରେସ ମୁଖ୍ୟମନ୍ତ୍ରୀ ଚେହେରା ବିନା ଲଢିବାକୁ ଚାହୁଁଛି। କିଏ କେତେ ଆସନରେ ଲଢିବା ତାହାକୁ ନେଇ ଦଳଗୁଡିକ ମଧ୍ୟରେ ବିବାଦ ଲାଗି ରହିଛି। ଏହା ମଧ୍ୟରେ ଜନସୁରାଜ ପାର୍ଟି ଗୁରୁବାର ନିଜର ପ୍ରଥମ ପ୍ରାର୍ଥି ତାଲିକା ଜାରି କରିଛି। ଏଥିରେ ୫୧ ଜଣଙ୍କ ନାମ ରହିଛି। ମାତ୍ର ଯାହାକୁ ଟିକଟ ମିଳିନି ସେମାନେ ହଙ୍ଗାମା ଆରମ୍ଭ କରିଦେଇଛନ୍ତି।

# ଟ୍ରମ୍ପଙ୍କ ସହ କଥା ହେଲେ ମୋଦୀ

ୱାସିଂଟନ, ୯।୧୦ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ କଥା ହୋଇଛନ୍ତି। ଗାଜା ଅସ୍ତ୍ରବିରତି ଯୋଜନାର ସଫଳତାକୁ ନେଇ ମୋଦୀ ଏହି ଅବସରରେ ଶୁଭେଚ୍ଛା ଜଣାଇଛନ୍ତି। ପଣବନ୍ଦୀଙ୍କୁ ମୁକ୍ତ ଏବଂ ଲୋକଙ୍କୁ ସହାୟତା କରିବାରେ ଏହି ଯୋଜନା ଉପଯୋଗୀ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତ ଏଭଳି ପ୍ରୟାସକୁ ସର୍ବଦା ସମର୍ଥନ କରିବ। ଆଜି ସନ୍ଧ୍ୟାରେ



ଫୋନ କରି ଟ୍ରମ୍ପଙ୍କ ସହିତ କଥା ହେବାପରେ ପ୍ରଧାନମନ୍ତ୍ରୀ 'ଏକ୍ସ'ରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, 'ଆଜି ମୁଁ ମୋର ମିତ୍ର, ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ସହିତ କଥା ହୋଇ ଗାଜା ଶାନ୍ତି ଯୋଜନାର ସଫଳତା ପାଇଁ ଅଭିନନ୍ଦନ ଜଣାଇଲି। ଭାରତ ଓ ଆମେରିକା ମଧ୍ୟରେ ଚାଲିଥିବା ବାଣିଜ୍ୟ କଥାବାର୍ତ୍ତାର ଅଗ୍ରଗତି ସଂପର୍କରେ ମଧ୍ୟ ଟ୍ରମ୍ପଙ୍କ ସହ କଥା ହୋଇଛି।' ବାଣିଜ୍ୟ ଆଲୋଚନାରେ ଭଲ ଅଗ୍ରଗତି ହୋଇଛି ବୋଲି ସୂଚନା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆଗାମୀ ଦିନରେ ମଧ୍ୟ ସେ ଏସଂପର୍କରେ ଆଲୋଚନା ଜାରି ରଖିବେ। ଏହା ସହିତ ପ୍ରଧାନମନ୍ତ୍ରୀ ମୋଦୀ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ମଧ୍ୟ ଫୋନ୍ କରି ଗାଜା ଶାନ୍ତି ଯୋଜନା ସଂପର୍କରେ ଆଲୋଚନା କରିଛନ୍ତି।

# ୨୫ ମୃତ୍ୟୁ ପରେ ଚେତା ପଶିଲା

ନୂଆଦିଲ୍ଲୀ, ୯ ।୧୦(ଏଜେନ୍ସି): ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ବିଷାକ୍ତ କୋଲଡ୍ରିଫ କଫ୍ ସିରପ୍ ପିଇ ୨୫ ଜଣ ଶିଶୁଙ୍କ ମୃତ୍ୟୁ ପରେ କେନ୍ଦ୍ର ସରକାରଙ୍କ ଚେତା ପଶିଛି। ଔଷଧ କମ୍ପାନୀଗୁଡିକର ଯାଞ୍ଚ ଓ ନମୁନା ପରୀକ୍ଷା କରିବାକୁ କେନ୍ଦ୍ରୀୟ ଡ୍ରଗ୍ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେସନ (ସିଡିଏସ୍‌ସିଓ) ନିଷ୍ପତ୍ତି ନେଇଛି। ସରକାର ମଧ୍ୟ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶକୁ ସିରପ ପ୍ରସ୍ତୁତ କରୁଥିବା କମ୍ପାନୀଗୁଡିକର ତାଲିକା ମାଗିଛନ୍ତି। କମ୍ପାନୀଗୁଡିକର ମାନ ଓ ସୁରକ୍ଷା ଯାଞ୍ଚ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ୩ଟି ସିରପ ଯଥା କୋଲଡ୍ରିଫ, ରେସ୍ପିଫ୍ରେସ-ଟିଆର ଓ ରିଲାଇଫ୍‌ର ବିକ୍ରିକୁ ବଜାରେ ସମ୍ପୂର୍ଣ୍ଣ ରୂପେ ନିଷେଧ କରାଯାଇଛି ବୋଲି ସିଡିଏସ୍‌ସିଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନକୁ କହିଛି। ପୁଣି ସବୁ ଔଷଧ ପସ୍ତୁତି କରିବା ପୂର୍ବରୁ କଞ୍ଚାମାଲ ଓ ପସ୍ତୁତ ହୋଇସାରିଥିବା ଔଷଧର ପରୀକ୍ଷା କରିବାକୁ ସିଡିଏସ୍‌ସିଓ ସବୁ ରାଜ୍ୟକୁ ନିର୍ଦ୍ଦେଶ ଦେଇଛି। ଏ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଚିନ୍ତା ପ୍ରକଟ କରିଛି।

**ସାରାଦେଶରେ କଫ୍ ସିରପ୍ କମ୍ପାନୀର ଯାଞ୍ଚ ହେବ**

**ରାଜ୍ୟମାନଙ୍କୁ ତାଲିକା ମାଗିଲା କେନ୍ଦ୍ର**

ମଧ୍ୟପ୍ରଦେଶ ଓ ତାମିଲନାଡୁ ପୁଲିସର ମିଳିତ କାର୍ଯ୍ୟାନୁଷ୍ଠାନ କ୍ରମେ ଶ୍ରୀସାନ ଫାର୍ମା କମ୍ପାନୀର ନିର୍ଦ୍ଦେଶକ ଗୋବିନ୍ଦନ ରଙ୍ଗନାଥନଙ୍କୁ ଗୁରୁବାର ଗିରଫ କରାଯାଇଛି। ମଧ୍ୟପ୍ରଦେଶ ସରକାର ଦ୍ୱାରା ଗଠନ କରାଯାଇଥିବା ସ୍ପେଶିଆଲ ଇନ୍‌ଭେଷ୍ଟିଗେଟିଭ ଟିମ୍ (ଏସ୍‌ଆଇଟି) ବୁଧବାର ରାତିରେ ଚେନ୍ନାଇରୁ ରଙ୍ଗନାଥନ ଓ ତାଙ୍କ ପତ୍ନୀଙ୍କୁ ଗିରଫ କରିଛି। ଏସ୍‌ଆଇଟି ତାଙ୍କଠାରୁ କମ୍ପାନୀର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଔଷଧର ନମୁନା ଓ ପ୍ରଡକସନ ରେକର୍ଡ ଜବତ କରିଛି। ତାଙ୍କ ଉପରେ ୨୦ ହଜାର ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା। ସେ ତାଙ୍କ ପତ୍ନୀଙ୍କ ସହ ଫେରାର ଥିଲେ। ଚେନ୍ନାଇରେ ତାଙ୍କର ଚେନ୍ନାଇ- ବେଙ୍ଗାଲୁରୁ ରାଜପଥରେ ଥିବା ୨, ୦୦୦ ବର୍ଗଫୁଟ୍‌ର ଆପାର୍ଟମେଣ୍ଟକୁ ସିଲ୍ କରିଦିଆଯାଇଛି। ସେହିପରି କେଡାମ୍ବାକାମ୍‌ରେ ଥିବା ତାଙ୍କ କାର୍ଯ୍ୟାଳୟକୁ ମଧ୍ୟ ବନ୍ଦ କରିଦିଆଯାଇଛି। ଇତିମଧ୍ୟରେ ଏହି ବିଷାକ୍ତ କଫ୍ ସିରପ ସେବନ କରି ମଧ୍ୟପ୍ରଦେଶରେ ମୃତ୍ୟୁବରଣ କରିଥିବା ଶିଶୁଙ୍କ ସଂଖ୍ୟା ୨୫ରେ ପହଞ୍ଚିଛି। ରଙ୍ଗନାଥନକୁ ଚେନ୍ନାଇର କୋର୍ଟରେ ହଜାର କରାଯିବା ପରେ ଟ୍ରାନଜିଟ୍ ରିମାଣ୍ଡ ଅନୁସାରେ ତାଙ୍କୁ ମଧ୍ୟପ୍ରଦେଶର ଛିନ୍ଦୱାଡ଼ା ନିଆଯାଇଥିଲା। କୋଲଡ୍ରିଫ୍ ତିଆରି କରୁଥିବା ଶ୍ରୀସେନ ଫାର୍ମାସ୍ୟୁଟିକାଲ କମ୍ପାନୀର ଲାଇସେନ୍ସକୁ ମଧ୍ୟ ରଦ୍ଦ କରିଦିଆଯାଇଛି।

# ଭାରତରେ ତାଲିବାନ ବିଦେଶ ମନ୍ତ୍ରୀ



ନୂଆଦିଲ୍ଲୀ, ୯ ।୧୦(ଏଜେନ୍ସି): ଆଫଗାନିସ୍ତାନର କାର୍ଯ୍ୟକାରୀ ବିଦେଶ ମନ୍ତ୍ରୀ ଅମୀର ଖାନ୍ ମୁତ୍ତାକୀ ଶୁକ୍ରବାର ଭାରତରେ ପହଞ୍ଚିଛନ୍ତି। ସେ ଗୋଟିଏ ସପ୍ତାହ ଭାରତରେ ରହିବେ। ୨୦୨୧ ଅଗଷ୍ଟରେ ଆଫଗାନିସ୍ତାନର ଶାସନଭାର ତାଲିବାନ ହାତକୁ ଯାଇଥିଲା। ସେ ପ୍ରଥମ ତାଲିବାନ ମନ୍ତ୍ରୀ ଭାବେ ଭାରତ ଗସ୍ତ କରିଛନ୍ତି। ତେଣୁ ଗସ୍ତର ଗୁରୁତ୍ୱ ଯଥେଷ୍ଟ ରହିଛି। ମୁତ୍ତାକୀଙ୍କୁ ଦିଲ୍ଲୀ ବିମାନ ବନ୍ଦରରେ ଜୋରଦାର ସ୍ୱାଗତ କରାଯାଇଥିଲା ବୋଲି ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଏକ୍ସରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ତାଙ୍କ ସହ ଦ୍ୱିପାକ୍ଷିକ ସମ୍ପର୍କ ଓ ବିଭିନ୍ନ ଆଞ୍ଚଳିକ ସମସ୍ୟା ନେଇ କଥାବାର୍ତ୍ତା କରିବାକୁ ବେଶ୍ ଉତ୍ସାହିତ ଅଛୁ ବୋଲି ସେ ଉଲ୍ଲେଖ କରିଛନ୍ତି। ଦୁଇ ଦେଶ ମଧ୍ୟରେ ସମ୍ପର୍କର ଉନ୍ନତିକୁ ପାକିସ୍ତାନ ହଜମ କରିପାରିନାହିଁ। ମୁତ୍ତାକୀଙ୍କ ଯାତ୍ରାରେ ଭାରତ ପାଇଁ ଏକ କୂଟନୈତିକ ସମସ୍ୟା ସୃଷ୍ଟି ହୋଇଛି। ଶୁକ୍ରବାର ମୁତ୍ତାକୀ ଜୟଶଙ୍କରଙ୍କୁ ଭେଟିବେ। ନିୟମ ଅନୁସାରେ ଏହି ବୈଠକରେ ଦୁଇ ଦେଶର ପତାକା ପ୍ରଚ୍ଛଦରେ ଦେଖିବାକୁ ମଳିଥାଏ। କିନ୍ତୁ ଭାରତ ଏପର୍ଯ୍ୟନ୍ତ ତାଲିବାନ ସରକାରଙ୍କୁ ମାନ୍ୟତା ପ୍ରଦାନ କରିନାହିଁ। ପୁଣି ନୂଆଦିଲ୍ଲୀରେ ଥିବା ଆଫଗାନିସ୍ତାନ ଦୂତାବାସରେ ଆଫଗାନିସ୍ତାନର ପୂର୍ବ ପତାକା ଉଡାଯାଉଛି। ମାନ୍ୟତା ନେଇ ନ ଥିବାରୁ ଦୂତାବାସରେ ତାଲିବାନ ସରକାରଙ୍କ ପତାକା ଉଡାଇବାକୁ ଅନୁମତି ଦେଇନାହାନ୍ତି। ତେଣୁ ଏଭଳି ସ୍ଥିତିରେ ମୁତ୍ତାକୀ- ଜୟଶଙ୍କରଙ୍କ ବୈଠକରେ କେଉଁ ପତାକା ଦେଖିବାକୁ ମିଳିବ ସେ ନେଇ ସସ୍‌ପେନ୍ସ ଜାରି ରହିଛି।

# ବିମାନରେ ଆମିଷ ଖାଇ ଶାକାହାରୀ ଡାକ୍ତରଙ୍କ ମୃତ୍ୟୁ; କୋଟିଏ କ୍ଷତିପୂରଣ ଦାବି

କଲମ୍ବୋ, ୯।୧୦ (ଏଜେନ୍ସି): କାତାର ଏୟାରୱେଜର ଏକ ବିମାନରେ ଜଣେ ଶାକାହାରୀ ଡାକ୍ତରଙ୍କୁ ଆମିଷ ଖାଦ୍ୟ ଖାଇବାକୁ ଦିଆଯାଇଛି। ଏହା ଖାଇବା ପରେ ଅଣନିଃଶ୍ୱାସୀ ହୋଇ ୮୫ ବର୍ଷୀୟ ହୃଦ୍‌ରୋଗ ବିଶେଷଜ୍ଞ ଡ. ଅଶୋକ ଜୟବୀରଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ଡ.ଜୟବୀରଙ୍କ ପୁଅ କାତାର ଏୟାରୱେଜ ବିରୋଧରେ ହତ୍ୟା ଏବଂ ଚିକିତ୍ସାରେ ଅବହେଳା ମାମଲା ରୁଜୁ କରିଛନ୍ତି। ଏହା ସହିତ ୧.୧୫ କୋଟି




ଟଙ୍କାର କ୍ଷତିପୂରଣ ମାଗିଛନ୍ତି। ୨୦୨୩ ଜୁନ୍‌ରେ ଏହି ଘଟଣା ଘଟିଥିଲା। ଏବେ ତାହା ସାମ୍‌ନାକୁ ଆସିଛି। ସେ ସମୟରେ ଜୟବୀର ଲସ୍ ଏଞ୍ଜେଲ୍ସରୁ କଲମ୍ବୋ ଯାଉଥିଲେ। ଏହି ଯାତ୍ରା ୧୫.୫ ଘଣ୍ଟାର ଥିଲା। ଏହି ସମୟରେ ସେ ଶାକାହାରୀ ଭୋଜନ ମଗାଇ ଥିଲେ। ମାତ୍ର ଫ୍ଲାଇଟ୍ ଆଟେନଡାଣ୍ଟ ତାଙ୍କୁ ଶାକାହାରୀ ଖାଦ୍ୟ ନ ଥିବା କହିଥିଲେ। ଏହା ପରେ ମାଂସାହାରୀ ଖାଦ୍ୟ ପରସି ଖାଇବାକୁ କହିଥିଲେ। ରିପୋର୍ଟ ଅନୁଯାୟୀ ଏହି ଖାଦ୍ୟ ଖାଇବା ପରେ ହିଁ ଜୟବୀର ଅଣନିଃଶ୍ୱାସୀ ହେବାରେ ଲାଗିଥିଲେ। ସେ ଚେତା ହରାଇ ପଡ଼ି ଯାଇଥିଲେ। ଫ୍ଲାଇଟ୍‌ର କ୍ରୁ ସଦସ୍ୟ ମଝି ଆକାଶରେ ଅନ୍‌ଲାଇନ ମାଧ୍ୟମରେ ଡାକ୍ତରଙ୍କ ସହାୟତା ନେଇଥିଲେ। କିନ୍ତୁ ତାଙ୍କ ସ୍ଥିତି ବିଗିଡ଼ି ଚାଲିଥିଲା। ଶେଷରେ ସ୍କଟଲାଣ୍ଡର ଏଡିନବର୍ଗରେ ବିମାନ ଓହ୍ଲାଇ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିଲା। ଏହାର ମାସେ ତିନି ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ଜୟବୀରଙ୍କ ପରଲୋକ ହୋଇଥିଲା। ଏସ୍ପିରେସନ ନିମୋନିଆ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିଲା। ଭୁଲ୍‌ରେ ଭୋଜନ କିମ୍ବା ତରଳ ପଦାର୍ଥ ଖାଇଲେ ଏହି ଫୁସଫୁସ ଜନିତ ରୋଗ ହୋଇଥାଏ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-104 ◆FRIDAY ◆10 OCTOBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୧୦୪ ◆ଶୁକ୍ରବାର ◆୧୦ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦







# ସାକ୍ଷୀଗୋପାଳରୁ ବିଜେଡିର ଜନସମ୍ପର୍କ ପଦଯାତ୍ରା ଆରମ୍ଭ

ଭୁବନେଶ୍ୱର/ସାକ୍ଷୀଗୋପାଳ, ୯।୧୦(ସମିସ): ଓଡ଼ିଶାର ବରପୁତ୍ର ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ଆଜି ବିଜେଡିର ଜନସମ୍ପର୍କ ପଦଯାତ୍ରା ଉତ୍କଳମଣିଙ୍କ ଜନ୍ମମାଟି ସୁଆଣ୍ଡୋ ଗ୍ରାମରୁ ଆରମ୍ଭ ହୋଇଛି। ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ସଞ୍ଜୟ ଦାସବର୍ମା, ଡ. ଅରୁଣ କୁମାର ସାହୁ, ଡ. ଅମର ପଟ୍ଟନାୟକ, ଉମାକାନ୍ତ ସାମନ୍ତରାୟ, ସୁନିଲ ମହାନ୍ତି, ଅମରେଶ ପତ୍ରୀ, ସଂଜିତ ମହାନ୍ତି, ସୁବ୍ରତ ଛାଟୋଇ, ସୁନୀଲ ପଣ୍ଡା ପ୍ରମୁଖ ସୁଆଣ୍ଡୋରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା। ପରେ ସାକ୍ଷୀଗୋପାଳ ମନ୍ଦିର ନିକଟରୁ ସୁଆଣ୍ଡୋ ଗ୍ରାମ ପର୍ଯ୍ୟନ୍ତ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ହଜାର ହଜାର କର୍ମୀ ଅଂଶଗ୍ରହଣ କରିଥିଲେ। ଅପରପକ୍ଷେ, ଏହି ପଦଯାତ୍ରା ରାଜଧାନୀ ଭୁବନେଶ୍ୱର ସମେତ ସାରା ରାଜ୍ୟରେ ଅନୁଷ୍ଠିତ ହୋଇଛି। ଆଜିଠାରୁ ଆରମ୍ଭ ହୋଇ ଆସନ୍ତା ଏକ ମାସ ଅର୍ଥାତ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ପଦଯାତ୍ରା ଜାରି ରହିବ। ଏହି ଅବସରରେ ବିଜେପି ସରକାରଙ୍କ ବିଫଳତା ଓ କୁଶାସନ ବିଷୟରେ ଲୋକଙ୍କୁ ଦଳ ସଚେତନ କରିବ ବୋଲି କହିଛି।

ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଦେବୀପ୍ରସାଦ ମିଶ୍ର କହିଥିଲେ ଯେ ରାଜ୍ୟବାସୀଙ୍କୁ ଅନେକ ମିଥ୍ୟା ପ୍ରତିଶ୍ରୁତି ଦେଇ ବିଜେପି କ୍ଷମତାକୁ ଆସିଛି। ଗତ ୧୫ମାସରେ ବିଜେପି ସରକାର ରାଜ୍ୟବାସୀଙ୍କୁ ସୁଶାସନ ପ୍ରଦାନ ଓ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛି। ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ମଦମୁକ୍ତ ଓଡ଼ିଶା ଗଠନ ନାରା ଦେଇଥିବା ବେଳେ ସରକାର ରାଜ୍ୟରେ ନୂଆ ମଦ ଦୋକାନ ଓ ମଦ କାରଖାନା ଖୋଲୁଛନ୍ତି। ଆଜି ସାରମୁଠେ ପାଇବା ପାଇଁ ରାଜ୍ୟର ଚାକିରି ଦେବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଥିବା ବେଳେ ଚାକିରି ଖୋଲା ବଜାରରେ ବିକ୍ରି ହେଉଛି। ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ ଆସିଥିବା ବେଳେ, କେନ୍ଦ୍ର ସରକାରଙ୍କ ଅବହେଳା ଆହୁରି ବଢ଼ିଛି। ବିଜେପିର କୁଶାସନ



■ ୧୫ମାସର ଶାସନରେ ସୁଶାସନ ଦେବାରେ ବିଜେପି ବିଫଳ

■ ବିଜେପି ସରକାରଙ୍କ ବିଫଳତା ଓ କୁଶାସନ ବିଷୟରେ ଲୋକଙ୍କୁ ସଚେତନ କରିବ ବିଜେଡି

କୃଷକମାନେ ରାଜରାସ୍ତାରେ। ମିଶନ ଶକ୍ତିକୁ ବନ୍ଦ କରିବା ପାଇଁ ସରକାର ଚକ୍ରାନ୍ତ କରୁଛନ୍ତି। ରାଜ୍ୟରେ ଓଡ଼ିଆ ଅସ୍ମିତା ଭୂଲୁଣ୍ଠିତ ହେଉଛି। ବିଏସ୍‌କେୱାଇ ବଦଳରେ ରାଜ୍ୟ ସରକାର ଆୟୁଷ୍ମାନ ଆଣିଲେ ହେଁ ବିଏସକେୱାଇରେ ମିଳୁଥିବା ସୁବିଧା ଆୟୁଷ୍ମାନରେ ମିଳି ପାରୁନାହିଁ। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିମାନଙ୍କ କ୍ଷମତାକୁ ସଂକୁଚିତ କରିଦେଇଛନ୍ତି। ଯୁବବର୍ଗଙ୍କୁ ଓ ବିଫଳତାକୁ ପଦଯାତ୍ରା ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବ ବୋଲି ଶ୍ରୀ ମିଶ୍ର କହିଥିଲେ।

ଭୁବନେଶ୍ୱରରେ ଆୟୋଜିତ ଜନସଂପର୍କ ପଦଯାତ୍ରା କାର୍ଯ୍ୟକ୍ରମରେ ଅଶୋକ ପଣ୍ଡା, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ସୁଲୋଚନା ଦାସ, ମନ୍ମଥ ରାଉତରାୟ, ମଞ୍ଜୁଲତା କହଁରଙ୍କ ସହ ବହୁ କର୍ପୋରେଟର୍, ପୂର୍ବତନ କର୍ପୋରେଟର୍, ମହିଳା, ଯୁବ ଓ ଛାତ୍ରଙ୍କ ସମେତ ବହୁ ନେତା ସାମିଲ ଥିଲେ।




# ଅବକାରୀ ବିଭାଗର ଚଢ଼ଉ; ୪ ଗିରଫ

ମୋରଡା, ୯।୧୦(ସମିସ): ମୋରଡା ଅବକାରୀ ବିଭାଗ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଚାରିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମୋରଡା ଅବକାରୀ ଅଧିକାରୀ ଦୀପକ କୁମାର ରାଉତଙ୍କ ସୂଚନା ମୁତାବକ, ଅବକାରୀ ବିଭାଗ ଡାକୋଇ ଏବଂ ଇଦର ଗ୍ରାମରେ ଚଢ଼ଉ କରି ମୋଟ ୬୦ ଲିଟର ଦେଶୀ ମଦ ଜବତ କରିବା ସହିତ ବାରି ଟୁଡୁ, ରାଣୀ ମୁର୍ମୁ ଏବଂ ଘାସିରାମ ଟୁଡୁଙ୍କୁ ଗିରଫ କରିଛି। ସେହିପରି ସୁବାନଡ଼ିହି ଗ୍ରାମରେ ଚଢ଼ଉ କରି ୧୫ ଲିଟର ଦେଶୀ ମଦ ଜବତ କରିବା ସହିତ ଗଣେଶ ଟୁଡୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ବୃଦ୍ଧଙ୍କ ଝୁଲନ୍ତା ଶବ ଉଦ୍ଧାର

କୁଆମରା, ୯।୧୦(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ ଉପରକଡଦା ଗ୍ରାମର ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତକ ହେଉଛନ୍ତି ପୁନ ସିଂ (୬୫)। ସୂଚନା ମୁତାବକ ପୁନ ସକାଳେ ବିଲକୁ ଯାଇଥିବାବେଳେ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବାରୁ ଜଙ୍ଗଲର ଏକ ଗଛରେ ଝୁଲୁଥିବାର ଦେଖିବାକୁ ପାଇଥିଲେ। ପରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଉଦଳା ପଠାଇଛି। ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡ଼ିବ।

**ନିର୍ବାଚନ କମିଶନରଙ୍କ ତଞ୍ଚକତାରୁ ମୟୂରଭଞ୍ଜ ହରାଇଛି ଗୋଟିଏ ବିଧାନସଭା ଆସନ**

# ସର୍ବୋଚ୍ଚ ଅଦାଲତ ଯିବାକୁ ଆଇନଜୀବୀ ଓ ସଚେତନ ନାଗରିକ ସଜବାଜ

ବେତନଟୀ, ୯।୧୦(ସମିସ): ଭାରତ ଏକ ସାର୍ବଭୌମ ସାଧାରଣତନ୍ତ୍ର ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ୧୯୫୦ ଜାନୁଆରୀ ୨୬ ତାରିଖ ଠାରୁ ସାରା ବିଶ୍ୱରେ ମାନ୍ୟତା ପାଇ ଆସିଛି; ମାତ୍ର ସମ୍ବିଧାନକୁ ଉଲ୍ଲଂଘନ କରାଯାଇ ମୟୂରଭଞ୍ଜ ଭଳି ଏକ ଆର୍ଥିକ ଅନଗ୍ରସର ଆଦିବାସୀ ବହୁଳ ଜିଲ୍ଲା ଜନସାଧାରଣଙ୍କୁ ନାଗରିକ ଓ ମୌଳିକ ଅଧିକାରରୁ ନିର୍ବାଚନ କମିଶନର ବଞ୍ଚିତ କରି ଆସିଛି। ଜିଲ୍ଲାବାସୀ ସେମାନଙ୍କ ହକ ପାଇଁ ରାଜରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିପାରି ନଥିବା ଏବଂ ନେତୃତ୍ୱ ନେଉଥିବା ସୁବିଧାବାଦୀ ରାଜନେତାମାନେ ଦଳୀୟ ପଦ ପଦବୀ ହରାଇବା ଭୟରେ ଅଣ୍ଟା ଭିଡି ପାରି ନଥିବାରୁ ଜିଲ୍ଲାରେ ଥିବା ୧୦ଟି ବିଧାନସଭା ଆସନ ୧୯୭୪ରୁ ୨୦୦୮ ପର୍ଯ୍ୟନ୍ତ ରହି ଆସିଥିଲା। ହେଲେ ଗତ ୨୦୦୯ରୁ ୯କୁ ହ୍ରାସ ପାଇଛି। ଏଭଳି ଉଦାହରଣ ରାଜ୍ୟର ଅନ୍ୟ କୌଣସି ଜିଲ୍ଲାରେ ଦେଖିବାକୁ ମିଳିନାହିଁ। ମୟୂରଭଞ୍ଜ ଜିଲ୍ଲାର ଜନସଂଖ୍ୟାକୁ ନେଇ ୨୦୦୮ ଯାଏ ୧୦ଟି ବିଧାନସଭା ଆସନ ରହି ଆସିଥିବା ବେଳେ ୨୦୦୯ରେ ନିର୍ବାଚନ କମିଶନ ବିଧାନସଭା ଆସନର ପୁର୍ନଗଠନ କରିଥିଲେ। ହେଲେ ତଞ୍ଚକତା କରି ୧୦ରୁ ୯ ଆସନକୁ ହ୍ରାସ କରିଦେଇଛନ୍ତି ନିର୍ବାଚନ କମିଶନ। ଜିଲ୍ଲାରୁ ପ୍ରତିନିଧିତ୍ୱ କରି ଆସୁଥିବା ଲୋକ ପ୍ରତିନିଧି ଅଥବା ରାଜ୍ୟ ସରକାର ନିଜ ଆଡୁ ଏବଂ ସାଂସଦମାନେ ଜିଲ୍ଲାବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ କେଉଁ କାରଣରୁ ମୁହଁ ଖୋଲି ପ୍ରତିବାଦ କରି ନାହାନ୍ତି ତାହା ଅଧିକ ସନ୍ଦେହଜନକ। ଜନସଂଖ୍ୟା ଆଧାରରେ ନିର୍ବାଚନ ମଣ୍ଡଳୀ ଗଠନ ବା ପୁର୍ନଗଠନ ହେବାର ସାମ୍ବିଧାନିକ ବ୍ୟବସ୍ଥା ଥିବାବେଳେ ଯେଉଁ କମିଟି ଏ ଜିଲ୍ଲାରେ ନିର୍ବାଚନ ମଣ୍ଡଳୀ ପୁର୍ନଗଠନ ପାଇଁ ଜନସଂଖ୍ୟା ଆଧାରରେ ବଢ଼ାଇବା ବଦଳରେ ଉଚ୍ଛେଦ କରିବା ପାଇଁ ଯେଉଁ ପ୍ରସ୍ତାବ ଦେଇଥିଲେ ତାହା ତଞ୍ଚକତା ଥିଲା। ଜିଲ୍ଲାବାସୀଙ୍କୁ ସେମାନଙ୍କ ସାମ୍ବିଧାନିକ ମୌଳିକ ଅଧିକାରରୁ ବଞ୍ଚିତ ଓ ଉପେକ୍ଷା ଜାଣିଶୁଣି ନିର୍ବାଚନ କମିଶନର କରିଥିଲେ। ତେଣୁ ଏହାର ପ୍ରମାଣ ଖୋଜିବାର ଆବଶ୍ୟକତା ନାହିଁ। ଗଣତନ୍ତ୍ରରେ ସଂଖ୍ୟା ଗରିଷ୍ଠତାକୁ ହିଁ ସବୁ କ୍ଷେତ୍ରରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ। ୧୯୮୧ ମସିହା ଜନଗଣନାରେ ଏ ଜିଲ୍ଲାର ଜନସଂଖ୍ୟା ୧୫ ଲକ୍ଷ ୮୧ ହଜାର ୮୭୩ ଥିବା ବେଳେ ୨୦୦୧ରେ ଜନସଂଖ୍ୟା ୨୨ ଲକ୍ଷ ୨୩ ହଜାର ୪୫୬ ଥିଲା। ସେହିପରି ୨୦୧୧ ଜନଗଣନା ଅନୁସାରେ ଜନସଂଖ୍ୟା ୨୫ ଲକ୍ଷ ୧୯ ହଜାର ୭୩୮ ରେ ପହଞ୍ଚିବା ପରିସଂଖ୍ୟାନରୁ ଜଣାଯାଏ। ଆନୁପାତିକ ହାରରେ ଜନସଂଖ୍ୟା ବୃଦ୍ଧି ଘଟି ଚାଲିଥିବା ବେଳେ ୧୯୭୪ରୁ ୨୦୦୮ ମସିହା ପର୍ଯ୍ୟନ୍ତ ୧୦ଟି ବିଧାନସଭା ଆସନ ରହିଥିଲା। ୨୦୦୯ ମସିହାରେ ଏହା ଜନସଂଖ୍ୟା ଅଭିବୃଦ୍ଧି ସତ୍ତ୍ୱେ ୧୦ରୁ ୧୧ ହେବା ବଦଳରେ କିପରି ୯ ହେଲା ତାହା ତଦନ୍ତ ସାପେକ୍ଷ। ସେହିପରି ନିର୍ବାଚନ କମିଶନରଙ୍କ ତ୍ରୁଟିପୂର୍ଣ୍ଣ ରିପୋର୍ଟ ସର୍ବୋଚ୍ଚ ଅଦାଲତରେ ଜନସ୍ୱାର୍ଥ ଦୃଷ୍ଟିରୁ ନ୍ୟାୟ ପ୍ରଦାନ ନିମନ୍ତେ ଦାବି ଉପସ୍ଥାପନ କରାଯିବ ବୋଲି ଜିଲ୍ଲାର ଆଇନଜୀବୀ, ସଚେତନ ନାଗରିକ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ୨୦୦୯ ମସିହା ପର୍ଯ୍ୟନ୍ତ ରାଜ୍ୟରେ ବିଜେପି ଓ ବିଜେଡିର ମିଳିତ ସରକାର ରହି ଆସିଥିବା ବେଳେ ନିର୍ବାଚନ କମିଶନରଙ୍କ ତଞ୍ଚକତାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲେଞ୍ଜ କରା ନ ଯିବା ଯୋଗୁଁ ଇଚ୍ଛାକୃତ ଭାବେ ଗୋଟିଏ ଜିଲ୍ଲାର ଜିଲ୍ଲାବାସୀଙ୍କ ହକକୁ ଏଡାଇ ଦିଆଯାଇଥିବା ପ୍ରମାଣିତ ହୋଇଛି। ଗଣତନ୍ତ୍ର ନାମରେ ପ୍ରହସନ ଓ ଏକଚ୍ଛତ୍ରବାଦର ଶାସନ ଚାଲିଥିବାରୁ ଏହାକୁ ହଟାଇବା ପାଇଁ ଜନଆନ୍ଦୋଳନର ଜରୁରୀ ବୋଲି ବେତନଟୀ ସିଟିଜେନ ଫୋରମ, ସିଭିଲ ସୋସାଇଟି, ବଣିକ ସଂଘ, ଜିଲ୍ଲା ନାଗରିକ ମଞ୍ଚ ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସତର୍କ କରି ଦିଆଯାଇଛି।

# ଶାଳଗାଁରେ ବନ୍ୟପ୍ରାଣୀ ସପ୍ତାହ ପାଳିତ




ବଡସାହି, ୯।୧୦(ସମିସ): ବଡସାହି ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଶାଳଗାଁର ରାଜ୍ୟ ଅବସରପ୍ରାପ୍ତ ଜଙ୍ଗଲ ପଦାଧିକାରୀ କଲ୍ୟାଣ ସଂଘ ଓଡ଼ିଶା, ଇକୋକ୍ଲବ, ଶାଳଗାଁ ସହଯୋଗରେ ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଛି। ଇକୋକ୍ଲବର ସଂଯୋଜକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଓଷ୍ଟା ଜିଲ୍ଲା ଯୁଗ୍ମ ସମ୍ପାଦକ ପ୍ରଭାସ କୁମାର ନାୟକ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅରୁଣ କୁମାର ପାତ୍ର, ସ୍ୱତନ୍ତ୍ର ଅତିଥି ଦିଲ୍ଲୀପ କୁମାର ବାରିକ, ମୁଖ୍ୟବକ୍ତା ଭାବେ ବଟକୃଷ୍ଣ ପାଢ଼ୀ ଅବସର ପ୍ରାପ୍ତ ଉପ ବନ ସଂରକ୍ଷକ, ସମ୍ମାନିତ ଅତିଥି ଭାବେ ଅଜୟ କୁମାର ଦାସ ଅବସରପ୍ରାପ୍ତ ବନାଞ୍ଚଳଅଧିକାରୀ, ସରୋଜ କୁମାର ବେହେରା ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ, ଜୟନ୍ତୀ ପାତ୍ର ବେତନଟୀ ଜଙ୍ଗଲ ବିଭାଗର ବନରକ୍ଷୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ, ଅତିଥି ବୃନ୍ଦ, ଶିକ୍ଷକ ଶିକ୍ଷୟିତ୍ରୀ ପ୍ଲାକାର୍ଡ ଧରି ସଚେତନତା କରିଥିଲେ। କାର୍ଯ୍ୟକ୍ରମରେ ଶାଳଗାଁ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ବୃନ୍ଦ ଓ ଗ୍ରାମବାସୀ ବୃନ୍ଦ ଯୋଗ ଦେଇଥିଲେ। ଛାତ୍ରୀ ପ୍ରିୟଙ୍କା ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଅଭୁଲା ପାଦଚିହ୍ନର ସ୍ମୃତି ପୁସ୍ତିକା ଉନ୍ମୋଚିତ



କରଞ୍ଜିଆ, ୯।୧୦(ସମିସ): ସାମ୍ବାଦିକ ମଦନ କୁମାର ସାହୁଙ୍କ ଏକାଦଶାହରେଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ତାଙ୍କ ବଡଭାଇ ଦିଲ୍ଲୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ସଭାରେ ସ୍ୱର୍ଗତ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅଭୁଲା ପାଦଚିହ୍ନର ସ୍ମୃତି ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଡାକ୍ତର କାହ୍ନୁ ଦାସ, ସମ୍ମାନିତ ଅତିଥି ଭାବେ କବି ଭରତ ଚନ୍ଦ୍ର ଦାଶ, ଶତ୍ରୁଘ୍ନ ପୃଷ୍ଟି, କାଶୀନାଥ ମହାନ୍ତ, ବିକାଶ ସାହୁ, ସଜ୍ଜନ ଅଗ୍ରୱାଲା, ଚନ୍ଦ୍ରମୋହନ ପାତ୍ର, ବଳରାମ ପୃଷ୍ଟି, ସୁରେଶ ଅଗ୍ରୱାଲା, ନାରାୟଣ ସାହୁ, କର୍ଣ୍ଣାର୍ଜୁନ ସାହା, ରଙ୍ଗାଧର ପାତ୍ର, ଶରତ ସାହୁ, ବରୁଣଚନ୍ଦ୍ର ସାହା, ସା ସାହୁ, ନିଟୁ ସାମନ୍ତରାୟ, ସୁଶିଲ ଅଗ୍ରୱାଲା ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଆଇନଜୀବି ଚିତ୍ତରଞ୍ଜନ ମିଶ୍ର, ସଞ୍ଜୟ ସାହୁ, ପ୍ରଦୀପ ଚୌଧୁରୀ, ବାବୀ ପୃଷ୍ଟି, ସୁଶାନ୍ତ ଦାସ, ବିଶ୍ୱଜିତ୍ ଚୌଧୁରୀ, ସାମ୍ବାଦିକ ଭାଗବତ ଚନ୍ଦ୍ର ଦାସ, ଅରୁଣ କୁମାର ବେହେରା, ଧରଣୀଧର ପ୍ରଧାନ, ସୁରେନ୍ଦ୍ର ନାୟକ, ଗୌରୀ ସିନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଅତିଥି ବୃନ୍ଦ ସ୍ୱର୍ଗତ ସାହୁଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ସେ ଜଣେ ସାମ୍ବାଦିକ, ଓକିଲ, ଶିକ୍ଷାବିତ୍ ତଥା ସଫଳ ବ୍ୟବସାୟୀ ଥିଲେ ବୋଲି ବକ୍ତାମାନେ କହିଥିଲେ। ଶେଷରେ ଦୀପକ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିକାଶନଗରରେ ୨୭ତମ ଗଜଲକ୍ଷ୍ମୀ ପୂଜା



ରାଇରଙ୍ଗପୁର, ୯।୧୦(ସମିସ): ମା'ଦୁର୍ଗାଙ୍କ ମେଲାଣୀ ନେବାର ଦିନ କେତେଟା ପରେ ଜଗତଜନନୀ ମା' ଗଜଲକ୍ଷ୍ମୀ ଧରା ପୃଷ୍ଠକୁ ଅବତରଣ କରିଛନ୍ତି। ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ସହରର ବିକାଶ ନଗରରେ ପୂଜା କମିଟି ତରଫରୁ ୨୭ତମ ମା' ଗଜଲକ୍ଷ୍ମୀ ବେଶ ଧୂମଧାମରେ ପାଳନ କରାଯାଇଛି। ସୁନ୍ଦର ତୋରଣ ସହିତ ଆକର୍ଷଣୀୟ ମୃଣ୍ମୟ ମୂର୍ତ୍ତି ଦେଖିବାକୁ ବହୁତ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗିରହୁଛି। ସମସ୍ତ ଶ୍ରଦ୍ଧାଳୁ ଭୋଗରାଗ ଧରି ଆସି ପୂଜାର୍ଚ୍ଚନା କରି ମା' ଙ୍କ ଆଶୀର୍ବାଦ ନେଇଥିଲେ। ପ୍ରାକ୍ତନ ଅଧ୍ୟାପକ ନିକୁଞ୍ଜ କିଶୋର ମିଶ୍ରଙ୍କ ପୌରୋହିତ୍ୟରେ ସୂର୍ଯ୍ୟପୂଜା, ହୋମ ତଥା ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଦୁବୁଲାବେଡା ପୋଖରୀରୁ କଳସଲାଗି କରାଯାଇଥିଲା। କର୍ତ୍ତା ଭାବେ ମଣ୍ଡଳ ବାବୁ ଦାୟିତ୍ୱ ତୁଲାଇଛନ୍ତି। କମିଟି ତରଫରୁ ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା।

● ଦୁଇ ଛାତ୍ରଙ୍କୁ ନିର୍ଯାତନା ଘଟଣା

# ନ୍ୟାୟ ମିଳିଲା; ପୁଣି ସ୍କୁଲକୁ ଫେରିଲେ ପ୍ରଧାନ ଶିକ୍ଷକ

କୁଆମରା, ୯।୧୦(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ଉଚ୍ଚ ବିଦ୍ୟାଳୟରେ ତିନି ମାସ ତଳେ ପ୍ରଧାନ ଶିକ୍ଷକ ଶିଶିର କୁମାର ପାତ୍ର ଦୁଇ ଛାତ୍ରଙ୍କୁ ନିର୍ଯାତନା ଦେଇଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ଜୁଲାଇ ୧୭ ତାରିଖରେ ଜିଲ୍ଲା ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ଦଣ୍ଡ ସ୍ୱରୂପ ବଡ଼ସାହି ବ୍ଲକ ପ୍ରତାପପୁର ଉଚ୍ଚ ବିଦ୍ୟାଳୟକୁ ବଦଳି କରିଥିଲେ। ପୁଣି ୩୦ ତାରିଖରେ ସେଠାରୁ କୋରାପୁଟ ଜିଲ୍ଲାକୁ ବଦଳି କରାଯାଇଥିଲା; ମାତ୍ର ଶାରିରୀକ ଅସୁସ୍ଥତା ଦେଖାଇ ସେ ଛୁଟିରେ ରହିବା ସହିତ ନ୍ୟାୟ ପାଇଁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଶେଷରେ ଉଚ୍ଚ ନ୍ୟାୟାଳୟରେ ବିଚାର ପରେ ଅଦାଲତଙ୍କ ନିର୍ଦ୍ଦେଶ କ୍ରମେ ସେ ପୁଣି କୁଆମରା ଉଚ୍ଚ ବିଦ୍ୟାଳୟରେ ଯୋଗ ଦେଇଛନ୍ତି। ତେବେ ଏହାକୁ ସହଜରେ ଗ୍ରହଣ କରି ପାରୁନାହାଁନ୍ତି ଅଭିଭାବକ। ନିର୍ଯାତନା ମାମଲାରେ ପ୍ରଧାନ ଶିକ୍ଷକ ଓ ଜଣେ ସହକାରୀ ଶିକ୍ଷକ ବିବାଦରେ ଛନ୍ଦି ହୋଇଥିଲେ। ତେବେସହକାରୀ ଶିକ୍ଷକ ଜଣଙ୍କୁ ଖୁଣ୍ଟା ଉଚ୍ଚ ବିଦ୍ୟାଳୟକୁ ଡେପୁଟେସନରେ ପଠାଇଛି ଶିକ୍ଷା ବିଭାଗ। ପରେ ଏହି ଘଟଣାକୁ ନେଇ ପରିଚାଳନା କମିଟି ସଭାପତି ଏବଂ କେତେକ ସଭ୍ୟ ଇସ୍ତଫା ଦେବା ଯୋଗୁଁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଦୁଇ ଅଭିଭାବକଙ୍କ ଅଭିଯୋଗ କ୍ରମେ ଖୁଣ୍ଟା ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ରଞ୍ଜୁଲତା ଜେନା ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିଲେ। ହେଲେ ଘଟଣାର ୮୧ ଦିନ ପରେ ଶ୍ରୀ ପାତ୍ର ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ପୁଣି ଯୋଗ ଦେଇଛନ୍ତି।

# ବରିଷ୍ଠ ସାମ୍ବାଦିକ ଅରୁଣ ମହାନ୍ତିଙ୍କ ପରଲୋକ



ଉଦଳା, ୯।୧୦(ସମିସ): ମୟୂରଭଞ୍ଜ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ତଥା ଉଦଳା ଓକିଲ ସଂଘର ସଦସ୍ୟ ଅରୁଣ କୁମାର ମହାନ୍ତି (ଲିଲୁ)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ସେ 'ସମାଜ'ର ଉଦଳା ପ୍ରତିନିଧି ଭାବେ ୨୦୦୪ ମସିହାରୁ କାର୍ଯ୍ୟ କରୁଥିଲେ। ବିଶେଷ କରି ଶିମିଳିପାଳ ସୁରକ୍ଷା ସମ୍ପର୍କିତ ଅଲେଖ୍ୟ ପାଇଁ ସେ ଚର୍ଚ୍ଚାରେ ଥିଲେ। ଦୈନିକ 'ପ୍ରଜାତନ୍ତ୍ର'ରୁ ନିଜର ସାମ୍ବାଦିକତା ଜୀବନ ଆରମ୍ଭ କରି ଉଦଳା ଅଞ୍ଚଳରେ ବେଶ ନିଜର ପରିଚୟ ସୃଷ୍ଟି କରିପାରିଥିଲେ। ଜଣେ ସ୍ୱଚ୍ଛ, ସ୍ୱାଭିମାନୀ, ଦୂରଦର୍ଶୀ, ମିଷ୍ଟଭାଷୀ ଓ ଧର୍ମିକ ବ୍ୟକ୍ତି ଭାବେ ସବୁରି ପ୍ରିୟ ଥିଲେ। ସେ ଉଦଳା ପ୍ରେସ କ୍ଲବର ସଭାପତି ଭାବେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଆସୁଥିଲେ। ଶାରିରୀକ ଅସୁସ୍ଥ କାରଣରୁ ଦୁଇ ମାସ ଧରି ଶଯ୍ୟାଶାୟୀ ଥିଲେ। ବୁଧବାର ସେ ଗୁରୁତର ହେବାରୁ ତାଙ୍କୁ ପ୍ରଥମେ ବାରିପଦା ଏବଂ ଗୁରୁବାର କଟକ ନେଉଥିବାବେଳେ ବାଟରେ ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ଉଦଳା ଅଞ୍ଚଳେ ଶୋକର ଛାୟା ଖେଳିଯାଇଛି।

# ପରିବା ଦର ଆକାଶ ଛୁଆଁ; ଚିନ୍ତାରେ ଖାଉଟି

ମୋରଡ଼ା, ୯।୧୦(ସମିସ): ଆରମ୍ଭ ହୋଇଛି ଧର୍ମର ମାସ କାର୍ତ୍ତିକ ମାସ। କୁମାର ପୂର୍ଣ୍ଣମୀ ଠାରୁ କାର୍ତ୍ତିକ ପୂର୍ଣ୍ଣମୀ ଯାଏ ୧ ମାସ ଧରି ବହୁ ଲୋକେ ଆମିଷ ଏବଂ ପିଆଜ ରସୁଣ ମଧ ଖାଇନଥାନ୍ତି। ଅଧିକାଂଶ ଲୋକେ ମାସଯାକ ଅରୁଆ ଅନ୍ନ ସହ ଶୁଦ୍ଧ ଶାକାହାରୀ ଖାଦ୍ୟ ଗ୍ରହଣ କରନ୍ତି। ଏଥିସହିତ ବିଭିନ୍ନ ଧର୍ମାନୁଷ୍ଠାନରେ ମଧ ଅନ୍ନପ୍ରସାଦ ବିତରଣ କରାଯାଇଥାଏ। ତେଣୁ ଏହି ମାସରେ ସବୁଜ ପନିପରିବାର ଚାହିଦା ଅଧିକ ରହିଥାଏ। ମୋରଡ଼ା ବ୍ଲକରେ ବସୁଥିବା ହାଟଗୁଡିକରେ ଏହାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ଦର ବୃଦ୍ଧି କରୁଛନ୍ତି। କିଲୋ ପିଛା ୫ରୁ ୧୦ ଟଙ୍କା ବୃଦ୍ଧି ପାଇଛି। ସାଧାରଣତଃ ବାଇଗଣ, କୋବି, ବିନ୍ସ, ଜହ୍ନି, ଟମାଟୋ, କାକୁଡ଼ି, ପୋଟଳ ଆଦି ପରିବାର ଅହେତୁକଭାବେ ବଢ଼ି ଚାଲିଛି। ତେବେ ବର୍ଷା ଯୋଗୁଁ ବିଶେଷ କ୍ଷତି ହୋଇଥିବାରୁ ପନିପରିବା ଦର ବୃଦ୍ଧି ପାଇଛି ବୋଲି ବ୍ୟବସାୟୀମାନେ କହନ୍ତି। ବିଶେଷକରି ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବେଙ୍ଗାଲୁରୁ, ନାସିକ ଆଦି ବିଭିନ୍ନ ରାଜ୍ୟକୁ ଭରସା କରିବାକୁ ପଡୁଛି। ବର୍ତ୍ତମାନ ସେଠାରେ ମଧ ବର୍ଷା ବନ୍ୟ ଲାଗି ରହିଛି। ଫଳରେ ପରିବାର ଅଭାବ ସାଙ୍ଗକୁ ଆମଦାନୀ ହୋଇପାରୁନି। ତେଣୁ ଯେଉଁ ପରିମାଣରେ ପରିବା ଆସିବା କଥା ଆସି ପାରୁନାହିଁ। ତେଣୁ ଏହି ବର୍ଦ୍ଧିତ ଦର ଆସନ୍ତା ମାସ ଯାଏଁ ରହିବ ବୋଲି ଜଣାପଡ଼ିଛି।



# ଗୋପବନ୍ଧୁନଗର ପ୍ରେସ କ୍ଲବର ପ୍ରତିଷ୍ଠା ଦିବସ

 କୁଆମରା, ୯।୧୦(ସମିସ): ଗୋପବନ୍ଧୁନଗର ପ୍ରେସ କ୍ଲବ ତରଫରୁ ଗୁରୁବାର ପଶୁଦା ପଞ୍ଚାୟତ ସାନବେଲାକୁଟି ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଗୋପବନ୍ଧୁଙ୍କ ୧୪୮ତମ ଜୟନ୍ତୀ ତଥା ପ୍ରେସ କ୍ଲବର ଅଷ୍ଟମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବାପୁଜୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବେହେରା, ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ପ୍ରଧାନ ଆଚାର୍ଯ୍ୟା ସଂଯୁକ୍ତା ଦାସ, ପ୍ରେସ କ୍ଲବର ସମ୍ପାଦକ ଡ. କୁମାର ବାବୁଲି ପ୍ରମୁଖ ଯୋଗ ଦେଇ ପ୍ରବାଦ ପୁରୁଷ ଗୋପବନ୍ଧୁ ଜଣେ ସୁସଂଗଠକ, ସମାଜସେବୀ ତଥା ରାଜନେତା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ ଅତିଥି। ପ୍ରେସ କ୍ଲବର ଉପ ସଭାପତି ଚିତ୍ତରଞ୍ଜନ ଦଳେଇ ଓ ସହ ସମ୍ପାଦକ ଶାନ୍ତନୁ କୁମାର ମଢୁଆଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଲିସ୍ ସଲଙ୍ଗି ପ୍ରଥମ, ଅର୍ପିତା ମହଲା ଦ୍ୱିତୀୟ ଓ ସ୍ୱାଗତିକା ମାରାଣ୍ଡି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଦୀପକ କୁମାର ଚୈଧୁରୀ, ସୂର୍ଯ୍ୟକାନ୍ତି ପୂହାଣ, ସମ୍ବିତ କୁମାର ରାଉତ, ବିଶ୍ୱଜିତ ଦାଶ, ରଞ୍ଜନ କୁମାର ମଢୁଆଳ, ଯୋଗେଶ୍ୱର ସାହୁ, ମାଣିକ ହେମ୍ବ୍ରମ, ଜୟନ୍ତ କୁମାର ସ ପ୍ରମୁଖ ପରିଚାଳନା କରିଥିଲେ।



# ଯୁବ ଆଇନଜୀବୀଙ୍କ ପରଲୋକ



ଉଦଳା, ୯।୧୦ (ସମିସ): ଉଦଳା ସହରର ଯୁବ ଆଇନଜୀବୀ ତଥା ସମାଜିକ ସଂଗଠକ ଓ ସାମ୍ବାଦିକ ସୌମେନ୍ଦ୍ର ବେହେରା (ବାପି)ଙ୍କ ବୁଧବାର ରାତିରେ ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୨ ବର୍ଷ ହୋଇଥିଲା। ସେ ଉଦଳା କୋର୍ଟରେ ଜଣେ ଯୁବ ଆଇନଜୀବୀ ଭାବେ ବେଶ ପରିଚିତ ଥିଲେ। ରାଜନୈତିକ ମାମଲା ବିଶେଷ କରି ଶାସକ ଦଳର ନେତୃତ୍ୱ ବିରୋଧରେ ମାମଲା ଲଢ଼ିବାରେ ବେଶ ଚର୍ଚ୍ଚା ସାଉଁଟିଥିଲେ। ଜଣେ ଯୁବ ଆଇନଜୀବୀ ଭାବେ ଅସହାୟ ଲୋକଙ୍କ ସମସ୍ୟା ବୁଝି ସହାୟତା କରିବାରେ ସର୍ବଦା ଆଗରେ ଥିଲେ। ତାଙ୍କ ବିୟୋଗରେ ଉଦଳା ସହରରେ ଶୋକର ଛାୟା ଖେଳିଯାଇଛି। ବହୁ ଆଇନଜୀବି, ନେତୃମଣ୍ଡଳୀ, ସମାଜସେବୀ, ସାମ୍ବାଦିକ ତାଙ୍କର ୧୨ନଂ ୱାର୍ଡ ସ୍ଥିତ ଜ୍ୟୋତିନଗର ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ଜିଲ୍ଲାରେ ବଢ଼ିଚାଲିଛି ପେପର କପ୍‌ର ବ୍ୟବହାର

■ ଅଜାଣତରେ ଲୋକଙ୍କୁ ବାଣ୍ଟୁଛନ୍ତି ରୋଗ
■ କର୍କଟ ରୋଗର ମୁଖ୍ୟ କାରଣ ସାଜୁଛି ପେପର କପ୍

ବାରିପଦା, ୯।୧୦(ସମିସ): କାଚ ଓ ଚିନା ମାଟି କପର ବ୍ୟବହାର ଦିନକୁ ଦିନ କମିବା ସହିତ ପେପର କପର ବ୍ୟବହାର ବହୁଳ ଭାବେ ବୃଦ୍ଧି ପାଇଛି; ଯାହାକି ଅଜାଣତରେ ଲୋକଙ୍କ ରୋଗର କାରଣ ସାଜିଛି। ପୂର୍ବରୁ କପ୍ ବା କାଚ ଗ୍ଲାସରେ ଲୋକେ ଚା' ପିଉଥିଲେ। କିନ୍ତୁ ବାରିପଦା ସହରରେ ବର୍ତ୍ତମାନ ତାହା ସ୍ଥାନ ନେଇଛି ପେପର କପ। ଏକକ ବ୍ୟବହାର ଯୋଗ୍ୟ (ୟୁଜ ଆଣ୍ଡ ଥ୍ରୋ) କପ୍ ବ୍ୟବହାର ବହୁଳ ପରିମାଣରେ ବୃଦ୍ଧି ପାଉଛି। ଚା' ସମେତ ପାଣି ପିଇବା ଗ୍ଲାସରେ ମଧ ପେପର କିମ୍ବା ପ୍ଲାଷ୍ଟିକରେ ତିଆରି ଗ୍ଲାସ ବିକ୍ରି ହେଉଛି। ଚା' ପିଇବାକୁ ଗଲେ ଦୋକାନୀ ପେପର କପରେ ଚା' ଧରାଇ ଦେଉଛନ୍ତି। ଏହା ଚା' ଦୋକାନୀଙ୍କ ପାଇଁ ସୁବିଧା ହେଉଥିଲେ ସୁଦ୍ଧା ଏହା ଗ୍ରାହକଙ୍କ ଜୀବନ ପାଇଁ ବିପଦର କାରଣ ସାଜୁଛି। ଆଗକୁ ଏହା ସ୍ୱାସ୍ଥ୍ୟ ଜନିତ ଏକ ବିରାଟ ବିପଦକୁ ଟାଣି ଆଣୁଛନ୍ତି। ବାରିପଦା ସହରର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ବିପଦର କାରଣ ସାଜିଛି। କାଗଜ କପ୍‌ରେ ଗରମ ଚା' ପିଇବା ଦ୍ୱାରା କର୍କଟ ଭଳି ମାରାତ୍ମକ ରୋଗ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିଭଳି ଡାଇରିଆ, ଲିଭର, ପାଚନ ଶକ୍ତି କ୍ଷୟ କିଡ୍‌ନୀ ନଷ୍ଟ ହେବାର ମଧ ସମ୍ଭାବନା ଅଧିକ ବୋଲି ମତ ପ୍ରକାଶ ପାଇଛି। ଏହି ଏକକ ବ୍ୟବହାର ଯୋଗ୍ୟ ଚା' କପ ଅଜାଣତରେ ଲୋକଙ୍କୁ ରୋଗ ବାଣ୍ଟୁଛି। କେବଳ ଚା' ଦୋକାନୀ ନୁହଁନ୍ତି, ଅଧିକାଂଶ ଦୋକାନରେ କାଗଜ କପ୍ ବହୁଳ ବ୍ୟବହାର ହେଉଥିବା ଦେଖିବାକୁ ମିଳିଛି। ତେବେ ଯେଉଁ କାଗଜ କପ ଗୁଡିକ ଚା' ଓ ସୁପ୍ ଦୋକାନରେ ବ୍ୟବହାର ହେଉଛି ତାହା ସ୍ୱାସ୍ଥ୍ୟ ପାଇଁ ସୁସ୍ଥକର ନୁହେଁ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଯାଞ୍ଚ କରିବାର ଆବଶ୍ୟକତା ରହିଛି। ଏଥିସହିତ ପାର୍ଟି, ଭୋଜି, ସଭା ସମିତିରେ ମଧ ଏହି କାଗଜ କପ ଓ ପ୍ଲେଟର ବହୁଳ ବ୍ୟବହାର ହେଉଛି। ମେସିନରେ ତିଆରି ସମୟରେ ଯେଉଁ ପ୍ରକ୍ରିୟା ଓ କେମିକାଲ୍ ବ୍ୟବହାର କରାଯାଉଛି, ତାହାର କୁପ୍ରଭାବ ଶରୀରରେ ରୋଗ ସୃଷ୍ଟି କରୁଛି। ତେଣୁକରି ଏହାର ଭୟାବହତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରି ପେପର କପ ବ୍ୟବହାରକୁ ରୋକିବାକୁ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।




# ବାହାନଡାରେ ଗୋପବନ୍ଧୁଙ୍କ ଜୟନ୍ତୀ

ବେତନଟୀ, ୯।୧୦(ସମିସ): ବେତନଟୀ ଉପକଣ୍ଠ ବାହାନଡାଠାରେ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ବିଶିଷ୍ଟ ବକ୍ତାଗଣ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଗୋପବନ୍ଧୁଙ୍କ ତ୍ୟାଗ ଓ ସେବାର ପଟାନ୍ତର ନାହିଁ ବୋଲି ପ୍ରକାଶ କରିଥିଲେ। ଆୟୋଜକ ବାହାନଡା ଗୋପବନ୍ଧୁ ସ୍ମୃତି କମିଟିର ସଭାପତି କମଳାକାନ୍ତ ନାୟକଙ୍କ ସଭାପତିତ୍ୱ ଏବଂ ସମ୍ପାଦକ ବିମଳକୁମାର ଜେନାଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ରବୀନ୍ଦ୍ରନାଥ ମିଶ୍ର, ସଚ୍ଚିଦାନନ୍ଦ ମହାନ୍ତି, ଯାମିନୀକାନ୍ତ ନାୟକ, ଘାସିରାମ ସାହୁ, ବାସୁଦେବ ନାପିତ, ସହଦେବ ଗିରି, ଭାସ୍କର ଚନ୍ଦ୍ର ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ଉପରେ ବ୍ୟକ୍ତବ୍ୟ ରଖିଥିଲେ। ସଭାରେ ସାମ୍ବାଦିକ ହରିଶ ଚନ୍ଦ୍ର ସାମଲଙ୍କ ସମେତ ଶତାଧିକ ସ୍ଥାନୀୟ ଗ୍ରାମବାସୀ ଓ କମିଟି ସଦସ୍ୟ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଶେଷରେ ସାମ୍ବାଦିକ ଅରୁଣ କୁମାର ଓତା ଧନ୍ୟବାଦ ଅର୍ପଣ କରିଥିଲେ।



## ମରାମତି ପାଇଁ ଦ୍ୱାରଶୁଣୀ ଘାଟିରେ କଟକଣା

# ପୂର୍ବାହ୍ନ ୧୦ରୁ ଅପରାହ୍ନ ୨ଟା ଯାଏ ଭାରୀଯାନ ଚଳାଚଳ ବନ୍ଦ

ବାରିପଦା, ୯ ।୧୦(ସମିସ)

ବାଙ୍ଗିରିପୋଷି-ବିଶୋଇ ରାସ୍ତା ପ୍ରଶସ୍ତିକରଣ ନିମନ୍ତେ ଅକ୍ଟୋବର ୧୦ରୁ ୨୫ ତାରିଖ ପର୍ଯ୍ୟନ୍ତ ଦୁଆରଶୁଣୀ ଘାଟି ରାସ୍ତାରେ ଭାରୀଯାନ ଚଳାଚଳକୁ କଟକଣା ଲଗାଇଛି ଜିଲ୍ଲା ପ୍ରଶାସନ। ପ୍ରତ୍ୟହ ସକାଳ ୧୦ଟାରୁ ଅପରାହ୍ନ ୨ଟା ଯାଏ ଭାରୀଯାନ ଚଳାଚଳ ବନ୍ଦ ରହିବ। ଜାତୀୟ ରାଜପଥ ନଂ. ୪୯ ଛତିଶଗଡ଼ ରାଜ୍ୟର ବିଳାସପୁରରୁ ପଶ୍ଚିମବଙ୍ଗର ଖଡ଼ଗପୁର ପର୍ଯ୍ୟନ୍ତ ଏକ ବ୍ୟସ୍ତ ବହୁଳ ରାଜମାର୍ଗ। ବାଙ୍ଗିରିପୋଷିରୁ ବିଶୋଇ ପର୍ଯ୍ୟନ୍ତ ୯ କିମି ରାସ୍ତା ସଂକୀର୍ଣ୍ଣ ଏବଂ ଖାଲଖମା ହୋଇଥିବାରୁ ଯାତ୍ରୀଙ୍କ ପାଇଁ ବିପଜ୍ଜନକ ହୋଇଛି। ତେଣୁ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ରାସ୍ତାର ମରାମତି କରିବେ। ଭାରୀ ଯାନବାହନ ଚଳାଚଳ ଯୋଗୁଁ କାର୍ଯ୍ୟରେ ବାଧା ସୃଷ୍ଟି ହେବାର ସମ୍ଭାବନା ରହିଛି। ତେଣୁ ଉଭୟ ପାର୍ଶ୍ୱରେ ଭାରୀ ଯାନବାହନ ଚଳାଚଳରେ କଟକଣା ଜାରି କରାଯାଇଛି। ଅତ୍ୟଧିକ ଟ୍ରାଫିକ୍ ଜାମ୍ ଏଡାଇବା ପାଇଁ ଅକ୍ଟୋବର ୧୦ରୁ ୨୫ ପର୍ଯ୍ୟନ୍ତ ସକାଳ ୧୦ରୁ ଅପରାହ୍ନ ୨ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରୁ ପବ୍ଲିକ୍ ବସ୍, ସ୍କୁଲ୍ ଏବଂ କଲେଜ ବସ୍, ପୁଲିସ୍, ପ୍ରତିରକ୍ଷା ଯାନ ଏବଂ ଜରୁରୀକାଳୀନ ରିଲିଫ୍ ସାମଗ୍ରୀ ବହନ କରୁଥିବା ଯାନ ବ୍ୟତୀତ ଅନ୍ୟ ଭାରୀ ଯାନବାହାନ ଚଳାଚଳକୁ ନିଷେଧ କରାଯାଇଛି। ରାସ୍ତା ମରାମତି ହେଉଥିବାରୁ ଏଥିପାଇଁ ସହଯୋଗ କରିବା ପାଇଁ ସମସ୍ତ ଜନସାଧାରଣଙ୍କୁ ନିବେଦନ କରାଯାଉଛି। ଏହାର ତଦାରଖ କରିବା ପାଇଁ ବାଙ୍ଗିରିପୋଷି ଏବଂ ବିଶୋଇ ଥାନା ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଘାଟି ରାସ୍ତାରେ ସମସ୍ତ ଛୋଟ ଯାନବାହନ ସୁଗମ ଚଳାଚଳ କରି ପାରିବେ। ଜାମ୍ ଏଡାଇବା ପାଇଁ ବିଶୋଇ-ଆରଗଲବିନ୍ଧା-ଶଙ୍ଖାଭଙ୍ଗା-ଯୋକା-ଚନ୍ଦନପୁର-କତରା ଛକ ରାସ୍ତାକୁ ଉଭୟ ପାର୍ଶ୍ୱରୁ ବ୍ୟବହାର କରିପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।



## ନବନିଯୁକ୍ତ ବିଜେଡି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା





ବାରିପଦା, ୯ ।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବିଜୁ ଜନତା ଦଳର ଦୁଇ ନବ ନିଯୁକ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସୋସିଆଲ ମିଡିଆ ସଂଯୋଜକ ଭାବେ ଅଭିଜିତ କଲିଆ ଓ ଆଇଟି ସେଲ ସଂଯୋଜକ ଭାବେ ସରୋଜ ଶତପଥୀ ନିଯୁକ୍ତ ହୋଇଛନ୍ତି। ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ସୁପାରିସକ୍ରମେ ସଭାପତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଉଭୟଙ୍କୁ ନିଯୁକ୍ତ କରାଯାଇଛି। ନୂତନ ଦାୟିତ୍ୱକୁ ସୁଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ଦୃଢ଼ ଆଶା ଓ ବିଶ୍ୱସ ପ୍ରକଟ କରିଛନ୍ତି। ଦଳର ସମସ୍ତ ନେତୃ ମଣ୍ଡଳୀଙ୍କ ଆଶୀର୍ବାଦ କାମନା କରିଛନ୍ତି। ଏ ନେଇ ଉଭୟ ଆଇଟି ସେଲ ମୁଖ୍ୟ ଡ଼ଃ ଅମର ପଟ୍ଟନାୟକ, ପୂର୍ବତନ ରାଜ୍ୟ ସାଂଗଠାନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲ୍ଲା ସଭାପତି ସୁଦାମ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାରତୀ ହାଁସଦା, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାଣ୍ଡି, ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ୍, ଜିଲ୍ଲା ସଭାପତି ତଥା ପୂର୍ବତନ ଏସଡିସି ଅଧ୍ୟକ୍ଷ ଡା ଦେବାଶିଷ ମାରାଣ୍ଡି, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ପୂର୍ବତନ ବିଧାୟକ ରାଜକିଶୋର ଦାସ, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଏମସିସି ବ୍ୟାଙ୍କ ଅଧ୍ୟକ୍ଷ ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ବାରିପଦା ଟାଉନ ସଭାପତି ଜୋନ ମହାନ୍ତି, ଜିଲ୍ଲା ସଂଯୋଜକ ପ୍ରଭାତ ନାୟକ, ଜିଲ୍ଲା ଯୁବ ସଭାପତି ଅରୁଣ ବରାଡ଼, ଛାତ୍ର ସଭାପତି ସୁନୀଲ ନାୟକ, ମହିଳା ସଭାପତି ଦିପ୍ତୀଲତା ମିଶ୍ର, ଉପ ନଗରପାଳ ସୀମା ଦାସ, ଆଇଟି ସହସଂଯୋଜକ ଓ ସୋସିଆଲ ମିଡ଼ିଆ ସେଲ ଅମରେଶ ପତ୍ରି, ଟିମ ସଂଯୋଜକ ଜ୍ୟୋତି ରଞ୍ଜନ ଜେନାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ବିଶ୍ୱବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ବନାନୀ' ଲୋକାର୍ପିତ




ବାରିପଦା ୯ ।୧୦(ସମିସ): ବିଶ୍ୱବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ବନାନୀ'ର ଲୋକାର୍ପଣ ଉତ୍ସବ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଛି। ଆୟୋଜିତ ଉତ୍ସବରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ, 'ବନାନୀ'ର ମୁଖ୍ୟ ସମ୍ପାଦକ ସଂସ୍କୃତ ବିଭାଗର ପ୍ରଫେସର ହୀରାଲାଲ ଦାଶ, ସମ୍ପାଦନା ମଣ୍ଡଳୀର ଅନ୍ୟ ସଭ୍ୟ ଉପସ୍ଥିତ ଥିଲେ। ସମ୍ପାଦନା ମଣ୍ଡଳୀରେ କମ୍ପ୍ୟୁଟର ପ୍ରୟୋଗ ବିଭାଗର ସହକାରୀ ପ୍ରଫେସର ଡ. ସ୍ୱରୂପାନନ୍ଦ ବିଷୟୀ, ସାନ୍ତାଳୀ ବିଭାଗର ସହକାରୀ ପ୍ରଫେସର ଡ. ଯତୀନ୍ଦ୍ରନାଥ ବେଶ୍ରା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ସହକାରୀ ପ୍ରଫେସର ଡ. ଶିଶିର ବେହେରା, ଡ. ବିଚିତ୍ରନାଥ ସାହୁ ଓ ବନ୍ୟପ୍ରାଣୀ ବିଭାଗର ସହକାରୀ ପ୍ରଫେସର ଡ. ଶୁଭାନୀ ରଥଙ୍କ ସମ୍ପାଦନାରେ ଏହି ମୁଖପତ୍ରର ବାର୍ଷିକ ସଂଖ୍ୟାରେ ଓଡ଼ିଆ ଭାଷାରେ ୪୦ଟି ଲେଖା, ହିନ୍ଦୀ ଭାଷାରେ ୭ଟି, ସଂସ୍କୃତ ଭାଷାରେ ୩ଟି, ଇଂରାଜୀ ଭାଷାରେ ୩୦ ଓ ସାନ୍ତାଳୀ ଭାଷାରେ ୪ଟି ଲେଖା ପ୍ରକାଶ ପାଇଛି। କୁଳପତି ପ୍ରଫେସର ଶତପଥୀ ବିଶ୍ୱବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ବନାନୀ' ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତାର ଅନ୍ୟତମ ନିଦର୍ଶନ ବୋଲି ଅଭିହିତ କରିଥିଲେ।

## ପୋଖରୀରେ ବୁଡ଼ି ଚାଷୀ ମୃତ

ରାଇରଙ୍ଗପୁର, ୯।୧୦(ସମିସ): ବାଦାମପାହାଡ଼ ଥାନା ଅନ୍ତର୍ଗତ କାଶିଆବେଡା ଗ୍ରାମରେ ଜଣେ ଚାଷୀ ପୋଖରୀରେ ବୁଡି ମୃତ୍ୟୁବରଣ କରିଛନ୍ତି। ମୃତକ ହେଉଛନ୍ତି ଭଞ୍ଜ ପିଙ୍ଗୁଆ (୩୦)। ଭଞ୍ଜ ବିଲକାମ ସାରି ଅପରାହ୍ନରେ ପୋଖରୀରେ ଗାଧୋଉଥିବା ବେଳେ ଗୋଡ ଖସି ଯାଇଥିଲା। ଫଳରେ ସେ ପାଣିରେ ବୁଡି ଯାଇଥିଲେ। ସେଠାରେ ମଧ୍ୟ ତାଙ୍କ ପତ୍ନୀ ବାସନକୁସନ ଧୋଉଥିଲେ। ହେଲେ ଭଞ୍ଜ ବୁଡିଯିବାରୁ ସେ ଚିତ୍କାର କରିଥିଲେ। ପରେ ସ୍ଥାନୀୟ ଲୋକେ ପାଣିରୁ ଉଦ୍ଧାର କରି ବାଦାମପାହାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ଆଣୁଥିବା ସମୟରେ ଗୋଲେଇ ଛକରେ ମୃତ୍ୟୁ ଘଟିଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ଛିନ୍‌ତାଇ ଗ୍ୟାଙ୍ଗକୁ ଧରିଲା ପୁଲିସ

## ୨ ଗିରଫ; ୨୪ଟି ମୋବାଇଲ ଉଦ୍ଧାର

ବାରିପଦା, ୯ ।୧୦(ସମିସ): ବାରିପଦା ଟାଉନ ଥାନା ପୁଲିସ ଏକ ମୋବାଇଲ ଫୋନ ଛିନତାଇ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି। ଗ୍ୟାଙ୍ଗର ୨ଜଣକୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୪ଟି ମୋବାଇଲ ଫୋନ ମଧ୍ୟ ଜବତ କରିଛି ପୁଲିସ। ଏନେଇ ଗୁରୁବାର ବାରିପଦା ଟାଉନ ଥାନାରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ବାରିପଦା ସଦର ଏସଡିପିଓ ପ୍ରଭାତ କୁମାର ମଲ୍ଲିକ ସବିଶେଷ ସୂଚନା ଦେଇଛନ୍ତି। ଗିରଫମାନେ ହେଲେ ଝାରଖଣ୍ଡ ରାଜ୍ୟର ସାହେବଗଞ୍ଜ ଜିଲ୍ଲାର ତିନପାହାଡ଼ ଥାନା ଅଞ୍ଚଳର ଅମ୍ରିତ କୁମାର ମହାନ୍ତ (୩୩) ଓ ମିର୍ଜାଚୌକ ଥାନା ଅଞ୍ଚଳର ଗଙ୍ଗା ନୋନିଆ (୨୫)। ଏମାନେ କିଛିଦିନ ଧରି ବାରିପଦା ସହରରେ ଛିନତାଇ କରିଆସୁଥିଲେ। ଅକ୍ଟୋବର ୭ତାରିଖରେ



ବାରିପଦା ସଦର ଥାନା ଅନ୍ତର୍ଗତ ସାନଡାକୋଇ ଗ୍ରାମର ବାଲକରାମ ସୋରେନ ସ୍ଥାନୀୟ କଚେରୀ ପରିବା ମାର୍କେଟ୍‌କୁ ଆସିଥିଲେ। ପରିବା କିଣିବା ସମୟରେ ଦୁର୍ବୃତ୍ତମାନେ ତାଙ୍କ ମୋବାଇଲକୁ ଲୁଟିନେଇ ଫେରାର ହୋଇଯାଇଥିଲେ। ସେ ଏ ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ କରିବାରୁ ଥାନା ଅଧିକାରୀ କରୁଣାକର ରାଉତଙ୍କ ନେତୃତ୍ୱରେ ଏକ ଟିମ ସହରର ସିସି ଟିଭି ଯାଞ୍ଚ କରି ଦୁର୍ବୃତ୍ତଙ୍କୁ ଧରିବାକୁ ଉଦ୍ୟମ କରିଥିଲେ। ପରେ ତକତପୁର ଅଞ୍ଚଳରୁ ୨ଜଣ ଦୁର୍ବୃତ୍ତଙ୍କୁ ଧରିବା ସହିତ ସେମାନଙ୍କ ନିକଟରୁ ୨୪ଟି ମୋବାଇଲ ଉଦ୍ଧାର ହୋଇଛି। ଅଭିଯୁକ୍ତମାନେ ମୋବାଇଲକୁ ବାରିପଦା ଓ କଲକାତା ମୋବାଇଲ ଦୋକାନୀଙ୍କୁ ବିକୁଥିଲେ। ସେକେଣ୍ଡ ହ୍ୟାଣ୍ଡ ମୋବାଇଲ କହି ଗ୍ରାହକଙ୍କୁ ଠକି ବିକ୍ରି କରୁଥିଲେ। ଏନେଇ ବାରିପଦା ଟାଉନ ଥାନାରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ କରୁଣାକର ରାଉତ ସୂଚନା ଦେଇଛନ୍ତି।

**ଛିନ୍‌ତାଇ ମୋବାଇଲକୁ ସେକେଣ୍ଡ ହ୍ୟାଣ୍ଡ କହି ଗ୍ରାହକଙ୍କୁ ବିକୁଥିଲେ**

## ତୀର୍ଥ ଯାତ୍ରାରେ ଯିବେ ୧୯୬ ବରିଷ୍ଠ ନାଗରିକ

ବାରିପଦା, ୯ ।୧୦(ସମିସ): ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ରାଜ୍ୟର ବରିଷ୍ଠ ନାଗରିକ ବିଶେଷ କରି ଯେଉଁମାନେ ଆର୍ଥିକ ସ୍ୱଚ୍ଛଳତା ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ହେତୁ ତୀର୍ଥ ଯାତ୍ରାରୁ ବଞ୍ଚିତ ହେଉଥିଲେ, ସେମାନେ ବିଭିନ୍ନ ତୀର୍ଥ ସ୍ଥାନ ଦର୍ଶନ କରିବା ପାଇଁ ସୁଯୋଗ ପାଉଛନ୍ତି। ରାଜ୍ୟ ସରକାରଙ୍କ ଉକ୍ତ ଯୋଜନା ବରିଷ୍ଠ ନାଗରିକଙ୍କ ପାଇଁ ବେଶ ସହାୟକ ହେବା ସହିତ ସେମାନଙ୍କ ମନରେ ଆନନ୍ଦ ଆଣିଦେଇପାରିଛି। ଏହି କ୍ରମରେ ଚଳିତ ବର୍ଷ ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟଟନ ବିଭାଗ ତରଫରୁ ୧୯୬ ଜଣ ବରିଷ୍ଠ ନାଗରିକ ଏହି ତୀର୍ଥ ଯାତ୍ରା ପାଇଁ ମନୋନୀତ ହୋଇଛନ୍ତି। ମନୋନୀତ ବରିଷ୍ଠ ନାଗରିକମାନେ ନଭେମ୍ବର ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ତୀର୍ଥ ଯାତ୍ରାରେ ଅଯୋଧ୍ୟା- ବାରଣାସୀ ଯିବାକୁ ସ୍ଥିର ହୋଇଛି। ଆସନ୍ତା ନଭେମ୍ବର ୬ତାରିଖରେ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ତରଫରୁ ତାଙ୍କ ନିଜନିଜ ବ୍ଲକରୁ ମନୋନୀତ ହୋଇଥିବା ବରିଷ୍ଠ ନାଗରିକଙ୍କୁ ଆଣି ସକାଳ ୮ଟା ସୁଦ୍ଧା ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ପହଞ୍ଚାଇବେ। ପରେ ସକାଳ ୯ ଟାରେ ଡାକ୍ତରୀ ପରୀକ୍ଷା କରାଯାଇ କିଛି ସମୟ ବିଶ୍ରାମ ନେବା ପରେ ଅପରାହ୍ନ ୩ଟାରେ ବାଲେଶ୍ୱର ଅଭିମୁଖେ ବସରେ ଯାତ୍ରା କରିବେ। ବାଲେଶ୍ୱରଠାରେ ସେହିଦିନ ରାତ୍ରି ରହଣି ପରେ ତା'ପରଦିନ ୭ତାରିଖ ବାଲେଶ୍ୱର ରେଳ ଷ୍ଟେସନରୁ ସ୍ୱତନ୍ତ୍ର ରେଳ ଯୋଗେ ଅଯୋଧ୍ୟା-ବାରଣାସୀ ଅଭିମୁଖେ ତୀର୍ଥ ଯାତ୍ରାରେ ବାହାରିବେ। ଯାତ୍ରା ସମୟରେ ବରିଷ୍ଠ ନାଗରିକଙ୍କ ସୁବିଧା ପାଇଁ ଜିଲ୍ଲା ପ୍ରଶାସନର କିଛି ଅଧିକାରୀ ମଧ୍ୟ ସେମାନଙ୍କ ସହିତ ଯିବାର ବ୍ୟବସ୍ଥା ହୋଇଛି। ଉକ୍ତ ବରିଷ୍ଠ ନାଗରିକଙ୍କ ତୀର୍ଥ ଯାତ୍ରା ଶେଷ ହେଲାପରେ ପୁଣି ସ୍ୱତନ୍ତ୍ର ଟ୍ରେନ ଯୋଗେ ବାଲେଶ୍ୱର ରେଳ ଷ୍ଟେସନକୁ ୧୨ତାରିଖ ପ୍ରତ୍ୟାବର୍ତ୍ତନ ପରେ ଜିଲ୍ଲା ପ୍ରଶାସନ ଦ୍ୱାରା ନିଜ ନିଜ ଘରକୁ ପହଞ୍ଚାଇବା ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ତରଫରୁ ବ୍ୟବସ୍ଥା କରାଯାଇଛି ବୋଲି ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରିଣୀ ସୂଚନା ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ବିଶ୍ୱ ଦୃଷ୍ଟି ଦିବସ ପାଳିତ

ବାରିପଦା, ୯ ।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ରରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁବାସ ନାୟକଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଦୃଷ୍ଟି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ ରୋଗ) ଡାକ୍ତର ଶାନ୍ତନୁ ଦାସ, ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡାକ୍ତର ବିଜୟ କୁମାର ଦାସ, ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର ସୁନନ୍ଦା ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ମିତା ମିଶ୍ର, ବାରିପଦା ଏଏନଏମ ତାଲିମ କେନ୍ଦ୍ରର ଭାରପ୍ରାପ୍ତ ଅଧ୍ୟକ୍ଷା ଭାରତୀ ଆରୁଖ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁରାମ ମୁର୍ମୁ, ତାଲିମ କେନ୍ଦ୍ରର ପ୍ରଶିକ୍ଷିକା ଏବଂ ଏଏନଏମ ଛାତ୍ରୀ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ଡାକ୍ତର ସୁବାସ ନାୟକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଆଖି ହେଉଛି ଆମ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଆଖି ହିଁ ଆମକୁ ପ୍ରକୃତି ଓ ଆଲୋକର ଉପସ୍ଥିତିକୁ ଅନୁଭବ କରିବାକୁ ସକ୍ଷମ କରେ। ଆଖି ବିନା ଦୁନିଆ ଅନ୍ଧାରମୟ। ତେଣୁ ଆଖିରେ ସାମାନ୍ୟ କୌଣସି ସମସ୍ୟା ଦେଖାଦେଲେ ଏହାକୁ ଅଣଦେଖା ନକରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ଚଳିତବର୍ଷ ଦିବସ ପାଳନର ବାର୍ତ୍ତା 'ନିଜର ଆଖିକୁ ଭଲ ପାଆନ୍ତୁ ଏବଂ ଏହାର ଯତ୍ନ ନିଅନ୍ତୁ' ବୋଲି ବାର୍ତ୍ତା ଥିଲା। ଏହା ପରେ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ମିଶ୍ର ପାୱାର ପଏଣ୍ଟ ମାଧ୍ୟମରେ ଆଲୋଚନା କରିଥିଲେ। ଚକ୍ଷୁର ଯତ୍ନ ସମ୍ବନ୍ଧରେ ଯେପରି କି ସୁଷମ ଖାଦ୍ୟ ଖାଇବା, ଧୂମପାନ ବର୍ଜନ କରିବା, ବାରମ୍ବାର ଆଖିପତା ପକାଇବା, ମୋବାଇଲ ବା କମ୍ପ୍ୟୁଟରରେ କାମ କରୁଥିଲେ ପ୍ରତି ୨୦ ମିନିଟରେ ୨୦ଫୁଟ ଦୂରରେ ଥିବା ବସ୍ତୁକୁ ୨୦ ସେକେଣ୍ଡ ଦେଖିବା ଆଦି ବିଷୟରେ ବୁଝାଇଥିଲେ। ଶେଷରେ ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଗଣେଶ୍ୱର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## କୁମାର ଉତ୍ସବ ଉଦ୍‌ଯାପିତ; ୬ ବ୍ୟକ୍ତିବିଶେଷ ସମ୍ବର୍ଦ୍ଧିତ

ବାରିପଦା, ୯ ।୧୦(ସମିସ): ଦେଉଳସାହି ରଥପଡ଼ିଆ କୁମାର ଉତ୍ସବ ସମିତି ପକ୍ଷରୁ ଚାଲିଥିବା ଦୁଇଦିନିଆ ୫୩ତମ କୁମାର ଉତ୍ସବ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ସନ୍ଧ୍ୟା ସମାରୋହରେ ସମିତିର ସଭାପତି ବନବିହାରୀ ମଡଗଜ ପୌରୋହିତ୍ୟ କରିଥିଲେ। ଏଥିରେ ପୂର୍ବତନ ସାଂସଦ ସରୋଜିନୀ ହେମ୍ବ୍ରମ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୟୂରଭଞ୍ଜ ମାଟିର ସ୍ୱତନ୍ତ୍ରତା ରହିଥିବା ଦର୍ଶାଇଥିଲେ। ସ୍ଥାନୀୟ ଜନସାଧାରଣଙ୍କ ପ୍ରଚେଷ୍ଟାରେ ୧୯୭୨ ମସିହାରେ ଏହି ଉତ୍ସବ ଆରମ୍ଭ ହୋଇଥିଲା। ଯାହାକି ଏକ ରାଜ୍ୟସ୍ତରୀୟ ଓଡ଼ିଆ ସଂସ୍କୃତିର କାର୍ଯ୍ୟକ୍ରମର ପରିଚୟ ହାସଲ କରିଥିବା ନେଇ ପ୍ରଶଂସା କରିଥିଲେ। ବିଶେଷ ଅତିଥିଭାବେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ବିଜେଡିର ପୁରୀ ପର୍ଯ୍ୟବେକ୍ଷକ ତଥା ସମିତିର କାର୍ଯ୍ୟକାରୀ ସଭାପତି କାଶୀନାଥ ରଣା, ମାସା ଆର୍ମୀର ରାଜ୍ୟ ସଭାପତି ସୁକୁଲାଲ ମାର୍ଣ୍ଡି, ଅଭିନେତା ତାପସ ପାଢ଼ୀ ଓ ପୂର୍ବତନ କାଉନସିଲର ପ୍ରଭାତ ମହାନ୍ତି ଯୋଗଦେଇ ମୟୂରଭଞ୍ଜ ସଂସ୍କୃତିର ସମୃଦ୍ଧି ନେଇମତବ୍ୟକ୍ତ କରିଥିଲେ। ଆସନ୍ତା ବର୍ଷଠାରୁ ଏହି କୁମାର ଉତ୍ସବ ତିନିଦିନ ଧରି ଅନୁଷ୍ଠିତ ହେବ ବୋଲି କର୍ମକର୍ତ୍ତା ଘୋଷଣା କରିଥିଲେ। ଏହି ଅବସରରେ ୬ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ଶିବନାରାୟଣ ରଣା ଧନ୍ୟବାଦ ଦେଇଥିଲେ।




## ଲଜ୍ ଓ ହୋଟେଲରେ ପୁଲିସର ସିସିଟିଭି ଯାଞ୍ଚ



ବାରିପଦା, ୯ ।୧୦(ସମିସ): ବର୍ତ୍ତମାନ ପାର୍ବଣ ସମୟ ଥିବାବେଳେ ଆଗକୁ ପିକନିକ ଋତୁ ଆସୁଛି; ଯାହାକୁ ନେଇ ଜିଲ୍ଲାକୁ ରାଜ୍ୟ ତଥା ବାହାରର ଲୋକଙ୍କ ସମାଗମ ହେବା ଆରମ୍ଭ ହେଲାଣି। ଏଭଳି ସମୟରେ ମୟୂରଭଞ୍ଜ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ଠିକ ରଖିବା ପାଇଁ ପୁଲିସ ପକ୍ଷରୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ପୂର୍ବରୁ ଜିଲ୍ଲାର ପ୍ରବେଶ ଓ ପ୍ରସ୍ଥାନ ପଥ ସମେତ ସହରର ମୁଖ୍ୟ ସ୍ଥାନରେ ରାତ୍ରିକାଳୀନ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ମୟୁରଭଞ୍ଜ ଜିଲ୍ଲା ପୁଲିସ ପକ୍ଷରୁ ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ହୋଟେଲ ଓ ଲଜଗୁଡ଼ିକରେ ଅତର୍କିତ ଭାବେ ଯାଞ୍ଚ କରାଯାଉଛି। ହୋଟେଲର ସିସି ଟିଭିଗୁଡିକ ମଧ୍ୟ ଯାଞ୍ଚ କରୁଛି ପୁଲିସ। ଆଗକୁ ମଧ୍ୟ ଆହୁରି ଯାଞ୍ଚ ପ୍ରକ୍ରିୟା ଜାରି ରହିବ ବୋଲି ଏସପିଙ୍କ ସୂତ୍ରରୁ ଜଣାପଡ଼ିଛି।

## ସଦଭାବନା ସମିତି ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ

# ୧୦ ସାହିତ୍ୟ ସଂଗଠନକୁ ସଦ୍‌ଭାବନା ଶ୍ୱେତପତ୍ର ପ୍ରଦାନ

ବାରିପଦା, ୯ ।୧୦(ସମିସ)



ସଦ୍‌ଭାବନା ସମିତି ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଭବନ ଠାରେ ୫୫୬ତମ ମାସିକ ସନ୍ଥ ଦିବସରେ ଗୋପବନ୍ଧୁ ଜୟନ୍ତୀ ପାଳିତ ହୋଇଛି। ସମିତି ପ୍ରତିଷ୍ଠାତା ଧର୍ମରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ 'କବି ସଚ୍ଚିରାଉତରାୟଙ୍କ ସାହିତ୍ୟ ନୁହଁଇ କେବେ ବିଳାସର ଫୁଲ, ଜାତିକୁ ଦେବ ସେ ମୁକ୍ତି ତେବେ ଯାଇ ଅମୂଲ ତା ମୂଲ' ପ୍ରସଙ୍ଗ ଉପରେ ଜୋର୍ ଦିଆଯାଇ ଆଧୁନିକ ସାହିତ୍ୟକୁ ପ୍ରାଧାନ୍ୟ ଦିଆ ନ ଯାଇ ମୂଳ ସାହିତ୍ୟ ହିଁ ସତ୍ ସାହିତ୍ୟ ଏବଂ ତାହା ସମାଜର ହିତ ଲାଗି ସ୍ୱସ୍ତିବାଚକ ହେତୁ ସାଧୁ, କଲମରୁ ସୁଧା ଉପୁଜୁ ବୋଲି ମତ ପ୍ରକାଶ ପାଇଥିଲା। ରାଜ୍ୟସଭା ସାଂସଦ ମମତା ମହାନ୍ତ ଉଦ୍‌ଘାଟିକା, ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୋପବନ୍ଧୁ ସନ୍ଥ ସାହିତ୍ୟର ସମର୍ଥକ ଥିଲେ ବୋଲି ବକ୍ତବ୍ୟ ରଖିଥିଲେ। ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବରିଷ୍ଠ ସାମ୍ବାଦିକ ଡ ବିଜୟ କୁମାର ଅଗରୱାଲା ସମ୍ମାନିତ ଅତିଥି ଏବଂ ମୁଖ୍ୟବକ୍ତା ଭାବେ ରୂପ୍ ଗୁରୁକୁଳ ଆଶ୍ରମର ସଞ୍ଚାଳକ ଆଚାର୍ଯ୍ୟ ଦେବ ବିଜୟଜୀ, ପୂଜ୍ୟପୂଜା ଅନୁଷ୍ଠାନର ସଭାପତି ଡ ରମାକାନ୍ତ ସିଂ ଏବଂ ଉଦଳାର ପ୍ରମିଳା ପଣ୍ଡା ବକ୍ତା ଭାବେ ଯୋଗଦେଇ ଗୋପବନ୍ଧୁଙ୍କୁ ସେବାର ସନ୍ଥ ବୋଲି କହିଥିଲେ। ପ୍ରାରମ୍ଭରେ ଶିବମୁନି, ମହାତ୍ମା ଗାନ୍ଧୀ ଏବଂ ଗୋପବନ୍ଧୁଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା।ଏହି ଅବସରରେ ସଦ୍‌ଭାବନା ସମିତି ତରଫରୁ ବାରିପଦା ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡ଼ାଙ୍କୁ ସୁସାହିତ୍ୟିକ ଓ ଜିଲ୍ଲାର ପ୍ରମୁଖ ସାରସ୍ୱତ ସଂଗଠନ ମୟୂରଭଞ୍ଜ ସାହିତ୍ୟ ପରିଷଦର ପଦ୍ମନାଭ ସାହୁ, ପ୍ରତିଶ୍ରୁତି ପ୍ରତିଷ୍ଠାନର ଭାଗବତ ପଣ୍ଡା, ପୂଜ୍ୟପୂଜାର ଡ ରମାକାନ୍ତ ସିଂ, ଉଦଳା ଗୋପବନ୍ଧୁ ମେମୋରିଆଲ୍ ସେବା ଟ୍ରଷ୍ଟର ପ୍ରମିଳା ପଣ୍ଡା, କପ୍ତିପଦା ଆରଣ୍ୟକ ସାହିତ୍ୟ ସଂସଦର ରାଜେନ୍ଦ୍ର କୁମାର ସାମଲ, ବେତନଟୀ ମୟୂର ସାହିତ୍ୟ ସଂସଦର ସଚ୍ଚିଦାନନ୍ଦ ମହାନ୍ତି, କରଞ୍ଜିଆ ଚେତନାର ମାନସ ରଞ୍ଜନ ଦାସ, ରାଇରଙ୍ଗପୁର ଶ୍ରୀଜଗନ୍ନାଥ ଚେତନା ଓ ସେବା ସଂଘର ପୁଷ୍ପାଞ୍ଜଳୀ ତ୍ରିପାଠୀ, ବଡସାହି ବାଣୀପୀଠର ସୌମରଞ୍ଜନ ନାୟକ ଏବଂ ବଡସାହି ପୂର୍ଣ୍ଣମାସୀ ସେବା ସଂସ୍ଥାନର ରାଜକିଶୋର ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତି ସଦସ୍ୟ ସନ୍ଦୀପ କୁମାର ଚାନ୍ଦ ଓ ସମ୍ପାଦକ ମାନସ ରଞ୍ଜନ ମହାପାତ୍ର ସ୍ୱାଗତ ଏବଂ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଭାଶିଷ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଗୋଟିଏ ଦେଶର ସଂସ୍କୃତି ଏହାର ଜନତାଙ୍କ ହୃଦୟ ଓ ଆତ୍ମାରେ ଲୁଚି ରହିଛି।
-ମହାତ୍ମା ଗାନ୍ଧୀ

## ପଥଚାରୀଙ୍କ ସୁରକ୍ଷା ଚିନ୍ତା

ସଡ଼କ ଦୁର୍ଘଟଣାରେ ଭାରତ ବିଶ୍ୱରେ ଅଲୋଡ଼ା ରେକର୍ଡ ସୃଷ୍ଟି କରିଚାଲିଛି। ଏହାପଛରେ ଥିବା ଅନେକ କାରଣ ମଧ୍ୟରୁ ହେଲ୍‌ମେଟ୍ ଓ ସୁରକ୍ଷା ବ୍ୟବସ୍ଥା ଉଲ୍ଲଙ୍ଘନ, ନିଶାସକ୍ତ ଗାଡ଼ିଚାଳନା, ଭିଡ଼ ନିୟନ୍ତ୍ରଣରେ ଅସଫଳତା, ରାସ୍ତାଘାଟର ଦୁରବସ୍ଥା ଇତ୍ୟାଦିକୁ ଦାୟୀ କରାଯାଇ ଆସୁଥିଲେ ହେଁ ଏହାର ନିରାକରଣ ଲାଗି ଯେଉଁଳି ନିଷ୍ଠା ଓ ତତ୍ପରତା ପ୍ରକାଶ ପାଇବା କଥା ତାହା ହେଉନାହିଁ। ସରକାର କେବଳ ଶ୍ୱେତପତ୍ର ଓ ଉଦ୍‌ବେଗ ପ୍ରକାଶ କରି ନିଜ ଦାୟିତ୍ୱ ସାରି ଦେଉଥିବା ଏକ ଧାରା ପାଲଟି ଯାଇଛି। ଏ ଦିଗରେ ଏବେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ପୁଣି ଥରେ ତତ୍ପର ହୋଇ ସମସ୍ୟାର ସମାଧାନକୁ ଗୁରୁତ୍ୱ ଦେଇଥିବାରୁ ଆଶାର କ୍ଷୀଣ ଆଲୋକ ରେଖାଟିଏ ଦେଖାଯାଉଛି। ବିଶେଷକରି ପଥଚାରୀଙ୍କ ସୁରକ୍ଷା ପ୍ରତି ସର୍ବୋଚ୍ଚ ନ୍ୟାୟାଳୟ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି।

ଅନିୟନ୍ତ୍ରିତ ଟ୍ରାଫିକ୍ ବ୍ୟବସ୍ଥା ଓ ସଡ଼କରେ ଯାନବାହନ ସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଦୁର୍ଘଟଣାରୁ ଯଥାସମ୍ଭବ ସୁରକ୍ଷାର ସର୍ବୋତ୍ତମ ବିକଳ୍ପ ହେଉଛି ପାଦରେ ଚାଲିଚାଲି ଯିବା। ସମ୍ପ୍ରତି ସହରବଜାରର ସୀମା ଦିନକୁ ଦିନ ବଢୁଥିବାରୁ କର୍ମସଂସ୍ଥାନଜୀବୀମାନେ ପାଦରେ ଚାଲି ଯିବା ଏକପ୍ରକାର ଦୁରୁହ ବ୍ୟାପାର। ତଥାପି ବରିଷ୍ଠ ନାଗରିକ, ମହିଳା, ଶିଶୁ, ଦିବ୍ୟାଙ୍ଗମାନେ କିମ୍ବା ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣ ପାଇଁ ପଥଚାରଣ ଏବେ ବି ସର୍ବୋତ୍କୃଷ୍ଟ ବିକଳ୍ପ। କିନ୍ତୁ ବିଡ଼ମ୍ବନା ଏୟା ଯେ ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟର ଭାରତର ସଡ଼କ ଦୁର୍ଘଟଣା ପରିସଂଖ୍ୟାନରେ ପଥଚାରୀଙ୍କ ସଂଖ୍ୟା ପ୍ରାୟ ୨୦%। ଗତ ଦଶବର୍ଷ ଭିତରେ ଏହି ସଂଖ୍ୟା ଦୁଇଗୁଣା ବୃଦ୍ଧି ପାଇଛି।

ପଥଚାରୀଙ୍କ ପାଇଁ ସଡ଼କରେ ଯେଉଁଳି ବ୍ୟବସ୍ଥା କରିବା କଥା ତାହାର ଅଭାବରୁ ଏଭଳି ଘଟୁଥିବା ସମସ୍ତେ ଜାଣିଥିଲେ ମଧ୍ୟ କର୍ତ୍ତୃପକ୍ଷଙ୍କ ଅବହେଳା, ଦାୟିତ୍ୱହୀନତା ଓ ଉଦାସୀନତା ଯୋଗୁଁ ପରିସଂଖ୍ୟାନ ଉପରମୁହାଁ ହେଉଛି। ପଥଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଫୁଟ୍‌ପାଥ ବା ପାଦଚଲା ସ୍ଥାନ ବୁଲାବିକାଳୀମାନେ ମାଡ଼ି ବସୁଥିବା ବେଳେ ବାହୁବଳ ଓ ଅର୍ଥବଳରେ ଫୁଟ୍‌ପାଥକୁ କବ୍‌ଜା କରୁଥିବା ସ୍ଥାୟୀ ଦୋକାନୀମାନଙ୍କ ସଂଖ୍ୟା କମ୍ ନୁହେଁ। ଫୁଟ୍‌ପାଥକୁ ଜବରଦଖଲମୁକ୍ତ କରିବା କାମ କାହାର ସେ ଭାଗବଣ୍ଟା ଛିଣ୍ଡୁ ନଥିବାରୁ ଜଣେ ଆଉ ଜଣଙ୍କ ମୁଣ୍ଡକୁ ଦାୟିତ୍ୱ ଠେଲି ଦେଇ ଖସିଯାଉଛନ୍ତି ଏବଂ ବିଚରା ପଥଚାରୀ ହିଁ ପରାଭବ ଭୋଗିବା ସାର ହେଉଛି। ଏହାଛଡ଼ା ପଥଚାରୀମାନେ ଜନଗହଳିପୂର୍ଣ୍ଣ ରାସ୍ତା ଓ ଛକକୁ ସୁରକ୍ଷିତ ଭାବେ ପାରି ହେବା ପାଇଁ ଅନେକ ସ୍ଥାନରେ ବ୍ୟବସ୍ଥା ନାହିଁ; ଯେଉଁଠାରେ ବ୍ୟବସ୍ଥା ଅଛି ତାହାର ଅନୁପାଳନ ହେଉନାହିଁ। ଟ୍ରାଫିକ୍ ପରିଚାଳନା ଅଭାବରୁ ମଧ୍ୟ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏ ସମସ୍ୟାକୁ ହୃଦୟଙ୍ଗମ କରି ସର୍ବୋଚ୍ଚ ନ୍ୟାୟାଳୟ ପଥଚାରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇଥିବା ବେଳେ ବେନିୟମ ଓ ବିନା ହେଲ୍‌ମେଟ୍‌ରେ ଗାଡ଼ିଚାଳନା, ଏଲ୍‌ଇଡି ଲାଇଟର ପ୍ରଭାବକୁ ଯଥାସମ୍ଭବ ନିୟନ୍ତ୍ରଣ ପାଇଁ ଆବଶ୍ୟକ ନିୟମ ଆଣିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣ ସମେତ ରାଜ୍ୟ ସରକାର ଓ ପୌରପାଳିକା/ମହାନଗର ନିଗମଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ଭାରତୀୟ ରୋଡ୍ କଂଗ୍ରେସର ମାର୍ଗଦର୍ଶିକା ଅନୁଯାୟୀ, ପଥଚାରୀଙ୍କ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ବିଧେୟ। ଏଥିପାଇଁ ଫୁଟ୍‌ପାଥ୍‌ର ଡିଜାଇନ୍ ମଧ୍ୟ ପରିକଳ୍ପନା କରାଯାଇଛି। ଆଇଆରସି ମାର୍ଗଦର୍ଶିକା ୧୦୩-୨୦୨୨ ଅନୁଯାୟୀ ଫୁଟ୍‌ପାଥର ଚଉଡ଼ା ଆବାସିକ ଅଞ୍ଚଳରେ ୪ ମିଟର ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ୬.୫ ମିଟର ଏବଂ ଉଚ୍ଚତା ୧୫୦ ମିଲିମିଟର ରହିବା ବିଧେୟ। କିନ୍ତୁ ଆମ ଫୁଟ୍‌ପାଥଗୁଡ଼ିକର ସ୍ଥିତି କ'ଣ ତାହା ଆମେ ଅକ୍ଷେବହୁତେ ଜାଣିଛେ। ତେଣୁ ପ୍ରାଥମିକ ପର୍ଯ୍ୟାୟରେ ମେଟ୍ରୋ ସହରମାନଙ୍କରେ ଫୁଟ୍‌ପାଥର ସ୍ଥିତି ଯାଞ୍ଚ କରି ରିପୋର୍ଟ ଦେବାକୁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଧାର୍ମିକ ଅନୁଷ୍ଠାନ, ଐତିହ୍ୟସ୍ଥଳ, ଶିକ୍ଷାୟତନ, ସ୍ୱାସ୍ଥ୍ୟକେନ୍ଦ୍ର, ସାଧାରଣ ଅଭିଯୋଗ କାର୍ଯ୍ୟାଳୟ, ଅଦାଲତ, ବଜାର, ହାଟ, ପାର୍କ, ସିନେମା ହଲ୍ ଆଦି ନିକଟରେ ପଥଚାରୀଙ୍କ ଦୁର୍ଘଟଣା ଅଧିକ ହେଉଥିବାରୁ ସେଠାରେ ବିହିତ ସୁରକ୍ଷା ବ୍ୟବସ୍ଥା ପ୍ରତି କର୍ତ୍ତୃପକ୍ଷ ଅଧିକ ଯତ୍ନଶୀଳ କଥା, ଯାହାକୁ ସର୍ବୋଚ୍ଚ ନ୍ୟାୟାଳୟ ଯଥୋଚିତ ଗୁରୁତ୍ୱ ଦେଇଛନ୍ତି। ଏଥିସହିତ ପଥଚାରୀମାନଙ୍କ ଫୁଟ୍‌ପାଥ୍ ସମ୍ବନ୍ଧୀୟ ଅଭିଯୋଗ ଦାଖଲ ଏବଂ ସମସ୍ୟା ସମାଧାନ ପାଇଁ ଅନ୍‌ଲାଇନ୍ ପୋର୍ଟାଲ୍ ଖୋଲିବା ଲାଗି ଜାତୀୟ ରାଜପଥ ପ୍ରାଧିକରଣ ସମେତ ପୌରପାଳିକାମାନଙ୍କୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ପଥଚାରୀଙ୍କ ସୁରକ୍ଷା ସର୍ବାଗ୍ରେ ହୋଇଥିବାରୁ ଏହି ନିର୍ଦ୍ଦେଶନାମାର ଯେପରି ଯଥାଶୀଘ୍ର ପାଳନ ହୋଇପାରିବ ସେଥିପ୍ରତି ସର୍ବୋଚ୍ଚ ଅଦାଲତ ଗୁରୁତ୍ୱ ଦେଇ କହିଛନ୍ତି ଯେ ଆସନ୍ତା ଛଅମାସ ମଧ୍ୟରେ ରାଜ୍ୟମାନେ ମୋଟର ଭେହିକିଲ୍ ଆକ୍ଟ ଧାରା ୧୩୮ (ଆଇଏ) ଅନୁଯାୟୀ ଏବଂ କେନ୍ଦ୍ର ଶାସିତ ଅଞ୍ଚଳମାନେ ଧାରା ୨୧୦-ଡି ଅନୁଯାୟୀ ଆବଶ୍ୟକ ନୀତି ନିର୍ଦ୍ଧାରଣ କରିବାକୁ ପଡ଼ିବ।

ଆମେ ଏହି ପୃଷ୍ଠଭୂମିରେ କର୍କଶ ହର୍ଣ୍ଣ ଓ ଦ୍ରୁତ ଗାଡ଼ିଚାଳନାର ପ୍ରତିଯୋଗିତାକୁ ଯେପରି ନିରୁତ୍ସାହିତ କରାଯାଇପାରିବ ସେ ସମ୍ପର୍କରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରୁଛୁ। କାରଣ ସଡ଼କ ଦୁର୍ଘଟଣାରେ ଏହି ଦୁଇ କାରକର ମଧ୍ୟ ଯଥେଷ୍ଟ ଭୂମିକା ରହିଛି। ଏ ସମ୍ପର୍କିତ ନିର୍ଦ୍ଧାରିତ କଟକଣାର ତଦାରଖ ପ୍ରକ୍ରିୟାକୁ ଯେପରି ଗତିଶୀଳ ଓ ନିୟମିତ କରାଯାଇପାରିବ ସେ ଦିଗରେ ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ପ୍ରଶାସନକୁ ବିହିତ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରୁଛୁ। ପ୍ରଭାବଶାଳୀ ତଦାରଖ ବ୍ୟବସ୍ଥାର ଅନୁପସ୍ଥିତିରେ ନିର୍ଦ୍ଦେଶ ଓ ତା'ର କାର୍ଯ୍ୟାନ୍ୱୟନ ମଧ୍ୟରେ ବହୁ ସମୟ ବ୍ୟବଧାନ ରହିଯାଉଥିବାରୁ ସମୟୋପଯୋଗୀ ମହତ୍ ଲକ୍ଷ୍ୟ ସାଧିତ ହୋଇପାରୁନାହିଁ। ଅତୀତରେ ପୁରୀ ଜିଲ୍ଲା ଅଞ୍ଚଳରେ ସ୍କୁଲ୍ ପିଲାମାନଙ୍କର ରାସ୍ତାପାରି ସମସ୍ୟା ଦୀର୍ଘଦିନ ଧରି ଅସମାହିତ ରହିବା ପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଆଞ୍ଚଳିକ ଅଧିକାରୀଙ୍କୁ ପ୍ରତ୍ୟକ୍ଷ ଭାବେ ରାସ୍ତା ପାରି ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସମସ୍ୟା ସମାଧାନ ହୋଇଥିଲା। ସେଭଳି ଅଦାଲତୀ କାର୍ଯ୍ୟାନୁଷ୍ଠାନ ଜନସମୁଦାୟ ଆଶା କରନ୍ତି।

## ଆମ ଅର୍ଥନୀତିର ପୁତ୍ର ଓ ଜାମାତାମାନେ

ଡକ୍ଟର ଅବଶ ପରିଡ଼ା

କିଛିଦିନ ତଳର କଥା। ଲଗାଣ ବର୍ଷାରେ ମହାରାଷ୍ଟ୍ରର ମରାଠୱାଡ଼ା ଅଞ୍ଚଳରେ ଚାଷୀ ଓ ଚାଷ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ବନ୍ୟାଞ୍ଚଳ ପରିଦର୍ଶନ କଲେ। ଫସଲର କ୍ଷତିଠାରୁ ବ୍ୟାଙ୍କ ଋଣ ଶୁଝିବା ଥିଲା ସେଠାକାର ଚାଷୀଙ୍କର ପ୍ରଥମ ଚିନ୍ତା। ତେଣୁ ସ୍ୱାଭାବିକ ଭାବରେ ଉପମୁଖ୍ୟମନ୍ତ୍ରୀଙ୍କୁ ଋଣ ଛାଡ଼ ପାଇଁ ଅନେକ ଚାଷୀ ଅନୁରୋଧ କରିଥିଲେ। କିନ୍ତୁ ପାୱାର ସାହେବ ତାଚ୍ଛଲ୍ୟ କରି କହିଲେ, 'ଋଣ ଛାଡ଼ ହେବ ଏମାନଙ୍କର? ଏ ଚାଷୀଙ୍କୁ ମୁଖ୍ୟମନ୍ତ୍ରୀ କରିଦିଅ।' ଯଦି ସେହି ଚାଷୀ ଜଣକ ମୁଖ୍ୟମନ୍ତ୍ରୀ କିମ୍ବା ପ୍ରଭାବଶାଳୀ ବ୍ୟକ୍ତି ହୋଇଥା'ନ୍ତେ, ତେବେ ତାଙ୍କର ଋଣ ଛାଡ଼ ହୋଇପାରିଥା'ନ୍ତା ବୋଲି ଉପମୁଖ୍ୟମନ୍ତ୍ରୀ ସମ୍ଭବତଃ ପରୋକ୍ଷ ଭାବରେ କହିଥିଲେ। ଏଠାରେ ରାଜନେତାଙ୍କ ଉତ୍ତରରେ ଚାଷୀଙ୍କ ପ୍ରତି ଥିବା ଅବମାନନା ନୁହେଁ, ବରଂ ବିଶାଳ କୃଷକ ଶ୍ରେଣୀର ସାମାଜିକ ସ୍ଥିତି ଓ ଅସମାନତା କଥା ଆଲୋଚନା କରିବା।

ସମାଜବିଜ୍ଞାନୀଙ୍କ ଦୃଷ୍ଟିରେ, ଚାଷୀମାନେ ଆମ ପରିବାରର ପୁଅଙ୍କ ଭଳି। ସେମାନେ ଉତ୍ତରଦାୟୀ ରହିବେ, ସନ୍ତୁଳନ ରଖିବେ। ଅକ୍ଳାନ୍ତ ପରିଶ୍ରମ କରିବେ। ଋଣ ପରିଶୋଧ କରିବେ, ଅଭିଯୋଗ କରିବେ ନାହିଁ। ଅପରପକ୍ଷରେ ଶିଳ୍ପପତିମାନେ ହେଉଛନ୍ତି ଦେଶର ଜାମାତା(ଜ୍ୱାଇଁପୁଅ)। ସେମାନେ ଆଦର ସହିତ ଭଲ ବ୍ୟବସ୍ଥା ଓ ପ୍ରଶଂସା ପାଇବେ। ଜଙ୍ଗଲ କାଟନ୍ତୁ କି ପରିବେଶ ପ୍ରଦୂଷଣ କରନ୍ତୁ, ଉତ୍ତରଦାୟିତ୍ୱ ନେବେ ନାହିଁ। ଖର୍ଚ୍ଚର ହିସାବ କେହି ମାଗିବେ ନାହିଁ। ଜ୍ୱାଇଁ ଚର୍ଚ୍ଚାରେ ଆମେ ବ୍ୟସ୍ତ। ଯେତେ ଭିଡ଼ ହେଉ ପଛେ ଶିଳ୍ପପତିଙ୍କୁ ଟିକେ ପାଖରୁ ଦେଖିବା ହେଉଛି ଆମ ଖୁସି। ଏପଟେ, ଚାଷୀର ଶୀତଳ ମର ଶରୀର ଦେଖିଲେ ଆମେ ଚୁପ। କାରଣ ଏ ବିଷୟରେ କଥା ହେଲେ ଦେଶକୁ ଲାଜ ଓ ଆମ ଅର୍ଥନୀତିକୁ ଅପମାନ। ଆମେ କେତେ ନକଲି ମୁଖା ପିନ୍ଧା ସମାଜରେ ରହୁଛେ, ତାହା ଏଥିରୁ ସ୍ପଷ୍ଟ।

ପ୍ରଥମେ ଚାଷୀପୁଅଙ୍କ ଆର୍ଥିକ ସ୍ଥିତି କଥା ବିଚାରକୁ ନେବା। ଅଖିଳ ଭାରତୀୟ ଗ୍ରାମୀଣ ଆର୍ଥିକ ଅନ୍ତର୍ଭୁକ୍ତି ସର୍ବେକ୍ଷଣ ଅନୁଯାୟୀ, ଭାରତୀୟ କୃଷି ପରିବାରରେ ଅଧାରୁ ଅଧିକ ଋଣଗ୍ରସ୍ତ। ସେମାନଙ୍କ ହାରାହାରି ବକେୟା ଋଣ ୧ ଲକ୍ଷ ଟଙ୍କାରୁ ଅଧିକ। ଆର୍ଥିକ ସ୍ୱଚ୍ଛଳ ଶ୍ରେଣୀକୁ ଏହା କମ୍ ଲାଗୁ ଥାଇପାରେ। କିନ୍ତୁ ତାହା ଏକ ଗ୍ରାମୀଣ କୃଷି ପରିବାରର ବାର୍ଷିକ ଆୟ ସହିତ ସମାନ କିମ୍ବା ତା'ଠାରୁ ଅଧିକ। ଚାଷୀ ପରିବାର ପାଇଁ ଋଣ ଏକ ନିବେଶ ନୁହେଁ, ବରଂ ଖାଦ୍ୟ, ଚାଷ, ଜରୁରିକାଳୀନ ଚିକିତ୍ସା, ସାମାଜିକ ଦାୟିତ୍ୱ ନିର୍ବାହନ ପାଇଁ ଏକ ବାଧ୍ୟବାଧକତା। ଚାଷୀର ଋତୁକାଳୀନ ଉତ୍ପାଦନ ଅନେକ ସମୟରେ ବିଫଳ ହେଉଛି। ପାଣିପାଗ, କୀଟପତଙ୍ଗ କିମ୍ବା ବଜାରରେ ମୂଲ୍ୟ ହ୍ରାସ ଏଥିପାଇଁ ଦାୟୀ। ଏଥିସହିତ ଗତ କିଛିଦିନ ହେଲାଣି ଦାଉ ସାଧିଛି ସାର ଅଭାବ।

ଏକ ଅଧ୍ୟୟନ କୁହେ ଯେ ଭାରତୀୟ ଚାଷୀବର୍ଗ ଦଶହଜାର ଟଙ୍କାର ଋଣ ପରିଶୋଧ କରିବା ପାଇଁ ଦାଦନ ଖଟିବାକୁ ଯାଏ। ପ୍ରତିବର୍ଷ ବଲାଙ୍ଗୀର ଓ ନୂଆପଡ଼ା ଆଦି ଜିଲ୍ଲାରୁ ୨ଲକ୍ଷରୁ ଅଧିକ ଶ୍ରମିକ ଆନ୍ଧ୍ରପ୍ରଦେଶ କିମ୍ବା ତେଲେଙ୍ଗାନାକୁ ପ୍ରବାସ କରୁଛନ୍ତି। ସମାଜବିଜ୍ଞାନ ଦୃଷ୍ଟିରୁ ଏହା କେବଳ ଆର୍ଥିକ ଦୁର୍ଦ୍ଦଶା ନୁହେଁ, ବରଂ ଓଡ଼ିଶାର ଚାଷୀ ସମ୍ମାନର ଏକ ସଙ୍କଟ। 'ଛୋଟ' ଲାଗୁଥିବା ଏହି ଋଣ ଏକ ବିଶାଳ କୃଷକ ଶ୍ରେଣୀକୁ ସାମାଜିକ ଓ ଆର୍ଥିକ ଭାବରେ ଯେ ଭାରାକ୍ରାନ୍ତ କରିଦେଉଛି, ତାହା ଜାତୀୟ କୃଷକ ଆତ୍ମହତ୍ୟା ପରିସଂଖ୍ୟାନରେ ପ୍ରତିଫଳିତ। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ କୁହେ ଯେ କୃଷି କ୍ଷେତ୍ରରେ ବର୍ଷକୁ ଦଶ ହଜାରରୁ ଅଧିକ ଆତ୍ମହତ୍ୟା ମାମଲା ରୁଜୁ ହେଉଛି। ସାମ୍ପ୍ରତିକ ବର୍ଷଗୁଡ଼ିକରେ କୃଷକଙ୍କ ଉପର ପଡୁଥିବା ଆର୍ଥିକ ଚାପ ହେଉଛି ଏହାର ପ୍ରମୁଖ କାରଣ। ଋଣ ଖିଲାପକାରୀ ଭାବରେ ବର୍ଗୀକରଣ, ଡିମାଣ୍ଡ ନୋଟିସ୍, ଭବିଷ୍ୟତର ଋଣ କ୍ଷତି, ପୁନରୁଦ୍ଧାର ପ୍ରକ୍ରିୟା ମାଧ୍ୟମରେ ହଇରାଣ ଏବଂ ସାମାଜିକ କଳଙ୍କ, ସମ୍ମାନର କ୍ଷତି, ପାରିବାରିକ ଲଜ୍ଜା ଇତ୍ୟାଦି ଚାପଗ୍ରସ୍ତ ଚାଷୀ ପାଇଁ ଏକ ମାନସିକ -ସାମାଜିକ ବିଭ୍ରାଟ ସୃଷ୍ଟି କରୁଛି ବୋଲି ଅନେକ ବିଶାରଦ ଯୁକ୍ତି ବାଢ଼ନ୍ତି। ଏଠି ମତ ଆସିପାରେ ଯେ ଚଳିତ କେନ୍ଦ୍ର ବଜେଟ୍ କିଷାନ କ୍ରେଡିଟ୍ କାର୍ଡ ପାଇଁ ଋଣ ସୀମା ବୃଦ୍ଧି କରାଯାଇଛି। ତେଣୁ ଏହା ଏକ ସମାଧାନର ବାଟ ହୋଇପାରେ। କିନ୍ତୁ ଚାଷୀକୁଳ ଏହାକୁ ଅପର୍ଯ୍ୟାପ୍ତ ଏବଂ ଏକ ସମ୍ଭାବ୍ୟ ଫାଶ ଭାବରେ ଗ୍ରହଣ କରୁଛନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ସହିତ ଜାରି ରହିଥିବା ସମସ୍ୟା ଏବଂ କୃଷି ଉପକରଣ ଉପରେ ଥିବା ଟିକସର ବୋଝ ହେଉଛି ଏହାର କାରଣ।

ଏବେ ଦେଶର ଜ୍ୱାଇଁଙ୍କ ବିଷୟରେ ଆଲୋଚନା କରିବା। ସାର୍ବଜନୀନ ପ୍ରକାଶନ ଦର୍ଶାଉଛି ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ୩୧ ମାର୍ଚ୍ଚ, ୨୦୨୫ ସୁଦ୍ଧା ପ୍ରାୟ ୧.୬୨ ଲକ୍ଷ କୋଟି ଟଙ୍କାର ମୋଟ ବକେୟା ସହିତ ୧,୬୨୯ ଜଣ ଇଚ୍ଛାକୃତ ଖିଲାପକାରୀଙ୍କୁ ଚିହ୍ନଟ କରିଛନ୍ତି। ଏମାନେ ସଭିଏଁ ଶିଳ୍ପପତି ଶ୍ରେଣୀର। ବିଗତ ପାଞ୍ଚ ବର୍ଷରେ ବ୍ୟାଙ୍କଗୁଡ଼ିକ ସେମାନଙ୍କର ପ୍ରାୟ ୯.୯ ଲକ୍ଷ କୋଟି ଟଙ୍କାର ଋଣ 'ରାଇଟ ଅଫ୍' ବା ଛାଡ଼ କରିଛନ୍ତି। ଏହା ଏକ ବ୍ୟବସ୍ଥିତ ଲୁଟ। ଆମ ବ୍ୟବସ୍ଥାରେ ବଡ଼ଋଣ ଖିଲାପକାରୀଙ୍କ ପାଇଁ ସେମିତି କିଛି ଦଣ୍ଡ ବ୍ୟବସ୍ଥା ନାହିଁ। ଠକେଇ ମାମଲା, ପ୍ରତ୍ୟର୍ପଣ, କର୍ପୋରେଟ୍ ଦେବାଳିଆ ଓ ପୁନରୁଦ୍ଧାର ପାଇଁ ବର୍ଷ ବର୍ଷ ସମୟ ଲାଗେ। ପଳାତକମାନେ ଆଇନ ଦ୍ୱାରା ଜନସାଧାରଣଙ୍କ କ୍ରୋଧକୁ ଦୀର୍ଘ ଆଇନଗତ ବିବାଦରେ ପରିଣତ କରିବାରେ ସଫଳ ମଧ୍ୟ ହୁଅନ୍ତି।

ଯେତେବେଳେ କୃଷକ, କ୍ଷୁଦ୍ର ବ୍ୟବସାୟୀ ଓ ଶ୍ରମିକଙ୍କ ଭଳି କ୍ଷୁଦ୍ର ଋଣଗ୍ରହୀତା ଖିଲାପକାରୀ ହୁଅନ୍ତି, ସେତେବେଳେ ଦୋଷ ବ୍ୟକ୍ତିଗତ ହୋଇଥାଏ। ଏହାର ଅର୍ଥ ଏହା ଅପରାଧ ଏବଂ ଏକ ନୈତିକ ବିଫଳତା। ଅପରପକ୍ଷେ ଯେତେବେଳେ ବଡ଼ କର୍ପୋରେଟ୍ ଋଣଗ୍ରହୀତା ଖିଲାପକାରୀ ହୁଅନ୍ତି ସେତେବେଳେ ଘଟଣାକୁ ପ୍ରାୟତଃ 'ବ୍ୟବସାୟିକ ବିପଦ', 'ବିଶ୍ୱବ୍ୟାପୀ ଆର୍ଥିକ ସଙ୍କଟ' କିମ୍ବା ଏକ ବୈଷୟିକ ବିଫଳତା ଭାବରେ ଦର୍ଶାଯାଇଥାଏ। ଏହା କ'ଣ ଅସମାନତା ନୁହେଁ?

ଗରିବ ଚାଷୀ ପୁଅ ପାଇଁ ଋଣର ଶୃଙ୍ଖଳାରେ ଓ ନିୟନ୍ତ୍ରଣରେ ରହିବା ସତେଯେମିତି ଏକ ନିୟମ। କିନ୍ତୁ ଜ୍ୱାଇଁ ରୂପକ ଶିଳ୍ପପତି ପାଇଁ ଏହା ଏକ ଅସ୍ପଷ୍ଟ ଋଣନୀତି। କିଛିମାସ ତଳେ ଅମ୍ବାନୀଙ୍କ ପୁଅ ବିବାହ ଉତ୍ସବର ଆନୁମାନିକ ଖର୍ଚ୍ଚ ଥିଲା ପ୍ରାୟ ୫ହଜାର କୋଟି ଟଙ୍କା। ଅମ୍ବାନୀ ପରିବାର ପାଇଁ ଏସବୁ ଖର୍ଚ୍ଚ ଥିଲା ସାମାନ୍ୟ। କିନ୍ତୁ ଏହି ସାମାନ୍ୟ ଖର୍ଚ୍ଚଟି ଭାରତର ମରୁଡ଼ିପ୍ରବଣ ଜିଲ୍ଲାର ବାର୍ଷିକ ବଜେଟ ସହିତ ସମାନ। ଅମ୍ବାନୀଙ୍କ ପୁଅ ବାହାଘର ସମୟରେ ହିଁ ଲଗାଣ ବର୍ଷା, ଫସଲ କ୍ଷତି ଓ ଋଣ ଯୋଗୁଁ ମହାରାଷ୍ଟ୍ରର ତିରିଶରୁ ଅଧିକ ଚାଷୀ ଆତ୍ମହତ୍ୟା କରିଥିଲେ। କିନ୍ତୁ କୌଣସି କ୍ୟାମେରା ବା ଗଣମାଧ୍ୟମ ମୃତକ ଚାଷୀର ଘରେ ପହଞ୍ଚି ପାରିଲା ନଥିଲା। ସବୁ କଥାରେ 'ବ୍ରେକିଙ୍ଗ ନ୍ୟୁଜ୍' ଦେଉଥିବା ଗଣମାଧ୍ୟମ 'ଚାଷୀ ଶବଦାହ ମଧ୍ୟରେ ପୁଞ୍ଜିବାଦର ଉତ୍ସବ' ଶୀର୍ଷକ ବ୍ରେକିଙ୍ଗ ନ୍ୟୁଜ୍ ଦେବାକୁ ଉଚିତ ମଣିଲା ନାହିଁ। ଗଣମାଧ୍ୟମରୁ ଗଣକୁ ହିଁ ବିଯୁକ୍ତ କରାଗଲା।

ଯେଉଁଠି ଚାକିରି ଲକ୍ଷ ଲକ୍ଷ ଟଙ୍କାରେ ନିଲାମ ହେଉଛି ସେଠାରେ ଚାଷୀଘରର ପାଠପଢୁଆ ଯୁବକଟି ଭଲ ଚାକିରି ପାଇବା ଅସମ୍ଭବ ଭଳି ଲାଗୁଛି। ଶ୍ରମ ବଜାର ତଥ୍ୟ ଅନୁଯାୟୀ, ସର୍ବୋଚ୍ଚ ୧% ମାସିକ ଆୟ ସୀମା ହେଉଛି ୭୫ ହଜାର ଟଙ୍କା। ମଝିରେ ଥିବା ୫୦ ପ୍ରତିଶତଙ୍କ ସୀମା ହେଉଛି ୧୨ ହଜାର ଟଙ୍କା ଏବଂ ଶେଷରେ ଥିବା ୧୦ ପ୍ରତିଶତଙ୍କ ଆୟ ହେଉଛି ମାସିକ ୪ ହଜାର ଟଙ୍କା। ୬୦ ପ୍ରତିଶତଙ୍କ ହାରାହାରି ଆୟ ମାସକୁ ୮ ହଜାର ଟଙ୍କା। ଗରିବଟି ଏତେ କମ ରୋଜଗାରରେ ମଧ୍ୟ ସବୁଠି ଉତ୍ତରଦାୟୀ।

ଗୋପାଳ କୃଷ୍ଣ ଗୋଖଲେ 'ହୋମ୍ସ ବିଲାଇତ' ଶୀର୍ଷକ ଏକ ଭାଷଣରେ କହିଥିଲେ, 'ବ୍ରିଟିଶ ପ୍ରଶାସନ ପାଇଁ କାମ କରୁଥିବା ଜଣେ ବି ଭାରତୀୟ ଦେଶର ପରିବର୍ତ୍ତନ ପ୍ରତି ଆଗ୍ରହୀ ନଥିଲେ। କାରଣ ଏକ ଆରାମଦାୟକ ଜୀବନଯାପନ ଏବଂ ଉପଭୋଗ ସେମାନଙ୍କୁ ଅନ୍ଧ କରିଦେଇଥିଲା। ତେଣୁ ଗରିବର କଷ୍ଟ ଆଉ କଷଣ ଦୃଷ୍ଟିରେ ପଡୁନି।' ଆଜିର ସମୟରେ ବ୍ୟବସ୍ଥା ଦ୍ୱାରା ବିଶେଷାଧିକାର ପାଇଥିବା ଧନୀ, ଶିଳ୍ପପତି, ପୁଞ୍ଜିବାଦର 'ଜ୍ୱାଇଁ'ମାନଙ୍କ ପାଇଁ ଭାରତର ପ୍ରକୃତ ପୁଅ ଯଥା କୃଷକ, ଶ୍ରମିକ, ଅବହେଳିତ, ଅସ୍ୱୀକୃତ ପ୍ରତିଭାଶାଳୀ ଯୁବକମାନେ ଅଣଦେଖା ହେଉଛନ୍ତି। ଗୋଖଲେ ଶିକ୍ଷିତମାନଙ୍କ ମଧ୍ୟରେ ଦୁଇଟି ଶ୍ରେଣୀ ଉଲ୍ଲେଖ କରିଥିଲେ। ପ୍ରଥମେ ଯେଉଁମାନେ ସଂସ୍କାର ଚାହାନ୍ତି ଏବଂ ଦ୍ୱିତୀୟ ଯେଉଁମାନେ ପରିବର୍ତ୍ତନ ଚାହାନ୍ତି। ସଂସ୍କାର ଚାହୁଁଥିବା ବ୍ୟକ୍ତିଙ୍କ ସଂଖ୍ୟା ଅନେକ; କିନ୍ତୁ ସେମାନଙ୍କ ଆଶା କମ। ପରିବର୍ତ୍ତନ ଚାହୁଁଥିବା ବ୍ୟକ୍ତିଙ୍କ ସଂଖ୍ୟା କମ୍; କିନ୍ତୁ ସେମାନଙ୍କ ବଡ଼ ଆଶା।

ଯଦି ଆମେ ସଂସ୍କାର ଆଣିବାକୁ ଚାହୁଁଛେ ତେବେ ଅବହେଳିତ ଲୋକଙ୍କ ଉପରେ ବିଶ୍ୱାସ, ଦୁର୍ବଳଙ୍କ ସହିତ ଏକତା, ନିରବ ଓ ନିଷ୍ପେସିତଙ୍କ ମଧ୍ୟରେ ଆଶା ଜାଗ୍ରତ କରିବା ଆବଶ୍ୟକ। ଯଦି ପରିବର୍ତ୍ତନ ଆବଶ୍ୟକ କରୁଛେ, ତେବେ ସାମାଜିକ ନ୍ୟାୟ କେବଳ ଏକ ସ୍ଲୋଗାନରେ ସୀମିତ ନ ରହି ଏକ ବ୍ରତ ହେଉ। ଆମେ ସଂସ୍କାର ଆଣିବା ନା ପରିବର୍ତ୍ତନ ଆଣିବା, ସେ ନିଷ୍ପତ୍ତି ଆପଣମାନଙ୍କର।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ବିରଳ ମୃତ୍ତିକା ଚୁମ୍ବକ ପ୍ରତିଯୋଗିତା

ଇଂ ମାୟାଧର ସ୍ୱାଇଁ

ବିରଳ ମୃତ୍ତିକା ଚୁମ୍ବକ ହେଉଛି ଯାନବାହନ, ସ୍ମାର୍ଟ ଫୋନ, ପବନ ଟରବାଇନ, ଉଡ଼ାଜାହାଜ, ମହାକାଶ ଯାନ, ଡ୍ରୋନ, ସାଇକେଲ ଡାଇନାମୋ, କମ୍ପ୍ୟୁଟର ହାର୍ଡଡିସ୍କ, ଖେଳନା ଏବଂ ଆହୁରି ଅନେକ ଉପକରଣର ଏକ ଅତ୍ୟାବଶ୍ୟକୀୟ ଉପାଦାନ। ଏହା ମଧ୍ୟ ଯୁଦ୍ଧ ବିମାନ ଓ କ୍ଷେପଣାସ୍ତ୍ରରେ ବ୍ୟବହୃତ ହେଉଛି। ଗୋଟିଏ ପେଟ୍ରୋଲ ଇଞ୍ଜିନ ଚାଳିତ କାରରେ ଚାଳିଶରୁ ଅଧିକ ବିରଳ ମୃତ୍ତିକା ଚୁମ୍ବକ ବ୍ୟବହୃତ ହୋଇଥାଏ। କାରର ସିଟ୍, ବ୍ରେକ୍, ପାର୍ଶ୍ୱ ଦର୍ପଣ ଓ ଅନ୍ୟାନ୍ୟ ଚାଳନା ପାଇଁ ବ୍ୟବହୃତ ମୋଟରରେ ବେଳେ ବେଳେ ଦଶଗ୍ରାମ୍‌ରୁ କମ ଓଜନର ଚୁମ୍ବକ ଲାଗିଥାଏ। କିନ୍ତୁ ଏହାର ଉତ୍ପାଦନ ମୁଖ୍ୟତଃ ଚୀନରେ ହେଉଥିବାରୁ ବର୍ତ୍ତମାନର ବିଶ୍ୱ ବାଣିଜ୍ୟଯୁଦ୍ଧରେ ଏହାକୁ ବ୍ୟବହାର କରିବା ପାଇଁ ଚୀନ୍ ପଶ୍ଚାତପଦ ହେଉନାହିଁ। ଯୁକ୍ତରାଷ୍ଟ୍ର ଆମେରିକା ଓ ୟୁରୋପ ମିଳିତ ଭାବେ ଚୀନ୍‌ରୁ ବର୍ଷକୁ ୪୦,୦୦୦ ଟନ୍ ବିରଳ ମୃତ୍ତିକା ଚୁମ୍ବକ ଆମଦାନୀ କରିଥା'ନ୍ତି।

ବିରଳ ମୃତ୍ତିକା ଚୁମ୍ବକ ହେଉଛି ବିରଳ ମୃତ୍ତିକା ମୌଳିକ ପଦାର୍ଥଗୁଡ଼ିକର ମିଶ୍ରଧାତୁରୁ ନିର୍ମିତ ଶକ୍ତିଶାଳୀ ସ୍ଥାୟୀ ଚୁମ୍ବକ। ଗତଶତାବ୍ଦୀର ସତୁରୀ ଓ ଅଶୀ ଦଶକରେ ଏହା ବିକଶିତ ହୋଇଛି। ପୂର୍ବରୁ ବ୍ୟବହୃତ ଆଲନିକୋ (ଆଲୁମିନିୟମ-ନିକେଲ-କୋବାଲ୍ଟ) ଚୁମ୍ବକ ଅପେକ୍ଷା ଏହା ବହୁତ ଅଧିକ ଚୁମ୍ବକୀୟ କ୍ଷେତ୍ର ସୃଷ୍ଟି କରିଥାଏ। ଦୁଇ ପ୍ରକାରର ଏହି ଚୁମ୍ବକ ଉତ୍ପାଦିତ ହେଉଛି। ଗୋଟିଏ ହେଉଛି ନିଓଡିମିୟମ-ଲୌହ-ବୋରୋନ ଚୁମ୍ବକ ଓ ଅନ୍ୟଟି ହେଉଛି ସମରିୟମ୍-କୋବାଲଟ ଚୁମ୍ବକ। ନିଓଡିମିୟମ୍ ଓ ସମରିୟମ ବିରଳ ମୃତ୍ତିକା ମୌଳିକ ପଦାର୍ଥ ହୋଇଥିବାରୁ ଏବଂ ଚୁମ୍ବକରେ ଏଗୁଡ଼ିକର ଗୁରୁତ୍ୱ ଅଧିକ ଥିବାରୁ ଏହି ଚୁମ୍ବକକୁ ବିରଳ ମୃତ୍ତିକା ଚୁମ୍ବକ କୁହାଯାଉଛି।

ପୃଥିବୀରେ ବ୍ୟବହୃତ ବିରଳ ମୃତ୍ତିକା ଚୁମ୍ବକର ୯୦ ପ୍ରତିଶତ ଚୀନ୍‌ରୁ ଆସୁଛି। ଏହାର କାରଣ ହେଉଛି, ଚୀନ୍‌ରେ ବିରଳ ମୃତ୍ତିକା ମୌଳିକ ପଦାର୍ଥ ବହୁଳ ପରିମାଣରେ ଉପଲବ୍ଧ ଅଛି। ଏହା ପୃଥିବୀର ୭୦ ପ୍ରତିଶତ ବିରଳ ମୃତ୍ତିକା ପଦାର୍ଥ ଉତ୍ତୋଳନ କରୁଛି ଏବଂ ଏହାର ପ୍ରକ୍ରିୟାକରଣ କ୍ଷମତା ହେଉଛି ସମଗ୍ର ବିଶ୍ୱର ୯୦ ପ୍ରତିଶତ। ଏପରିକି ଆମେରିକା ମଧ୍ୟ ନିଜ ଦେଶରେ ଉତ୍ତୋଳିତ ବିରଳ ମୃତ୍ତିକା ପଦାର୍ଥର ପ୍ରକ୍ରିୟାକରଣ ପାଇଁ ଚୀନ୍‌କୁ ପଠାଉଛି। ଚୀନ୍ ୨୦୨୩ ମସିହାରେ ୨, ୪୦, ୦୦୦ ଟନ୍ ବିରଳ ମୃତ୍ତିକା ଚୁମ୍ବକ ଉତ୍ପାଦନ କରିଥିଲା। ଜାପାନର ଅଂଶ ହେଉଛି ୫ ରୁ ୧୦ ପ୍ରତିଶତ, ୟୁରୋପର ୨ ରୁ ୩ ପ୍ରତିଶତ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ୧ ପ୍ରତିଶତ। ଏସିଆ ମହାଦେଶ ବାହାରେ ଏହାର ଉତ୍ପାଦନ ବର୍ଷକୁ ୨୦୦୦ ଟନ୍‌ରୁ କମ୍ ଏବଂ ଏହା ମୁଖ୍ୟତଃ ଜର୍ମାନୀ ଓ ଫିନଲାଣ୍ଡରେ ଉତ୍ପାଦିତ ହେଉଛି। ଜାପାନରେ ବର୍ଷକୁ ୨୫୦୦୦ ଟନ୍ ଚୁମ୍ବକ ଉତ୍ପାଦିତ ହେଉଛି ଏବଂ ମୁଖ୍ୟତଃ ଜାପାନ ଓ ଦକ୍ଷିଣ କୋରିଆରେ ଖେଳନା ନିର୍ମାଣରେ ବ୍ୟବହୃତ ହେଉଛି। ଚୀନ୍ ପ୍ରାୟ ଏକ ଦଶନ୍ଧି ପୂର୍ବରୁ ଏହାର ଉତ୍ପାଦନ ବୃଦ୍ଧି କରିଛି। ୨୦୧୪ ମସିହାରେ ଏହାର ଉତ୍ପାଦନ ୩୦୦୦୦ ଟନ୍ ଥିବା ବେଳେ ଆଜି ଏହା ଆଠ ଗୁଣ ବୃଦ୍ଧି ପାଇଛି।

ପୃଥିବୀରେ ବିଭିନ୍ନ ଦେଶ ମଧ୍ୟରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ ହୋଇଯିବା ପରେ ଚୀନ୍ ଅନ୍ୟ ଦେଶକୁ ବିରଳ ମୃତ୍ତିକା ଚୁମ୍ବକ ରପ୍ତାନୀରେ କଟକଣା ଲଗାଇଛି। ଏହା ଆମେରିକା ସହିତ ବାଣିଜ୍ୟ କାରବାରରେ ଏପରି ପ୍ରଭାବ ପକାଇଛି ଯେ ଆମେରିକା ଇଚ୍ଛା ବିରୁଦ୍ଧରେ ଚୀନ୍ ଉପରେ ଅଧିକ ଶୁଳ୍କ (ଟାରିଫ୍) ଲଗାଇ ପାରୁନାହିଁ। ଭାରତ ଓ ବ୍ରାଜିଲ ଭଳି ଦେଶ ଉପରେ ଆମେରିକା ୫୦ ପ୍ରତିଶତ ଟାରିଫ୍ ଲାଗାଇଥିବା ବେଳେ ଚୀନ୍ ଉପରେ ୨୫ ପ୍ରତିଶତ ଅଛି। କେବଳ ଚୁମ୍ବକ କଟକଣା ଭୟରେ ଆମେରିକା ଏହା କରୁଥିବାର ଅନୁମାନ। ଚୀନ୍ ସାମଗ୍ରୀ ଉପରେ ଟାରିଫର ପୁନର୍ବିଚାର କରିବା ପାଇଁ ଏହା ମଧ୍ୟ ୟୁରୋପୀୟ ଦେଶଗୁଡ଼ିକୁ ଏହି ଚୁମ୍ବକ ରାପ୍ତାନୀରେ କଟକଣା କରିଛି। ବିରଳ ମୃତ୍ତିକା ଚୁମ୍ବକ ଯୋଗାଣରେ ଚୀନ୍ କଟକଣା ଓ ବ୍ଲାକମେଲିଂ ଯୋଗୁଁ ଆମେରିକା ଓ ୟୁରୋପରେ ଏହାର ଉତ୍ପାଦନ ପାଇଁ କାରଖାନା ସ୍ଥାପନ କରାଗଲାଣି। ଯୁକ୍ତରାଷ୍ଟ୍ର ଆମେରିକାରେ ଚାରିଟି କାରଖାନାର ନିର୍ମାଣ ଶେଷ ହୋଇ ଆସିଲାଣି ଏବଂ ଖୁବ୍‌ଶୀଘ୍ର ଏଥିରୁ ଉତ୍ପାଦନ ଆରମ୍ଭ ହେବ। ଆମେରିକାର ଟେକସାସ୍‌ରେ ବାର୍ଷିକ ୧ହଜାର ଟନ କ୍ଷମତାର ଗୋଟିଏ ବିରଳ ମୃତ୍ତିକା ଚୁମ୍ବକ କାରଖାନା ଉତ୍ପାଦନ ଆରମ୍ଭ କରିଛି। ମାତ୍ର ଆମେରିକାର ଚାହିଦାଠାରୁ ଏହା ହେଉଛି ବହୁତ କମ୍। ପୂର୍ବ ୟୁରୋପରେ ଗୋଟିଏ ବଡ଼ କାରଖାନା ମଧ୍ୟ କାମ ଆରମ୍ଭ କଲାଣି। କିନ୍ତୁ ଗତ ତିନି ଦଶନ୍ଧି ଧରି ଏହି କ୍ଷେତ୍ରରେ ଗବେଷଣା ଓ କରି ଚୀନ ଯେଉଁ ଅଗ୍ରଣୀ ଲାଭ କରିଛି ତାହାର ସମକକ୍ଷ ହେବା ସମ୍ଭବ ନୁହେଁ।

ଚାଇନା ସହିତ ଭାରତର ସମ୍ପର୍କ ମଧ୍ୟ ଭଲ ନାହିଁ। ଏଣୁ ଭାରତ ନିଜର ଆବଶ୍ୟକତା ପୂରଣ ପାଇଁ ଦେଶରେ ବିରଳ ମୃତ୍ତିକା ଚୁମ୍ବକ ଉତ୍ପାଦନ ପାଇଁ ପଦକ୍ଷେପ ନେଇଛି। ଭାରତ ଅସ୍ତ୍ରଶସ୍ତ୍ର ଓ ପ୍ରତିରକ୍ଷା ଉପକରଣ ନିର୍ମାଣ କରୁଥିବାରୁ ଏହି ଚୁମ୍ବକର ଆବଶ୍ୟକତା ଅଛି ଏବଂ ଏଥିପାଇଁ ସ୍ୱାବଲମ୍ବନଶୀଳ ହେବା ପାଇଁ ଚେଷ୍ଟା କରୁଛି। ଆମ ଦେଶରେ ବିରଳ ମୃତ୍ତିକା ଧାତୁ ଗଚ୍ଛିତ ଅଛି, କିନ୍ତୁ ସେଗୁଡ଼ିକର ନିଷ୍କାସନ ଓ ପ୍ରକ୍ରିୟାକରଣ କରି ଚୁମ୍ବକ ଉତ୍ପାଦନ କରିବା ପାଇଁ ସମୟ ଆବଶ୍ୟକ। ସରକାର ବର୍ତ୍ତମାନ ପାଇଁ ସୁନା ଭଳି ବିରଳ ମୃତ୍ତିକା ପଦାର୍ଥକୁ ସଞ୍ଚୟ କରି ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର ମଧ୍ୟ ବ୍ୟାଟେରୀ ଓ ଇଲେକ୍ଟ୍ରୋନିକ ଅବଶେଷଗୁଡ଼ିକରୁ ଅତ୍ୟାବଶ୍ୟକୀୟ ଧାତୁଗୁଡ଼ିକୁ ପୁନରୁଦ୍ଧାର କରି ପୁନଃଚକ୍ରଣ କରିବା ପାଇଁ ୧୫୦୦୦ କୋଟି ଟଙ୍କାର ପ୍ରୋତ୍ସାହନ କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି।

ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

## କଂସ ମନ୍ଦିର

ଓଜସ୍ୱିନୀ

ଅଧର୍ମର ବିନାଶ ଓ ଧର୍ମ ସଂସ୍ଥାପନ ପାଇଁ ଶ୍ରୀକୃଷ୍ଣଙ୍କ ଧରାବତରଣ ଏବଂ କଂସବଧର ପୌରାଣିକ ଗାଥା ସହିତ ଜଡ଼ିତ ଅନେକ ଅସୁରଙ୍କୁ ଭାରତର କେତେକ ସ୍ଥାନରେ ସ୍ଥାନୀୟ ଲୋକକଥା ଓ ପରମ୍ପରା ଦୃଷ୍ଟିରୁ ପୂଜାର୍ଚ୍ଚନା କରାଯାଉଛି। ଭଗବାନଙ୍କ ଅସ୍ତିତ୍ୱ ପ୍ରତି ଦୃଢ଼ ବିଶ୍ୱାସ ରଖୁଥିବା ଲୋକମାନଙ୍କର ପୂର୍ଣ୍ଣ ଆସ୍ଥା ଏଭଳି ଅସୁର ପୂଜିତ କେତେକ ମନ୍ଦିର ସହିତ ଅତୁଟ ଭାବେ ରହିଆସିଛି। ସେମିତି ଗୋଟିଏ ମନ୍ଦିର ହେଉଛି କଂସ ମନ୍ଦିର।

ଯଦୁକୁଳ ବଂଶର ପ୍ରବଳପ୍ରତାପୀ ଅତ୍ୟାଚାରୀ ରାଜା କଂସଙ୍କର ରାଜଧାନୀ ଥିଲା ମଥୁରା। ଅମରତ୍ୱର ଅହଂକାରବଶତଃ କଂସଙ୍କର ଆସୁରିକ ପ୍ରବୃତ୍ତି ଓ ଦୁରାଚାର ଦିନକୁ ଦିନ ବଢ଼ି ଚାଲିଲା। ତେଣୁ କଂସଙ୍କୁ କେତେକ ପୁରାଣ କଥାରେ ଅସୁର ଭାବେ ବର୍ଣ୍ଣନା କରାଯାଇଛି। କିନ୍ତୁ ଯେତେବେଳେ କଂସ ଜାଣିଲେ ଯେ ତାଙ୍କର ମୃତ୍ୟୁ ସୁନିଶ୍ଚିତ ଏବଂ ତାଙ୍କର ଭଗ୍ନୀ ଦେବକୀଙ୍କ ଅଷ୍ଟମ ସନ୍ତାନ ହିଁ ତାଙ୍କ ମୃତ୍ୟୁର କାରଣ ହେବ, ସେ ଅତ୍ୟନ୍ତ କ୍ରୂର ହୋଇଉଠିଲେ। ଦେବକୀ ଓ ବସୁଦେବଙ୍କୁ କାରଗାରରେ ବନ୍ଦୀ କରି ରଖିଲେ ଏବଂ ତାଙ୍କର ସମସ୍ତ ସନ୍ତାନକୁ ଜନ୍ମ ହେବା ମାତ୍ରେ ଶିଳାରେ କଚାଡ଼ି ମାରି ଦେଉଥିଲେ। ଦୁଷ୍ଟର ବିନାଶ କରି ଧର୍ମ ସଂସ୍ଥାପନ ପାଇଁ କଂସବଧ ନିମିତ୍ତ ଶ୍ରୀକୃଷ୍ଣ ଦେବକୀଙ୍କ ଅଷ୍ଟମ ସନ୍ତାନ ଭାବେ ମର୍ତ୍ତ୍ୟମଣ୍ଡଳରେ ଜନ୍ମ ନେଲେ। ଦେବଲୀଳା ରଚନା ପୂର୍ବକ ସେ ବନ୍ଦୀଗୃହରୁ ମୁକ୍ତ ହୋଇ ଗୋପପୁରକୁ ଯାଇ ବଢ଼ିବାକୁ ଲାଗିଲେ। ତେଣୁ କଂସାସୁର ଗୋପପୁରକୁ ଅନେକ ଅସୁର ଓ ଅସୁରୁଣୀଙ୍କୁ ପ୍ରେରଣ କରି ବାଳକୃଷ୍ଣଙ୍କୁ ମାରିବାକୁ ଅନେକ ପ୍ରୟାସ କରିଥିଲେ। କିନ୍ତୁ ସମସ୍ତ ଆସୁରିକ ଶକ୍ତିକୁ ଶ୍ରୀକୃଷ୍ଣ ନିମିଷେକ ମଧ୍ୟରେ ପରାସ୍ତ କରିଦେଉଥିଲେ। ଏଭଳି କିଛି ବର୍ଷ ପଶ୍ଚାତ୍ ଶ୍ରୀକୃଷ୍ଣ ବାଳକ ରୂପରେ ନିଜ ମାମୁଁ କଂସଙ୍କୁ ବଧ କଲେ।

ତେବେ କଂସ ଆସୁରିକ ପ୍ରବୃତ୍ତିର ହୋଇଥିଲେ ମଧ୍ୟ ଭାରତରେ ତାଙ୍କୁ ପୂଜା କରାଯାଉଛି। ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌରୁ ହରଦୋଇ ଗାଁକୁ ଯିବା ରାସ୍ତାରେ କଂସଙ୍କର ଏକ ବିଶାଳ ପ୍ରତିମା ପୂଜା ପାଉଛନ୍ତି। ଆଦିବାସୀ ଦେବଦେବୀଙ୍କ ମୂର୍ତ୍ତି ଶୈଳୀରେ ନିର୍ମାଣ କରାଯାଇଥିବାରୁ ତାହା କଂସଙ୍କ ପ୍ରତିମା ଭଳି ଦୃଶ୍ୟମାନ ହୁଏ ନାହିଁ। ସେଠାରେ କଂସଙ୍କ ପୂଜା କାହିଁକି ଓ କେବେ ଆରମ୍ଭ ହୋଇଥିଲା, ସେ ସମ୍ପର୍କିତ କୌଣସି ତଥ୍ୟ ସ୍ଥାନୀୟ ଅଧିବାସୀଙ୍କ ପାଖରେ ନ ଥିଲେ ମଧ୍ୟ ସ୍ଥାନୀୟ ପରମ୍ପରା ଅନୁସାରେ ଏହି ମୂର୍ତ୍ତି କାହିଁ କେଉଁକାଳରୁ ପୂଜା ହୋଇଆସୁଛି ବୋଲି ଜନଶ୍ରୁତି ଅଛି। ତେଣୁ ପରମ୍ପରାକୁ ବଜାୟ ରଖି ବର୍ତ୍ତମାନ ସମୟରେ ମଧ୍ୟ ସେଠାରେ କଂସଙ୍କୁ ବିଧିବିଧାନର ସହ ଲୋକମାନେ ପୂଜା କରୁଛନ୍ତି।

ଓଡ଼ିଶାରେ କଂସ ରାଜାଙ୍କୁ ପୂଜା କରା ନଗଲେ ମଧ୍ୟ ତାଙ୍କର ଅସ୍ତିତ୍ୱକୁ ବିଶ୍ୱାସ କରି ପୌରାଣିକ ମାନ୍ୟତା ଅନୁସାରେ ବଡ଼ଗଡ଼ଠାରେ ପୌଷ ଶୁକ୍ଳ ପଞ୍ଚମୀଠାରୁ ପୌଷ ପୂର୍ଣ୍ଣିମା ପର୍ଯ୍ୟନ୍ତ 'ଧନୁଯାତ୍ରା' ଅନୁଷ୍ଠିତ ହୋଇଥାଏ। ବିଶ୍ୱପ୍ରସିଦ୍ଧ ଏହି ଧନୁଯାତ୍ରାରେ ପ୍ରତିବର୍ଷ ବଡ଼ଗଡ଼ କଂସର ରାଜଧାନୀ ମଥୁରା ପାଲଟି ଯାଉଥିବା ବେଳେ ଅମ୍ବାପାଲିକୁ ଗୋପପୁର ଭାବେ ସୁସଜ୍ଜିତ କରାଯାଏ। ସବୁଠାରୁ ବଡ଼ ମୁକ୍ତାକାଶ ରଙ୍ଗମଞ୍ଚ ଭାବେ ପ୍ରଦର୍ଶିତ ଏହି ନାଟକ-ଯାତ୍ରାରେ ଜଣେ ବ୍ୟକ୍ତି କଂସ ଭୂମିକାରେ ଅବତୀର୍ଣ୍ଣ ହୋଇଥା'ନ୍ତି। ହରିବଂଶ କଥାର ମଥୁରା ବିଜୟ ଅଧ୍ୟାୟକୁ ଯାତ୍ରାରେ ମଞ୍ଚସ୍ଥ କରାଯାଏ। ଧନୁଯାତ୍ରା ସମୟରେ ରାଜା କଂସ ରାଜକୀୟ ଅଧିକାର, କର୍ତ୍ତୃତ୍ୱ ଓ କ୍ଷମତାର ଅଧିକାରୀ ହୋଇଥା'ନ୍ତି। ତାଙ୍କର ନିର୍ଦ୍ଦେଶ ସର୍ବମାନ୍ୟ ହୋଇଥାଏ। ସେହି ସମୟରେ ବଡ଼ଗଡ଼ର ସରକାରୀ ଅଧିକାରୀମାନେ ମଧ୍ୟ କଂସଙ୍କ ଆଦେଶକୁ ମାନିଥା'ନ୍ତି। କଂସଙ୍କ ରାଜସଭାରେ ଦୋଷୀମାନଙ୍କୁ ଦଣ୍ଡବିଧାନ ମଧ୍ୟ କରାଯାଏ। ନ୍ୟାୟ ପାଇବା ଆଶାରେ ଅନେକ ବ୍ୟକ୍ତି କଂସଙ୍କ ଦରବାରରେ ଉପସ୍ଥିତ ହୋଇଥା'ନ୍ତି। ଯାତ୍ରାର ଶେଷ ଦିନ ଶ୍ରୀକୃଷ୍ଣ ବେଶ ଧାରଣ କରିଥିବା ବାଳକ କଂସଙ୍କୁ ବଧ କରିଥା'ନ୍ତି। ଏହିଦିନ ଲକ୍ଷାଧିକ ଲୋକ ସ୍ଥାନୀୟ ଲୋକୋକ୍ତିକୁ ଦୋହରାଇ ଥାନ୍ତି - 'କଂସ ରାଜା ବଂଶ ବୁଡ଼ୁ, କଂସ ମଲେ ଖାଏମା ଲଡ଼ୁ।'

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

### ବିଚିତ୍ର ବିଶ୍ୱାସ

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com


ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ



ପ୍ରତିବର୍ଷ ଅକ୍ଟୋବର ୧୦ ତାରିଖକୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ହିସାବରେ ପାଳନ କରାଯାଏ। ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହିତ ମାନସିକ ରୋଗ ବିଷୟରେ ସୂଚନା ପ୍ରଦାନ କରିବା ଏହି ଦିବସ ପାଳନ ପଛର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ସାରା ବିଶ୍ୱରେ ମାନସିକ ରୋଗୀଙ୍କ ସଂଖ୍ୟା ଅପେକ୍ଷାକୃତ ବୃଦ୍ଧି ଓ ମାନସିକ ରୋଗୀମାନେ ନିଜକୁ କ୍ଷତି ପହଞ୍ଚାଉଥିବାରୁ ଏ ଦିଗରେ ସଚେତନତା ଲାଗି ୱାର୍ଲ୍ଡ ଫେଡେରେସନ୍ ଫର୍ ମେଣ୍ଟାଲ୍ ହେଲଥ୍ ନାମକ ସଂସ୍ଥାର ପ୍ରଚେଷ୍ଟାରେ ପ୍ରଥମ ଥର ପାଇଁ ଏହି ଦିବସ ୧୯୯୨ ମସିହାରେ ପାଳିତ ହୋଇଥିଲା। ସେବେଠାରୁ ଅକ୍ଟୋବର ୧୦ରେ ମାନସିକ ସ୍ୱାସ୍ଥ୍ୟ ପ୍ରତି ସଚେତନତା କରାଇବା ପାଇଁ ବୈଶ୍ୱିକସ୍ତରରେ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଉଛି। ଏହି ଦିବସ ପାଳନ ଅବସରରେ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧିତ ବିଭିନ୍ନ ସମସ୍ୟା ତଥା ଏହାର ନିରାକରଣ ନିମିତ୍ତ ବିଶ୍ୱ ସମୁଦାୟର ଦୃଷ୍ଟିଆକର୍ଷଣ କରିବା ସହ ସମସ୍ତଙ୍କ ମନରେ ସଚେତନତା ସୃଷ୍ଟି କରିବା ନିମିତ୍ତ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ। ଏହାସହ ମାନସିକ ରୋଗୀଙ୍କ ସମସ୍ୟା ଶୁଣି ସେମାନଙ୍କୁ ଉପଯୁକ୍ତ ପରାମର୍ଶ ଦିଆଯାଏ। ମାନସିକ ରୋଗର ଚିକିତ୍ସା ନାହିଁ ବୋଲି ଲୋକଙ୍କ ମନରେ ଥିବା ଭ୍ରାନ୍ତ ଧାରଣାକୁ ଦୂର କରିବା ଏହି ଦିବସର ମୂଳ ଲକ୍ଷ୍ୟ। ଏଣୁ ବିନା ସଙ୍କୋଚରେ ମାନସିକ ରୋଗୀ ଡାକ୍ତରଙ୍କ ପରାମର୍ଶ ନେଲେ ଏହି ରୋଗରୁ ନିହାତି ଭାବେ ବାହାରିପାରିବେ। ଆମ ଦେଶରେ ଦେଖାଯାଉଥିବା ପ୍ରମୁଖ ମାନସିକ ରୋଗଗୁଡ଼ିକ ହେଲା ଅବସାଦ, ସ୍କିଜୋଫ୍ରେନିଆ, ଆଙ୍ଗଜାଇଟି ଓ ବାଇପୋଲାର। ଏଥିମଧ୍ୟରୁ ଅବସାଦ ରୋଗ ସର୍ବାଧିକ ମାତ୍ରାରେ ଦେଖାଯାଇଥାଏ। ଅନ୍ୟପକ୍ଷରେ ସ୍କିଜୋଫ୍ରେନିଆ ରୋଗ ସବୁଠାରୁ ଗୁରୁତର ମାନସିକ ରୋଗ। ଏହିସବୁ ମାନସିକ ରୋଗ ଯୋଗୁ ବର୍ତ୍ତମାନ ଆତ୍ମହତ୍ୟା ଘଟଣା ମଧ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ଆଜିକାଲି ଡିଜିଟାଲ ଦୁନିଆରେ ଲୋକେ ମୋବାଇଲ ଓ ଇଣ୍ଟରନେଟ୍‌ର ଅଧିକ ବ୍ୟବହାର ଯୋଗୁଁ ପରିବାର ସାଙ୍ଗସାଥୀଠାରୁ ଦୂରେଇ ଯାଇ ନିଜକୁ ଏକୁଟିଆ ଭାବୁଛନ୍ତି। ଏଥିଯୋଗୁଁ ସେମାନେ ଅବସାଦଗ୍ରସ୍ତ ହେଉଛନ୍ତି। ବିଗତ କିଛି ବର୍ଷ ମଧ୍ୟରେ ସାରା ବିଶ୍ୱରେ, ବିଶେଷକରି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ମାନସିକ ରୋଗୀଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁସାରେ, ଆନ୍ତର୍ଜାତିକସ୍ତରରେ ପ୍ରତି ଆଠଜଣ ମଧ୍ୟରେ ଜଣେ ମାନସିକ ରୋଗରେ ଆକ୍ରାନ୍ତ। କରୋନା ମହାମାରୀ ପରେ ଏହି ସଂଖ୍ୟାରେ ଅହେତୁକ ବୃଦ୍ଧି ଘଟିଥିବା ଅନୁମାନ କରାଯାଏ। ମିଳିତ ଜାତିସଂଘ ଦ୍ୱାରା ପ୍ରତିବର୍ଷ ଏକ ନୂତନ ଥିମ୍ ସହିତ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଏ। ଚଳିତ ବର୍ଷ ବିଶ୍ୱ ମାନସିକ ଦିବସର ବିଷୟବସ୍ତୁ ରହିଛି-'"Access to Services – Mental Health in Catastrophes and Emergencies."

## ପୂଜା ବେଳେ ବଜ୍ରପାତ; ପୂଜକ ମୃତ

ସିମୁଳିଆ, ୯।୧୦ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା କଳାଶୁଣି ଅଞ୍ଚଳରେ ବଜ୍ରପାତ ଆଜି ଜଣେ ପୂଜକଙ୍କ ଜୀବନ ନେଇଛି। ମୃତକ ହେଲେ, ସିମୁଳିଆ ଥାନା ମଇତାପୁରପଞ୍ଚାୟତରାମବିନ୍ଧାଗ୍ରାମରପଦ୍ମଲୋଚନଦାଶଙ୍କପୁଅସୁରେନ୍ଦ୍ରଦାଶ(୨୪)। ଗୀତାଯଜ୍ଞ କରୁଥିବା ସମୟରେ ହଠାତ୍ ବଜ୍ରପାତ ହେବାରୁ ମାଇକ୍ରୋଫୋନ୍‌ରେ ବିଦ୍ୟୁତ୍ ସଂଞ୍ଚାରିତ ହୋଇଥିଲା ଏବଂ ସୁରେନ୍ଦ୍ର ସେଠାରେ ଟଳି ପଡ଼ିଥିଲେ।

## ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ନିସ୍ଠୁକ ମାଡ଼

କରଞ୍ଜିଆ, ୯।୧୦(ସମିସ): ଡଷ୍ଟର୍ ଛିଣ୍ଡାଇବାରୁ ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ପ୍ରଧାନ ଶିକ୍ଷକଙ୍କ ନିସ୍ଠୁକ ମାଡ଼। ଯଶିପୁର ବ୍ଲକ୍ ଅଧୀନ ଦୁର୍ଦୁରାସ୍ଥିତ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟରୁ ଏପରି ଏକ ଅଭିଯୋଗ ଆସିଛି। ଏଥିରେ ଛାତ୍ର ଅନିଲ କୁମାର ସିଂ ଆହତ ହୋଇଛନ୍ତି। ପ୍ରଧାନଶିକ୍ଷକ ହେମନ୍ତ କୁମାର ବେହେରା ତାକୁ ଅନ୍ୟ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ଏକ ସ୍କେଲ୍‌ରେ ଗୋଡ଼ାଇ ଗୋଡ଼ାଇ ପିଟିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଛାତ୍ରଙ୍କ ମା' କନକ ସିଂ ଯଶିପୁର ଥାନାରେ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ଦୁର୍ଦୁରା ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ବୈଠକରେ ପ୍ରଧାନ ଶିକ୍ଷକଙ୍କ ଏପରି ଆଚରଣକୁ ଘୋର୍ ନିନ୍ଦା କରାଯାଇଥିଲା। ଏଥିସହ ପ୍ରଧାନ ଶିକ୍ଷକ ଶ୍ରୀ ବେହେରାଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରିବା ସହ ପୁଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମ ବୈଠକରେ ଦାବି କରାଯାଇଛି।


**AFFIDAVIT**

I AKSHAY KUMAR PATRA S/o Rasananda Patra AT- Madhyapara, PO- Madanpur, PS- Rajnagar Kendrapara- 754246, Odisha declare by this affidavit No- 17020, Date- 06.10.2025, that now onwards, I shall be known as AKSHAYA KUMAR PATRA for all future purposes.

Sd- (AKSHAYA KUMAR PATRA)

**AFFIDAVIT**

By virtue of an affidavit sworn before The Executive Magistrate, Nandapur, No.91, Dtd. 09/10/2025, I Pramila Khinabudi, W/o- Late Ramakrushna Khinabudi resident of Village- Bijapur, Po.- Semala, Ps.- Nandapur, Dist.- Koraput, Odisha, Pin- 764037 state that, I have changed my daughter's name from Jaytirmai Khinibudi to Jyotirmayi Khinabudi. Henceforth she shall be known as Jyotirmayi Khinabudi for all future purposes.

Sd/- Pramila Khinabudi

**WALK-IN-INTERVIEW**

The Medics Urgently requires committed personnel for our Targeted Intervention Project being implemented in Angul & Keonjhar District.

- **M&E cum Accountant - 2 nos,** Qualification - B.Com, Basic Computer Software Application & Tally ERP.9
- **Counselor - 2 nos,** Qualification - MSW or Graduate in Psychology, Sociology.
- **Out Reach Worker** - Qualification - Graduate in any discipline.

All the post are in Angul & Keonjhar District.

Date of Interview: 15/10/2025, Time: 10 am to 2 pm

Venue: The Medics, Similipada, Angul, Ph: 9338991112, 8249371336

Email: themedicsfw2@gmail.com

**AFFIDAVIT**

By Virtue of an affidavit before Executive Magistrate, Angul. I, **Jhatak Nayak**, W/o.: Late Benudhar Naik, Permanent & Current Address At: Gaudasahi, PO: Purunagarh, P.S.: Bantala, Dist.: Angul (Odisha)-759123 have changed my name from Jhatak Nayak to **Jhatak Naik.** Henceforth I shall be known as **Jhatak Naik** for all purposes.

**AFFIDAVIT**

I, Pitamber Sahoo, S/o- Akuli Charan Sahoo, Resident of Madanpur, Kundupur, Madanpur, Dist.: Kendrapara, Odisha, PIN-754246 declared by this Affidavit No.1121/2025, Dated: 07.10.2025 hat now onwards I shall Be known as **PITAMBAR SAHOO** for all future Purposes.

**AFFIDAVIT**

By Virtue of an affidavit sworn before Executive Magistrate, Khordha, Dtd. 22/09/2025. Affidavit No.- 2579, I Pabitra Routaray, Address- Kadalibadi, Po.- Daleiput, Ps.- Sadar, Dist.- Khordha, Pin-752056 declare that my Name from **Pabitra Kumar Routaray** & **Pabitra Rautaraya** to **Pabitra Routaray** and my DOB in my Aadhaar Card wrongly recorded as 05/05/1990, but my real DOB is **03.06.1991**. Henceforth, I shall be known as **Pabitra Routaray** and my DOB is **03.06.1991** for all purposes.

**AFFIDAVIT**

I, Kotni Tirumal Kumar, aged about 59 years, Son of Kotni Nirmal Kumar, residing at 41/A, Ashok Nagar, Janpath, Near Rajmahal Square, Sri Durga Retail Private Limited, Bhubaneswar, Khurdha, Odisha - 751009, have changed my name to **Tirumal Kotnii**, for all purposes, including passport with effect from 20.09.2025, day of September 2025 by executing Affidavit No. 526, dated 20.09.2025 executed before Notary Public, Bhubaneswar.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, SL.No- 17 on dated 09-10-2025 I, **ANJANARANI PANDA,** W/o Durga Charan Panda permanent resident of Plot No- 573, Kalunanda Nagar-Lane-2, Pokhariput, Ps- Airfield, Dist-Khordha, Pin- 751020, declare that I have changed my name from **ANJANA PANDA** (Old name) to **ANJANARANI PANDA** (New name), Henceforth, I shall be known as **ANJANARANI PANDA** for all future purposes.

Sd-( **ANJANARANI PANDA**)

**AFFIDAVIT**

By virtue of an affidavit before The Notary Public, Titilagarh, on dated-09/10/2025. I, **Sipranwita Priyadarshini Banchhor** (new name), formerly called as **Sipranwita Banchhor** (old name), W/o Lalit Banchhor, permanent resident of AT- Malijhar, PO- Rigdol, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my name from **Sipranwita Banchhor** (old name) to **Sipranwita Priyadarshini Banchhor** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Sipranwita Priyadarshini Banchhor** (new name) for all purposes.

**Sipranwita Priyadarshini Banchhor**

**AFFIDAVIT**

I, Nisarg Arpan Parikh, aged about 21 years, S/o- Bhargav Krishnarav Nargund, resident of AT: D-14/1, JSPL Township Jindal Nagar, Chhendipada Road, Ps- Industrial, Dist- Angul, Odisha, PIN- 759130, do hereby declare by this affidavit N.2007, dtd- 04/10/2025, that now onwards I shall be known as **NISHARG BHARGAV NARGUND** for all future purposes

**AFFIDAVIT**

I, Darshini Arpan Parikh, aged about 42 years, W/o- Bhargav Krishnarav Nargund, resident of AT: D-14/1, JSPL Township Jindal Nagar, Chhendipada Road, Ps- Industrial, Dist-Angul, Odisha, PIN- 759130, do hereby declare by this affidavit No.2006, dtd- 04/10/2025, that now onwards I shall be known as **DARSHINI BHARGAV NARGUND** for all future purposes

**AFFIDAVIT**

By virtue of an affidavit before The Notary Public, Titilagarh, on dated-09/10/2025. I, **Bhumisuta Bhoi** (new name), aged about 18 years, formerly called as Bhumi Bhoi (old name), D/o Alekha Bhoi, permanent resident of AT- Beheravata, PO- Jharial, PS- Sindhekela, Dist- Balangir, (Odisha), PIN- 767040 now residing at the same place declare that I have changed my name from **Bhumi Bhoi** (old name) to **Bhumisuta Bhoi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I shall be known as **Bhumisuta Bhoi** (new name) for all purposes.

**Bhumisuta Bhoi**

**AFFIDAVIT**

By virtue of an affidavit before The Executive Magistrate, Titilagarh, on dated- 09/10/2025. I, **Lekrama Payasing**, aged about 30 years, S/o- Laxman Payasing, permanent resident of AT/PO- Marlad, PS- Titilagarh, Dist- Balangir, (Odisha), PIN- 767066, now residing at the same place declare that I have changed my minor son's name from **Normal Pryasingh** (old name) to **Nirmal Payasing** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he shall be known as **Nirmal Payasing** (new name) for all purposes.

**Lekrama Payasing**

**AFFIDAVIT**

By virtue of an affidavit sworn before The Executive Magistrate, Bhubaneswar, Dated 06/09/2025. I, **Prasanti Jena,** D/o Kamaraju Jena, resident of Kamasaragada, Jagannath Prasad, Alasuguma, PS.- Buguda, Dist- Ganjam, Odisha, PIN-761121 declare that I have changed my name from **Asanti Jena to Prasanti Jena.** Henceforth, I shall be known as **PRASANTI JENA** for all purposes.

**Prasanti Jena**

**Odisha Lift Irrigation Corporation Ltd.**

(A Govt.of Odisha Undertaking)

OFFICE OF THE EXECUTIVE ENGINEER L.I. DIVISION, BARGARH

**E-Procurement Notice – EE/OLIC/BGH-04/2025-26**

E-mail - eeolicbgh@gmail.com, Ph- 06646-246126

CAD-1957

No. 2090 / Dated: 08.10.2025

1. Name of the tender Inviting Officer : Executive Engineer, L.I. Division, Bargarh
2. Name of the work : Reinforcement of 04 nos. Package (05 Nos. CLIPs) and Deposit work of 01 no. Package (03 Nos. CLIPs) in different Block of Bargarh District under State Plan Grant 2024-25.
3. No. of Packages : 05 Nos.
4. Tender Amount : Varies from 5.93 Lakhs to 15.97 Lakhs
5. Date and time of availability of bid documents in the portal for on line biding **from 10.00 hrs dated 10.10.2025 to 17.00hrs dated 22.10.2025.**
6. Last date and time of receipt of bids in the portal up to **17.00hrs. Dated- 22.10.2025.**
7. Last date and time of clarification up to **17.00hrs Dated- 20.10.2025.**
8. Date of opening of bid at **11.00 hrs. Dated- 23.10.2025.**
9. Further details can be seen from the e-procurement portal of Govt. of Odisha i.e. **www.tendersorissa.gov.in.**
10. Subsequent corrigendum / addendum / cancellation of tender if required shall be available in the above portal.

Sd/-
Executive Engineer,
L.I. Division, Bargarh.

OIPR-32277/11/0004/2526

**यूनियन बैंक ऑफ इंडिया Union Bank of India**

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟର ଏନ୍‌ଫୋର୍ସମେଣ୍ଟ ନିମନ୍ତେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍

**ବିଷୟ:** ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍

ଆମେ ନିମ୍ନଲିଖିତ ରଣଗ୍ରହୀତା/ବନ୍ଧକଦାତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଆମର **ଖୋର୍ଦ୍ଧା ଶାଖାରୁ** ନିମ୍ନଲିଖିତ ରଣ ସୁବିଧା ଉପଲବ୍ଧ କରିଛନ୍ତି ଏବଂ ସେମାନେ ବକେୟା ଦେୟ / କିସ୍ତି / ସୁଧ ପରିଶୋଧ କରିନଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଖୋର୍ଦ୍ଧା ଶାଖାର** ରଣଗ୍ରହୀତା/ବନ୍ଧକଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡ଼ିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ନିମ୍ନଦର୍ଶିତ ପକ୍ଷମାନଙ୍କୁ ତାହା ପ୍ରଦାନ କରାଯାଇପାରିନଥିଲା। ତେଣୁ ଏହି ପ୍ରକାଶନଟି ସମସ୍ତ ପକ୍ଷଙ୍କୁ ଏକ ବିକଳ୍ପ ସେବା ଅଟେ। ସେମାନଙ୍କର ଆକାଉଣ୍ଟର ମୋଟ ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ରଣଗ୍ରହୀତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ରଣ ପ୍ରକାର | ଏନ୍‌ପିଏ ତାରିଖ /ଡିମାଣ୍ଡ ତାରିଖ / ମୋଟ ବକେୟା | ସମ୍ପତ୍ତିର ବିବରଣୀ |
|---|---|---|---|
| **ଖୋର୍ଦ୍ଧା ଶାଖା /** ରଣଗ୍ରହୀତାମାନେ: ୧) ଶ୍ରୀ ଶୁଭ୍ରାଂଶୁ ସାହୁ, ପିତା: ଶ୍ରୀ ଚୈତନ୍ୟ ସାହୁ, ୨) ଶ୍ରୀମତୀ ଉମାମଣୀ ସାହୁ (ବନ୍ଧକଦାତା), ସ୍ୱାମୀ: ଶ୍ରୀ ଚୈତନ୍ୟ ସାହୁ, ୩) ଶ୍ରୀ ଚୈତନ୍ୟ ସାହୁ (ବନ୍ଧକଦାତା), ପିତା: ସ୍ୱ ଗଙ୍ଗାଧର ସାହୁ, ସମସ୍ତଙ୍କ **ଠିକଣା-୧:** ସା: ପୁଆଣିଆ, ପୋ: ଅସରଳା, ଭାୟା: ପିଚୁକୁଳି, ଥାନା/ବ୍ଲକ୍: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୪, **ଠିକଣା-୨:** ରେ-୫୯, ମଙ୍ଗଳା ସାହି, କମ୍ପ୍ଲୋପଲିସ୍ ନିକଟ, ଆଇଗିଣିଆ, ଭୁବନେଶ୍ୱର-୭୫୧୦୧୯ | ମିଆଦୀ ରଣ | ୧୪.୦୩.୨୦୨୫ / ୨୬.୦୯.୨୦୨୫ / ୨୫.୦୯.୨୦୨୫ ସୁଦ୍ଧା ଟ.୧୧,୭୬,୨୪୫.୫୭ | ଶ୍ରୀମତୀ ଉମାମଣୀ ସାହୁ ଏବଂ ଶ୍ରୀ ଚୈତନ୍ୟ ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୨୦, ଖାତା ନଂ.: ୧୨୮ ଏବଂ ମ୍ୟୁଟେସନ୍ ଖାତା ନଂ.: ୩୮୭/୬୬, ମ୍ୟୁଟେସନ୍ ପ୍ଲଟ୍ ନଂ.: ୫୨୦, ମୌଜା: ପୁଆଣିଆ, ତହସିଲ/ଥାନା: ବୋଲଗଡ, ଥାନା ନଂ.: ୧୫୬, ତହସିଲ ନଂ.: ୧୫୬, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର ୦.୧୯୦ ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାମ ପଟ୍ଟନାଏକ, ଦକ୍ଷିଣ: ଦାଣ୍ଡ, ପୂର୍ବ: ଅଧିକାରୀ ସୁନ୍ଦରା, ପଶ୍ଚିମ: ମାଗି ସୁନ୍ଦରା |

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣମାନଙ୍କୁ ଉପରଦର୍ଶିତ ସ୍ତମ୍ଭରେ ଲିଖିତ ମୋଟ ବକେୟା ପରିମାଣ ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ ଏବଂ ଦେୟ, ଆପଣମାନଙ୍କ ଦ୍ୱାରା ସମ୍ପାଦିତ ରଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ କଥିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣମାନେ ଏହି ନୋଟିସ୍ ପାଇବା ପରେ ବ୍ୟାଙ୍କର ବିନା ଅନୁମତିରେ ଉପରବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। **ଏତଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ବି.ଦ୍ର.: ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ପୂର୍ବରୁ ପ୍ରଦାନ କରାଯାଇଥିବା ସମସ୍ତ ନୋଟିସ୍‌କୁ ଉଚ୍ଛେଦ/ପ୍ରତ୍ୟାହାର କରାଗଲା।**

**ସ୍ଥାନ: ଭୁବନେଶ୍ୱର, ତାରିଖ: ୦୯.୧୦.୨୦୨୫** ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**इंडियन बैंक Indian Bank** इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ, କଟକ**
ସା: ପ୍ଲଟ୍ ନଂ. ସି/୯, ସେକ୍ଟର-୬, ସିଡ଼ିଏ, ପୋ: ମର୍କତନଗର, କଟକ-୭୫୩୦୧୪,
zocuttack@indianbank.co.in

ପରିଶିଷ୍ଟ-୪[ରୁଲ୍-୮(୧)]
**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଏବଂ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ରଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପ୍ରାପ୍ତି ତାରିଖର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ରଣଗ୍ରହୀତାମାନେ ତାଙ୍କର ଦେୟ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ରଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ଏବଂ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ଦଖଲ ନେଇଛନ୍ତି। ଏତଦ୍ୱାରା ବିଶେଷକରି ରଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ସତର୍କ କରି ଦିଆଯାଉଅଛି ଯେ, ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ରଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଜଗତପୁର ଶାଖା / ରଣଗ୍ରହୀତା / ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦେୟ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| **ରଣଗ୍ରହୀତା ଫାର୍ମ: ମେସର୍ସ ଏଲ୍.ଏନ୍. ଆଇସ୍ ମିଲ୍, ସ୍ୱତ୍ୱାଧିକାରୀ: ନୃସିଂହ ଚରଣ ପରିଡା / ରଣଗ୍ରହୀତା, ସ୍ୱତ୍ୱାଧିକାରୀ, ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୧) ନୃସିଂହ ଚରଣ ପରିଡା,** ପିତା: ଦୁର୍ଯ୍ୟୋଧନ ପରିଡା, **୨) ନାରାୟଣ ଚନ୍ଦ୍ର ପରିଡା,** ପିତା: ଦୁର୍ଯ୍ୟୋଧନ ପରିଡା / **ରଣଗ୍ରହୀତା ଫାର୍ମ: ମେସର୍ସ ପରିଡା ୱାର୍କସପ୍, ସ୍ୱତ୍ୱାଧିକାରୀ: ନାରାୟଣ ଚନ୍ଦ୍ର ପରିଡା / ଜାମିନ୍‌ଦାରମାନେ: ୧) ସ୍ନିଗ୍ଧା ପରିଡା,** ସ୍ୱାମୀ: ନାରାୟଣ ଚନ୍ଦ୍ର ପରିଡା, **୨) ମିନତୀ ପରିଡା,** ସ୍ୱାମୀ: ନୃସିଂହ ଚରଣ ପରିଡା, ସମସ୍ତଙ୍କ ବାସସ୍ଥାନ ଠିକଣା- ହୋଲ୍ଡିଂ ନଂ.: ୫୮୧, ୱାର୍ଡ ନଂ.: ୪୯, ସିଏମ୍‌ସି ନାନକର, ଜଗତପୁର, ପୋ: ଜଗତପୁର, କଟକ-୭୫୪୦୨୧ | ୨୩.୦୭.୨୦୨୫ ସୁଦ୍ଧା ଟ.୧୩,୦୨,୯୮,୯୨୪/- ଏବଂ ସେବାବଦ ସୁଧ | ୨୩.୦୭.୨୦୨୫ / ୦୮.୧୦.୨୦୨୫ | **(୧) ନୃସିଂହ ଚରଣ ପରିଡା ଏବଂ ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନିମପୁର, ଥାନା: ଟାଙ୍ଗି ନଂ. ୭୧, ତହସିଲ: ଟାଙ୍ଗି ଚୌଦ୍ୱାର ନଂ. ୧୬୭, ଜିଲ୍ଲା: କଟକ, ଖାତା ନଂ.: ୭୭୨/୩୦୬ (ଅନୁରୂପ ଖାତା ନଂ.: ୪୭୫), ପ୍ଲଟ୍ ନଂ.: ୨୨୩୯, କ୍ଷେତ୍ର: ଏକର୦.୦୩୦ଡିସିମିଲି, ଖାତା ନଂ.: ୭୭୨/୩୪୦ (ଅନୁରୂପ ଖାତା ନଂ.: ୪୭୫), ପ୍ଲଟ୍ ନଂ.: ୨୨୩୮, କ୍ଷେତ୍ର: ଏକର୦.୦୧୦ଡିସିମିଲି, ଖାତା ନଂ.: ୭୭୨/୬୫୫ (ଅନୁରୂପ ଖାତା ନଂ.: ୪୩୮), ପ୍ଲଟ୍ ନଂ.: ୨୨୩୩/୫୪୭୯, କ୍ଷେତ୍ର: ଏକର୦.୨୨୦ଡିସିମିଲି ଏବଂ ପ୍ଲଟ୍ ନଂ.: ୨୨୩୬, କ୍ଷେତ୍ର: ଏକର୦.୦୨୦ଡିସିମିଲି **(ସମୁଦାୟ କ୍ଷେତ୍ର: ଏକର୦.୨୮୦ଡିସିମିଲି),** ପ୍ରକାର: ଘରବାରି, ଏହାର ଚତୁର୍ପାର୍ଶ୍ୱରେ- ଉତ୍ତର: ଗନ୍ଧର୍ବ ପାତ୍ର, ଦକ୍ଷିଣ: ପୋବୋଦ ଜେନା, ପୂର୍ବ: ରାସ୍ତା, ପଶ୍ଚିମ: ବୁଲା ସେନାପତି, **(୨) ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଚକବନ୍ଦୀ ଖାତା ନଂ.: ୨୭୮, ପ୍ଲଟ୍ ନଂ.: ୧୮୫୧ (ଅନୁରୂପ ହାଲ ସେଟେଲମେଣ୍ଟ ଖାତା ନଂ.: ୩୮୭ ଏବଂ ପ୍ଲଟ୍ ନଂ.: ୧୯୫୭), କ୍ଷେତ୍ର: ଏକର୦.୦୪୦ଡିସିମିଲି, ପ୍ରକାର: ଘରବାରି, ଏହାର ଚତୁର୍ପାର୍ଶ୍ୱରେ- ଉତ୍ତର: ଦୁର୍ଯ୍ୟୋଧନ ପରିଡା, ଦକ୍ଷିଣ: ରାମ ଚନ୍ଦ୍ର ସ୍ୱାଇଁ, ପୂର୍ବ: ଏସ୍. ମୁଖାର୍ଜୀ, ପଶ୍ଚିମ: ରାସ୍ତା **ଏବଂ** ଖାତା ନଂ.: ୨୯୬, ପ୍ଲଟ୍ ନଂ.: ୧୮୫୦ (ଅନୁରୂପ ହାଲ ସେଟେଲମେଣ୍ଟ ଖାତା ନଂ.: ୩୮୭ ଏବଂ ପ୍ଲଟ୍ ନଂ.: ୧୯୫୬), କ୍ଷେତ୍ର: ଏକର୦.୦୨୦ଡିସିମିଲି, ପ୍ରକାର: ଘରବାରି, ମୌଜା: ତରୋଳ, ତହସିଲ: ଟାଙ୍ଗି (ଚୌଦ୍ୱାର), ନଂ. ୧୬୬, ଥାନା: ଟାଙ୍ଗି ନଂ. ୭୨, ଜିଲ୍ଲା: କଟକ **(ସମୁଦାୟ କ୍ଷେତ୍ର: ଏକର୦.୦୬୦ଡିସିମିଲି),** ଏହାର ଚତୁର୍ପାର୍ଶ୍ୱରେ- |

ଉତ୍ତର: ମାଗୁଣି ଜେନା, ଦକ୍ଷିଣ: ବଂଶୀଧର ଜେନା ଏବଂ ଅନ୍ୟମାନେ, ପୂର୍ବ: ମାଗୁଣି ଜେନା, ପଶ୍ଚିମ: ରାସ୍ତା, **(୩) ନୃସିଂହ ଚରଣ ପରିଡା ଏବଂ ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନିମପୁର, ଏସ୍‌ଆରଓ: ଜଗତପୁର, ତହସିଲ: କଟକ ନଂ. ୧୬୭, ଟାଙ୍ଗି (ଚୌଦ୍ୱାର), ଥାନା: ଟାଙ୍ଗି-୭୧, ଜିଲ୍ଲା: କଟକ, ଖାତା ନଂ.: ୭୭୨/୩୨୨, ପ୍ଲଟ୍ ନଂ.: ୧୭୬୭/୫୨୧୦, କ୍ଷେତ୍ର: ଏକର୦.୪୦୦ଡିସିମିଲି, ଏହାର ଚତୁର୍ପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୭୭୦, ଦକ୍ଷିଣ: ପ୍ଲଟ୍ ନଂ. ୧୭୬୭, ପୂର୍ବ: ପ୍ଲଟ୍ ନଂ.: ୧୮୧୩ ଏବଂ ୧୮୧୪, ପଶ୍ଚିମ: ୧୭୬୮ ଏବଂ ୧୭୬୯, **(୪) ନୃସିଂହ ଚରଣ ପରିଡା ଏବଂ ନାରାୟଣ ଚନ୍ଦ୍ର ପରିଡାଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତରୋଳ, ଏସ୍‌ଆରଓ: ଜଗତପୁର, ତହସିଲ: ଟାଙ୍ଗି (ଚୌଦ୍ୱାର), ନଂ. ୧୬୬, ଥାନା: ଟାଙ୍ଗି-୭୨, ଜିଲ୍ଲା: କଟକ, ଖାତା ନଂ.: ୨୩୪, ପ୍ଲଟ୍ ନଂ.: ୧୪୨୪, କ୍ଷେତ୍ର: ଏକର୦.୦୭୦ (୦.୦୩୦)ଡିସିମିଲି, ପ୍ଲଟ୍ ନଂ.: ୧୪୨୫, କ୍ଷେତ୍ର: ଏକର୦.୧୨୦ (୦.୦୫୦)ଡିସିମିଲି ଏବଂ ପ୍ଲଟ୍ ନଂ.: ୧୪୨୬, କ୍ଷେତ୍ର: ଏକର୦.୦୮୦ (୦.୦୫୦)ଡିସିମିଲି, ପ୍ରକାର: ଘରବାରି, (ମୋଟ କ୍ଷେତ୍ର: ଏକର୦.୨୭୦ଡିସିମିଲି ଯାହା ମଧ୍ୟରୁ ସମ୍ପତ୍ତି ମାଲିକଙ୍କ କ୍ଷେତ୍ର: ଏକର୦.୧୩୦ଡିସିମିଲି), ସମସ୍ତ ୩ଟି ପ୍ଲଟ୍‌କୁ ଘରବାରିକୁ ପରିବର୍ତ୍ତନ କରାଯାଇଛି, ଏହାର ଚତୁର୍ପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୪ର ଅବଶିଷ୍ଟ ଅଂଶ, ଦକ୍ଷିଣ: ଦୁର୍ଯ୍ୟୋଧନ ପରିଡା, ପୂର୍ବ: ରାସ୍ତା, ପଶ୍ଚିମ: ପ୍ରମୋଦ ଜେନା

**ତାରିଖ: ୦୯.୧୦.୨୦୨୫ , ସ୍ଥାନ: କଟକ** ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

**यूनियन बैंक ऑफ इंडिया Union Bank of India**

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ଼, ପୋଲିସ୍ ଲାଇନ, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୦୧, ମୋ.: ୮୯୨୮୯୧୭୪୧୧/୯୬୮୭୬୯୭୫୪୮

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ରଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ରଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ରଣ ପରିଶୋଧ ନ କରନ୍ତି, ତାହା ହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୧୭.୧୦.୨୦୨୫ରିଖ ଅପରାହ୍ନ ୧୨.୩୦ ଘଟିକା** ସମୟରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ରଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ରଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ।

| କ୍ର. ନଂ. | ରଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ରଣ ଆକାଉଣ୍ଟ ନଂ. | ବକେୟା ରାଶି | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| | **ଦାମୋଦରପୁର ଶାଖା, ସା/ପୋ: ଦାମୋଦରପୁର, ମେନ୍ ରୋଡ୍, ମୟୂରଭଞ୍ଜ, ପିନ୍-୭୫୭୦୦୩, ମୋ.: ୯୯୮୭୧୯୩୮୪୬** | | | |
| ୧. | **ଶ୍ରୀମତୀ ଦେବଶ୍ରୀ ଦାସ,** ସା: ଶ୍ରୀପଦଗଞ୍ଜ, ୱାର୍ଡ ନଂ. ୧୩, ପୋ: ବାରିପଦା ଟାଉନ୍, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୦୧ / ୬୫୩୨୦୬୫୪୦୦୦୦୧୬୩ | ଟ.୯୧,୨୨୮.୦୦ | ୧୭ | ୧୮ |
| | **ଧାମରା ଶାଖା, ପ୍ଲଟ୍ ନଂ. ୭୬୮/୧୨୭୭, ମୌଜା: ଧାମରା, ପାଇକସାହି, ଭଦ୍ରକ-୭୫୬୧୭୧, ମୋ.: ୮୬୬୦୭୩୧୦୦୭** | | | |
| ୧. | **ଶ୍ରୀ ସୌମ୍ୟ ରଞ୍ଜନ ନାୟକ,** ସା/ପୋ: ପଞ୍ଚୁଟିକିରି, ଥାନା: ବାଁଶଡ଼ା, ଭାୟା: ଘଣ୍ଟେଶ୍ୱର, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୨୯ / **୧୪୧୨୧୬୫୪୦୦୦୦୫୪୦** | ଟ.୩୬,୦୨୬.୧୧ | ୧୦.୯୫ | ୧୩.୬ |
| ୨. | **ଶ୍ରୀ ଶ୍ରୀକୃଷ୍ଣ ପାତ୍ର,** ପିତା: ବବୁଲ ପାତ୍ର, ସା: ଜୟଦୁର୍ଗା ପାଟଣା, ପୋ: ଧାମରା, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୭୧ / **୧୪୧୨୧୬୫୪୦୦୦୦୧୯୮୪** | ଟ.୬୭,୧୧୬.୦୦ | ୧୪ | ୧୭.୫ |
| | **ଯାଜପୁର ମୁଖ୍ୟ ଶାଖା, ସା: ୟୁନିଟ୍ ନଂ. ୮, ୧ମ ମହଲା, ଯଯାତିନଗର, ଯାଜପୁର ଟାଉନ୍, ଯାଜପୁର-୭୫୫୦୦୧, ମୋ.: ୯୮୫୧୩୦୧୬୬୧** | | | |
| ୧. | **ଶ୍ରୀ ସାହିଲ ଧଳ,** ସା: ପଣସା, ପୋ: ଲାଲବାଗ, ଜିଲ୍ଲା: ଯାଜପୁର, ପିନ୍-୭୫୫୦୨୫/ ୩୭୦୮୦୬୫୪୦୦୦୦୭୧୪ | ଟ.୨୦,୧୪୫.୩୦ | ୪.୩ | ୬.୭ |
| | **କରଞ୍ଜିଆ-୩ ଶାଖା, ପ୍ଲଟ୍ ନଂ. ୮୫୨/୧୦୦୬, କରଞ୍ଜିଆ ମେନ୍ ରୋଡ୍, କରଞ୍ଜିଆ, ମୟୂରଭଞ୍ଜ-୭୫୭୦୩୭, ମୋ.: ୭୯୦୩୯୩୯୮୦୮** | | | |
| ୧. | **ଶ୍ରୀମତୀ ସୁମିତ୍ରା ଚୌଧୁରୀ,** ସ୍ୱାମୀ: ଗଗନ ବିହାରୀ ଚୌଧୁରୀ, ସା/ପୋ: ଟାଙ୍ଗରାପଡ଼ା, ଭାୟା: ସ୍ୱମପାଟଣା, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୦ / ୩୧୦୧୨୬୫୪୦୦୦୦୧୩୧ | ଟ.୩୯,୮୩୨.୦୦ | ୮.୧୧୬ | ୧୧.୫୯୫ |
| ୨. | **ଶ୍ରୀମତୀ ସୁମିତ୍ରା ଚୌଧୁରୀ,** ସ୍ୱାମୀ: ଗଗନ ବିହାରୀ ଚୌଧୁରୀ, ସା/ପୋ: ଟାଙ୍ଗରାପଡ଼ା, ଭାୟା: ସ୍ୱମପାଟଣା, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୦ / ୩୧୦୧୨୬୫୪୦୦୦୦୧୦୫ | ଟ.୪୯,୫୮୫.୦୧ | ୧୩.୯୮ | ୧୪.୨୯୫ |
| | **ପଞ୍ଚୁଗୋଛିଆ ଶାଖା, ସା/ପୋ: ପଞ୍ଚୁଗୋଛିଆ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୨୨, ମୋ.: ୯୮୩୬୮୩୯୪୩୯** | | | |
| ୧. | **ଶ୍ରୀମତୀ ପପୀ ପାଢ଼ୀ,** ସ୍ୱାମୀ: ସୁଶାନ୍ତ କୁମାର ପାଢ଼ୀ, ସା: ବାରେଶ୍ୱର, ପୋ: ମୁଗୁପୁର, ଜିଲ୍ଲା: ଭଦ୍ରକ, ପିନ୍-୭୫୮୦୨୨ / **୪୬୨୩୦୬୫୦୦୦୦୦୬୫** | ଟ.୨୭,୪୫୮.୪୨ | ୬.୧ | ୬.୬୪ |
| | **ଉଦଳା ଶାଖା, ୱାର୍ଡ ନଂ. ୫, ସିନେମା ହଲ୍ ରୋଡ୍, ଉଦଳା, ମୟୂରଭଞ୍ଜ-୭୫୭୦୪୧, ମୋ.: ୮୪୫୬୮୮୧୦୯୫, ୮୬୩୭୨୬୧୮୪୪** | | | |
| ୧. | **ଶ୍ରୀମତୀ ଦୀପ୍ତିମୟୀ ଦାସ,** ସା: କପ୍ତିପଦା, ପୋ: କପ୍ତିପଦା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୪୦ / **୨୫୫୪୧୬୫୪୦୦୦୦୪୧୮** | ଟ.୧୩,୦୩୬.୦୦ | ୩.୪ | ୩.୯୭ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡ଼ିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

**ସ୍ଥାନ : ବାଲେଶ୍ୱର**
**ତାରିଖ : ୦୮.୧୦.୨୦୨୫**
ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**केनरा बैंक Canara Bank** सिंडिकेट Syndicate

**ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-ଜେ/୨, ପ୍ଲଟ୍ ନଂ.: ୧୫୫୬(ଅଂଶ) ଏବଂ ପ୍ଲଟ୍ ନଂ.: ୧୫୬୧(ଅଂଶ), ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ: ୦୬୭୪-୨୩୫୩୧୨୦**

**ବିକ୍ରୟ ବିଜ୍ଞପ୍ତି (ଘରୋଇ ଚୁକ୍ତି)**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (ସରଫେଶୀ ଆକ୍ଟ) ଅନୁଯାୟୀ ବାଙ୍କକୁ ବନ୍ଧକ ଥିବା ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ବିକ୍ରୟ**

ନିମ୍ନ ସ୍ୱାକ୍ଷରକାରୀ କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୪) ଅନୁସାରେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। ସର୍ବସାଧାରଣଙ୍କୁ ସମୂହଭାବେ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ **"ଯେଉଁଠାରେ ଯେପରି ଅଛି ଏବଂ ଯାହାଯେପରି ଅଛି"** ସହମତି ଚୁକ୍ତି ଭିତ୍ତିରେ ଘରୋଇ ଚୁକ୍ତି ମାଧ୍ୟମରେ ବିକ୍ରୟର ନିୟମ ଓ ସର୍ତ୍ତାବଳୀ ଅନୁସାରେ **ତା.୨୭.୧୦.୨୦୨୫ରିଖ ପୂର୍ବାହ୍ନ ୧୦.୩୦ ରୁ ୧୧.୩୦ ଘଟିକା** ମଧ୍ୟରେ ବିକ୍ରୟ ନିମନ୍ତେ ନିମ୍ନମତେ ଉପଲବ୍ଧ।

| ଶାଖା/ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ମୋଟ ବକେୟା ରାଶି | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି |
|---|---|---|---|
| **ସାମପୁର ଭୁବନେଶ୍ୱର ଶାଖା / ରଣଗ୍ରହୀତା: ମେସର୍ସ ଜଗନ୍ନାଥ ହାର୍ଡଓୟାର ଆଣ୍ଡ୍ ପେଣ୍ଟସ୍,** ସା: ସାମପୁର, ପୋ: ଘାଟିକିଆ, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୩, **ସ୍ୱତ୍ୱାଧିକାରୀ: ଶ୍ରୀମତୀ ଦେବସ୍ମିତା ସର୍ଦ୍ଦାର,** ସ୍ୱାମୀ: ଅଶାନ୍ତ କୁମାର ସର୍ଦ୍ଦାର, ପ୍ଲଟ୍ ନଂ.: ୧୩୪୪/୧୫୩୩, ସା: ପତିତପାବନ ଲେନ୍, ସମ୍ ହସ୍ପିଟାଲ ରୋଡ, ସାମପୁର, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଓଡିଶା-୭୫୧୦୦୩ / **ଗ୍ୟାରେଣ୍ଟିଦାତା: ଶ୍ରୀ ଶ୍ରୀଧର ବେହେରା,** ପିତା: ଶ୍ରୀ ଦୁଃଶାସନ ବେହେରା, ସା: ସାମପୁର, ପୋ: ଘାଟିକିଆ, ଥାନା: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା-୭୫୧୦୦୩ | ଶ୍ରୀମତୀ ଦେବସ୍ମିତା ସର୍ଦ୍ଦାରଙ୍କ ନାମରେ ଥିବା ଦୋକାନର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ଥାନା: ଖଣ୍ଡଗିରି, ମୌଜା: କଳିଙ୍ଗ ନଗର, ଏସ୍‌ଆରଓ/ତହସିଲ: ଭୁବନେଶ୍ୱର, ସପ୍ ନଂ.: ଜି-୧୦ କେ-୭ କଳିଙ୍ଗ ନଗର ମାର୍କେଟ କମ୍ପ୍ଲେକ୍ସ, ସୁପର ବିଲ୍ଟ ଅପ୍ ଏରିଆ: ୩୯୭.୫ ବର୍ଗଫୁଟ, ତଳ ମହଲା, ଅନୁରୂପ ରେଭିନ୍ୟୁ ଖାତା ନଂ.: ୪୪୩, ପ୍ଲଟ୍ ନଂ.: ୭୦୭, ଡ୍ରଇଂ ନଂ.: କେ୭-୧, ଏହାର ଚାରିପାର୍ଶ୍ୱରେ ପୂର୍ବ: ସପ୍ ନଂ.: ଜି ୧୧, ପଶ୍ଚିମ: ସପ୍ ନଂ.: ଜି ୦୯, ଉତ୍ତର: ରାସ୍ତା, ଦକ୍ଷିଣ: ସପ୍ ନଂ.: ଜି ୧୪ | ୩୦.୦୯.୨୦୨୫ ସୁଦ୍ଧା ଟ.୫୧,୪୫,୨୨୬.୭୮ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | ଟ.୧୭,୫୦,୦୦୦/- / ଟ.୧,୭୫,୦୦୦/- |

**ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ଇଚ୍ଛୁକ ପକ୍ଷମାନେ ପ୍ରସ୍ତାବ ଦାଖଲ କରିପାରିବେ:**

**(୧) "ଯେଉଁଠାରେ ଯେପରି ଅଛି ଏବଂ ଯାହାଯେପରି ଅଛି"** ଭିତ୍ତିରେ ଘରୋଇ ଚୁକ୍ତି ମାଧ୍ୟମରେ ସମ୍ପତ୍ତି ବିକ୍ରୟ କରାଯିବ। **(୨)** କ୍ରେତା ସମ୍ପତ୍ତି କ୍ରୟ ନିମନ୍ତେ ପ୍ରସ୍ତାବ ଗ୍ରହଣୀୟ ହେବାର ୩ ଦିନ ମଧ୍ୟରେ ବିକ୍ରୟ ମୂଲ୍ୟର ୨୫% ରାଶି ଜମା କରିବେ ଏବଂ ଅବଶିଷ୍ଟ ୭୫% ରାଶି ସରଫେଶୀ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୯(୪) ଅନୁଯାୟୀ ଜମା କରିବେ। **(୩)** ଉପରୋକ୍ତ କ୍ଲଜ (୨) ଅନୁସାରେ କ୍ରେତା ଦରଖାସ୍ତ ସହିତ ଜମା କରିଥିବା ପ୍ରସ୍ତାବ ରାଶିର ୧୦% ଅମାନତ ରାଶି ୨୫% ସହିତ ଭରଣା କରାଯିବ। **(୪)** କ୍ଲଜ (୨) ଅନୁଯାୟୀ କ୍ରେତା ସମ୍ପୂର୍ଣ୍ଣ ରାଶି ପଇଠ କରିବାରେ ବିଫଳ ହେଲେ ଦରଖାସ୍ତ ସହିତ କ୍ରେତାଙ୍କ ଦ୍ୱାରା ପୂର୍ବରୁ ଜମା କରାଯାଇଥିବା ୧୦% ରାଶିକୁ ବାଜ୍ୟାପ୍ତି କରାଯିବ। **(୫)** ବ୍ୟାଙ୍କ ଦ୍ୱାରା କ୍ରୟ ପ୍ରସ୍ତାବ ଗ୍ରହଣ ନହେବା କ୍ଷେତ୍ରରେ ଦରଖାସ୍ତ ସହିତ କ୍ରେତାଙ୍କ ଦ୍ୱାରା ଜମା କରାଯାଇଥିବା ୧୦% ଅନାମତ ରାଶି ବିନା ସୁଧରେ ଫେରସ୍ତ କରାଯିବ। **(୬)** ବ୍ୟାଙ୍କକୁ ଜ୍ଞାତ କିମ୍ବା ଅଜ୍ଞାତ ଥିବା ବର୍ତ୍ତମାନ ଏବଂ ଭବିଷ୍ୟତର ସମସ୍ତ ଏନ୍‌କମ୍ବ୍ରାନ୍‌ସେସ୍ ସହିତ ସମ୍ପତ୍ତି ବିକ୍ରୟ କରାଯିବ। କୌଣସି ପକ୍ଷଙ୍କର ଦାବୀ / ଅଧିକାର / ଦେୟ ନିମନ୍ତେ କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ରଣଦାତା ଦାୟୀ ରହିବେ ନାହିଁ। **(୭)** କ୍ରେତା ସମ୍ପତ୍ତି (ଘରୋଇ ଚୁକ୍ତି ମାଧ୍ୟମରେ ବିକ୍ରୟ) ସମ୍ବନ୍ଧୀୟ ସମସ୍ତ ଆଇନଗତ ତଥ୍ୟ ବିଷୟରେ ଅନୁସନ୍ଧାନ କରି ସନ୍ତୁଷ୍ଟ ହେବ ଉଚିତ୍। ପରବର୍ତ୍ତୀ ସମୟରେ କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ରଣଦାତା ବିରୁଦ୍ଧରେ ଏ ସମ୍ବନ୍ଧୀୟ କୌଣସି ଦାବୀ / ଅଧିକାର ନିମନ୍ତେ କ୍ରେତା ହକ୍‌ଦାର ହେବେ ନାହିଁ। **(୮)** କୌଣସି କାରଣ ନଦର୍ଶାଇ ବ୍ୟାଙ୍କ ସମସ୍ତ ପ୍ରସ୍ତାବକୁ ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଅଛି। **(୯)** ଏକରୁ ଅଧିକ କ୍ଷେତ୍ରରେ ବ୍ୟାଙ୍କ ସର୍ବୋଚ୍ଚ ପ୍ରସ୍ତାବକୁ ଗ୍ରହଣ କରିବ। **(୧୦)** ସବିଶେଷ ବିବରଣୀ / ସ୍ପଷ୍ଟିକରଣ ଓ ଦରଖାସ୍ତ ଦାଖଲ ନିମନ୍ତେ ଇଚ୍ଛୁକ ପକ୍ଷମାନେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ। **(୧୧)** କ୍ରେତା ସମ୍ପତ୍ତି କ୍ରୟ ନିମିତ୍ତ ସମସ୍ତ ଷ୍ଟାମ୍ପ ଡ୍ୟୁଟି, ରେଜିଷ୍ଟ୍ରେସନ୍ ଫି ଓ ଅନ୍ୟାନ୍ୟ ଖର୍ଚ୍ଚ ଟ୍ୟାକ୍ସ ଆଦି ବହନ କରିବେ। **(୧୨)** ସରଫେଶୀ ଆକ୍ଟ / ରୁଲ୍ସ ର ବ୍ୟବସ୍ଥା ଅନୁଯାୟୀ ସମ୍ପତ୍ତି ବିକ୍ରୟ କରାଯିବ।

**ଦ୍ରଷ୍ଟବ୍ୟ: ମେସର୍ସ ଜଗନ୍ନାଥ ହାର୍ଡଓୟାର ଆଣ୍ଡ୍ ପେଣ୍ଟସ୍ ଆକାଉଣ୍ଟ ନିମନ୍ତେ: ୧) ସଫଳ ନିଲାମଧାରୀ ସମ୍ପତ୍ତି ହସ୍ତାନ୍ତର ନିମନ୍ତେ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ଥିରିକୃତ କନସେଣ୍ଟ ଚାର୍ଜ ଯାହାକି ସମ୍ପତ୍ତିର ୨୫% ଡିଫରେନ୍ସିଆଲ ଭାଲ୍ୟୁ ପ୍ରଦାନ କରିବାକୁ ହେବ। ବ୍ୟାଙ୍କ ଦ୍ୱାରା ବିଡିଏ କାର୍ଯ୍ୟାଳୟରେ ଏହି କନସେଣ୍ଟ ଚାର୍ଜ ଦାଖଲ ପରେ ବିକ୍ରୟ ଚୂଡାନ୍ତ କରାଯିବ। ୨୦୧୩ ମସିହାରେ ଗୃହର ପ୍ରକୃତ ମୂଲ୍ୟ ଟ.୧୭,୫୪,୮୧୪/- (ସତର ଲକ୍ଷ ଚଉବନ ହଜାର ଆଠ ଶହ ଚଉଦ ଟଙ୍କା ମାତ୍ର), ୨) କାନାରା ବ୍ୟାଙ୍କ ନିଲାମ ନିମନ୍ତେ ସର୍ତ୍ତ ରଖିଛନ୍ତିକି ଯେଉଁ ବ୍ୟକ୍ତିଙ୍କର ନାମରେ କିମ୍ବା ସେମାନଙ୍କର ପରିବାର ସଦସ୍ୟଙ୍କ ନାମରେ ବିଏମ୍‌ସି ଏବଂ ବିଡିଏ ଅଞ୍ଚଳ ମଧ୍ୟରେ କୌଣସି ବାସୋପଯୋଗୀ ପ୍ଲଟ/ଗୃହ/ଫ୍ଲାଟ୍ ନଥିବ ସେହିମାନେ ହିଁ ନିଲାମରେ ଅଂଶ ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହେବେ, ୩) ଯେହେତୁ ଏହା ଏକ ଦଖଲ ପରବର୍ତ୍ତୀ ୩ୟ ପକ୍ଷ ହସ୍ତାନ୍ତରୀତ ବିଷୟ ତେଣୁ ଜିଲ୍ଲା ସବ୍-ରେଜିଷ୍ଟ୍ରାର, ଭୁବନେଶ୍ୱରଙ୍କ ଦ୍ୱାରା କରାଯାଇଥିବା ୧୯୯୫ ଏବଂ ୨୦୨୫ (ରେଜିଷ୍ଟ୍ରେସନ୍ ଫି ଏବଂ ଷ୍ଟାମ୍ପ ଡ୍ୟୁଟି) ମୂଲ୍ୟାୟନ ଅନୁସାରେ କ୍ଷତି ହୋଇଥିବା ପ୍ରକୃର୍ଯ୍ୟ ରାଜସ୍ୱ ସଫଳ ନିଲାମଧାରୀ ପୈଠ କରିବେ।**

**ସ୍ଥାନ: ଭୁବନେଶ୍ୱର**
**ତାରିଖ : ୦୯.୧୦.୨୦୨୫**
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

## ଜମି ବିବାଦରୁ ଗଡ଼ିଲା ମୁଣ୍ଡ

କେନ୍ଦୁଝର, ୯।୧୦(ସମିସ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ପୁଟୁଳିଆ ଗାଁରେ ଜମି ବିବାଦକୁ କେନ୍ଦ୍ରକରି ଦାଦାଙ୍କୁ ଗଇନ୍ତାରେ ହାଣି ହତ୍ୟା କରିଛି ପୁତୁରା। ମୃତ ଦାଦା ହେଲେ ପୁଟୁଳିଆ ମଝିସାହିର ଚନ୍ଦ୍ରଶେଖର ଦାସ (୪୩)। ଆକ୍ରମଣ ସମୟରେ ପୁତୁରା ସତ୍ୟଜିତ ଦାସ (୧୯) ଓରଫ କିଷାନ ଆହତ ହୋଇଥିବା ଜଣାପଡିଛି। ବଡ଼ଭାଇ କିରଣ ଦାସ ଓ ସାନ ଚନ୍ଦ୍ରଶେଖରଙ୍କ ପରିବାରରେ ଜମି ବିବାଦ ଲାଗି ରହିଥିଲା। ବୁଧବାର ସନ୍ଧ୍ୟା ସମୟରେ ବଚସା ହେବାରୁ ଉତ୍ତ୍ୟକ୍ତ ହୋଇ ପୁତୁରା ସତ୍ୟଜିତ ଦାଦା ଚନ୍ଦ୍ରଶେଖରଙ୍କୁ ଏକ ଗାଇନ୍ତାରେ ମୁଣ୍ଡକୁ ମାରିଥିଲା। ପ୍ରବଳ ରକ୍ତସ୍ରାବ ହେବାରୁ ତାଙ୍କୁ କେନ୍ଦୁଝର ଧରଣୀଧର ମେଡିକାଲକୁ ନିଆଯାଇଥିଲେ ହେଁ ସେଠାରେ ମୃତ୍ୟୁ ପ୍ରାଣବାୟୁ ଚାଲି ଯାଇଥିଲା। ସଦର ପୁଲିସ ଘଟଣାର ତଦନ୍ତ କରୁଛି।

## ନାବାଳକ ଛାତ୍ର ନିଖୋଜ



ବାଲିବନ୍ଧ, ୯।୧୦ (ସମିସ): ଆଜିକୁ ୭ ଦିନ ହେଲା ଝୁମ୍ପୁରା ଥାନା ନହବେଡା ଗ୍ରାମର କୃଷ୍ଣଚନ୍ଦ୍ର ମହାନ୍ତଙ୍କ ୧୪ ବର୍ଷର ପୁଅ ୯ମ ଶ୍ରେଣୀର ଛାତ୍ର ଓମ୍‌ପ୍ରକାଶଙ୍କ ପତ୍ତା ମିଳୁନାହିଁ। ମାମୁ ଘର ସଦର ଥାନା କେମ୍ପସଡା ନିକଟ ମନୋହରପୁର ଗ୍ରାମକୁ ଯାଇଥିବା ସମୟରେ ଗତ ୩ ତାରିଖ ସକାଳେ କେଉଁଆଡ଼େ ଚାଲି ଯାଇଥିବା ପରିବାର ଲୋକେ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସକାଳ ପ୍ରାୟ ୬:୩୦ ସମୟରେ ସାଇକଲ ଧରି ମାମୁ ଘର ମନୋହରପୁରରୁ ଶୌଚ ହେବାକୁ ଯାଉଛି କହି ବାହାରିଯାଇଥିଲେ ଓମ୍। ଦିନସାରା ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସୂଚନା ମିଳି ନଥିବା କହିଛନ୍ତି କୃଷ୍ଣଚନ୍ଦ୍ର। ନାଲି ରଙ୍ଗର ହାଫ୍‌ପ୍ୟାଣ୍ଟ୍ ସାଙ୍ଗକୁ ଧଳା ରଙ୍ଗର ଫୁଲ୍ ସାର୍ଟ ପିନ୍ଧିଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

## ଯୋଡ଼ା ପୌରାଞ୍ଚଳରେ ଜବରଦଖଲ ଉଚ୍ଛେଦ



ଯୋଡ଼ା, ୯।୧୦(ସମିସ): ଯୋଡ଼ା ପୌରାଞ୍ଚଳରେ ଟ୍ରାଫିକ ସମସ୍ୟାର ସମାଧାନ କରିବା ସହ ସହରକୁ ବ୍ୟବସ୍ଥିତ କରିବା, ସରସ ସୁନ୍ଦର କରିବା ଉଦ୍ଦେଶ୍ୟରେ ପୌରପାଳିକା ତରଫରୁ ସହରର ବିଭିନ୍ନ ଅଞ୍ଚଳରେ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ସ୍ଥାୟୀ ଦୋକାନ ଏବଂ ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି। ପୌରନିର୍ବାହୀ ଅଧିକାରୀ ଆଇଏଏସ ପବନ ସିଂ ରାଣାଙ୍କ ନେତୃତ୍ୱରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଗତ ୬ ତାରିଖରୁ ଆରମ୍ଭ ହୋଇଯାଇଛି। ବୁଧବାର ପୌର କର୍ମଚାରୀ ଏବଂ ଯୋଡ଼ା ପୁଲିସ ଉପସ୍ଥିତିରେ ବସଷ୍ଟାଣ୍ଡରୁ ପରିବା ବଜାର ପର୍ଯ୍ୟନ୍ତ ଉଚ୍ଛେଦ କାର୍ଯ୍ୟ ହୋଇଥିବା ବେଳେ ଅପରାହ୍ନ ସମୟରେ ବସଷ୍ଟାଣ୍ଡରୁ ପୁରୁଣା ଥାନା ଦେଇ ଧରଣୀଧର ଛକ ପର୍ଯ୍ୟନ୍ତ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଥିଲା। ଗୁରୁବାର ଗାନ୍ଧୀ ଛକ, ପରିବା ଦୋକାନ ନିକଟରେ ଉଚ୍ଛେଦ ପ୍ରକ୍ରିୟା ହୋଇଥିବା ବେଳେ କଳାପାହାଡ଼ ଛକରେ ମଧ୍ୟ ଉଚ୍ଛେଦ ପ୍ରକ୍ରିୟା କରାଯିବ। ଏହି ପ୍ରକ୍ରିୟା ଦ୍ୱାରା ଯେଉଁ ଉଠାଦୋକାନୀଙ୍କ ଜୀବିକା ପ୍ରଭାବିତ ହୋଇଛି ସେମାନଙ୍କୁ ଚିହ୍ନଟ କରି ଆଗକୁ ଭେଣ୍ଡିଂ ଜୋନ ପ୍ରଦାନରେ ଗୁରୁତ୍ୱ ଦିଆଯିବା ବୋଲି କୁହାଯାଇଛି।

## ଶୌଚ ହେବାକୁ ଯାଇ ବୃଦ୍ଧଙ୍କ ମୃତ୍ୟୁ

ହାଟଡ଼ିହୀ, ୯।୧୦(ସମିସ): ସୋସୋ ଥାନା ଅଧୀନସ୍ଥ କଣିଆରି ଗ୍ରାମର ଉଦ୍ଧବ ଜେନା (୬୦) ଗତକାଲି ରାତିରେ ଶୌଚ ହେବାକୁ ଯାଇଥିବା ବେଳେ ଅସାବଧାନତା ବଶତଃ କେନାଲରେ ଗୋଡ଼ ଖସିଯିବାରୁ ପାଣି ଭିତରକୁ ଖସି ପଡ଼ିଥିଲେ। ଉଦ୍ଧବ ଘରକୁ ଫେରି ନଥିବାବେଳେ ଆଜି ସକାଳ ସମୟରେ କେନାଲରେ ଶବ ଭାସୁଥିବା ଦେଖି ପୁଲିସକୁ ଖବର ଦିଆଯାଇଥିଲା। ସୋସୋ ପୁଲିସ ଓ ଅଗ୍ନିଶମବାହିନୀ ଘଟଣାସ୍ଥଳରୁ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲାରେ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

● ପାରିବାରିକ କଳହରୁ ବଳି ପଡ଼ିଲେ ଛେଳି

## ମୃତ ଛେଳିକୁ ଧରି ଥାନାର ଦ୍ୱାରସ୍ଥ ଅଭିଯୋଗକାରୀ



ରାମଚନ୍ଦ୍ରପୁର, ୯।୧୦(ସମିସ): ରାମଚନ୍ଦ୍ରପୁର ଥାନା ବଡପଦନା ଏବଂ ଯାଜପୁର ଜିଲ୍ଲା କୋରେଇ ଥାନା ଓସ୍ତପାଳ ସୀମାରେ ଘର କରିଥିବା ଦୁଇ ପଡୋଶୀଙ୍କ କଳିରେ ନିରୀହ ଛେଳିର ଜୀବନ ଯାଇଛି। ଦୁଇ ପକ୍ଷଙ୍କ ମଧ୍ୟରେ ପାରିବାରିକ କଳହକୁ ନେଇ ବିପକ୍ଷଙ୍କ ଠେଙ୍ଗା ମାଡରେ ନିରୀହ ଛେଳିର ଜୀବନ ଯାଇଛି। ମୃତ ଛେଳିକୁ ଧରି କ୍ଷତିଗ୍ରସ୍ତ ପରିବାର ଓସ୍ତପାଳ ଗ୍ରାମର ମନୋଜ ଖଟୁଆ ଏବଂ ପତ୍ନୀ କେତକୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ନିଜ ଭଉଣୀ ଘରକୁ ଯିବାଆସିବା କରିବା ବେଳେ ପଡୋଶୀ ରାଜୁ ନାୟକ (୪୫) ପରିବାର ସହ କଥା କଟାକଟି ପରେ ହାତାହାତି ହୋଇଥିଲେ। ରାଜୁ ଏବଂ ପୁଅ ଶମ୍ଭୁ (୧୫) ମିଶି ଏକ ଠେଙ୍ଗାରେ ତାଙ୍କ ଛେଳିଟିକୁ ପିଟିପିଟି ମାରି ଦେଇଥିଲେ। ପୁଲିସ ଅଭିଯୋଗ ଉପରେ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

### ପାନୀୟଜଳ ଯୋଜନାରେ ଅନିୟମିତତା ଅଭିଯୋଗ

# ପୁରୁଣା ପାଇପ୍‌ରେ ୭୦ କୋଟିର ଜଳଯୋଗାଣ ପ୍ରକଳ୍ପ

ଆନନ୍ଦପୁର, ୯।୧୦(ସମିସ)






ଆନନ୍ଦପୁର ପୌରାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ହୋଇଥିବା ଯୋଜନାରେ ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଏହି ପ୍ରକଳ୍ପର ନିର୍ମାଣକାରୀ ଠିକାସଂସ୍ଥା ଇଷ୍ଟଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ କମ୍ପାନୀ ମୁଖ୍ୟ ପାଇପଲାଇନକୁ ସିଙ୍କୱେଲ ସହ ସଂଯୋଗ କରି ନଥିବା ଭଳି ଗୁରୁତର ତ୍ରୁଟି ପରିଲକ୍ଷିତ ହୋଇଛି; ଯାହାକି ଆଗାମୀ ଗ୍ରୀଷ୍ମ ଋତୁରେ ପାନୀୟଜଳ ସମସ୍ୟାର ଆଶଙ୍କା ପ୍ରକାଶ ପାଇଛି। ସେହିପରି ପୂର୍ବରୁ ଥିବା ପାଇପ ନବଦଳାଇ ପୁରୁଣା ପାଇପରେ ଜଳଯୋଗାଣ କରିଥିବାରୁ ଏହି ଯୋଜନା ଲକ୍ଷ୍ୟଠାରୁ ଦୂରେଇଯାଇଛି। ଆଗାମୀ ଦିନରେ ଜନସାଧାରଣ ବିଶୁଦ୍ଧ ଜଳ ପାଇବାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ତଦାରଖର ଅଭାବ ଏବଂ ଅବହେଳା ନେଇ ସ୍ପଷ୍ଟ ହେଉଛି। ଆନନ୍ଦପୁର ସହରକୁ ବିଶୁଦ୍ଧ ପାନୀୟଜଳ ଯୋଗାଇବା ପାଇଁ ସରକାର ୭୦ କୋଟି ଟଙ୍କା ବ୍ୟୟ ବରାଦ କରିଥିଲେ। ହେଲେ ଇଷ୍ଟଇଣ୍ଡିଆ କମ୍ପାନୀ ବହୁ ପୁରାତନ କଳଙ୍କି ପାଇପ୍‌ରେ ଜଳଯୋଗାଣ ଆରମ୍ଭ କରିଛି। ଆନନ୍ଦପୁର ୱାଟକୋ ଜରିଆରେ ଇଷ୍ଟଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ କମ୍ପାନୀକୁ ଟେଣ୍ଡର ମାଧ୍ୟମରେ ୭୦ କୋଟି ବ୍ୟୟ ବରାଦ କରାଯାଇଥିଲା। ଆନନ୍ଦପୁର ସହରରେ ସମୁଦାୟ ୯୩ କିଲୋମିଟର ନୂତନ ପାଇପ୍ ବସାଇବାଇବାକୁ ଥିବା ବେଳେ ନିର୍ମାଣକାରୀ ଠିକାସଂସ୍ଥା ଇଷ୍ଟଇଣ୍ଡିଆ କମ୍ପାନୀ ବିଭିନ୍ନ ସାହି ବସ୍ତିକୁ ୬୨ କିଲୋମିଟର ପାଇପ ବିଛାଇ ପ୍ରକଳ୍ପକୁ ଶେଷ କରିଦେଇଛି। ମୁଖ୍ୟ ପାଇପ ବଦଳା ଯାଇ ନଥିବାରୁ ପୁରୁଣା ପାଇପ୍ ମାଧ୍ୟମରେ ପାଣି ଯୋଗାଇବାକୁ କାହାଠାରୁ ଅନୁମତି ମିଳିଛି ସେନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାର ଓ ୱାଟକୋ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ଝୁମ୍ପୁରା ବିଜେଡିର ଜନସମ୍ପର୍କ ପଦଯାତ୍ରା




ବାଲିବନ୍ଧ, ୯।୧୦ (ସମିସ): ବିଜେଡି ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ଗୁରୁବାରଠାରୁ ଆରମ୍ଭ ହୋଇଛି ବିଜେଡିର ଜନସମ୍ପର୍କ ପଦଯାତ୍ରା। ଆସନ୍ତା ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଏହା ଚାଲିବାକୁ ଥିବା ବେଳେ ବର୍ତ୍ତମାନ ରାଜ୍ୟ ବିଜେପି ସରକାର ଅଧୀନରେ ନାରୀ ନିର୍ଯାତନା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ବିକାଶ କାର୍ଯ୍ୟ ଠପ୍ ହୋଇ ପଡ଼ିଥିବା ଆଦି ପ୍ରସଙ୍ଗକୁ ନେଇ ବିଜେଡି ଜନସାଧାରଣଙ୍କ ନିକଟତର ହେବ ବୋଲି କୁହାଯାଇଛି। ଗୁରୁବାର ନହବେଡାଠାରେ ବ୍ଲକ ବିଜେଡି ସଭାପତି ଡମ୍ବରୁଧର ଦାସଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୁଟୁଗାଁ, ଖେଣ୍ଡରା ଏବଂ ନହବେଡା ପଞ୍ଚାୟତର ବିଜେଡି କର୍ମୀ ଓ ଛାମୁଆଁ ନେତା ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଥମେ ଉତ୍କଳମଣି ଗୋପବନ୍ଧୁ ଏବଂ ବିଜୁ ପଟ୍ଟନାୟକଙ୍କ ଫଟୋରେ ଶ୍ରଦ୍ଧାର୍ପଣ ପରେ ଗୁମୁରା ସମିତିସଭ୍ୟ ସ୍ୱର୍ଗତ ଉଦୟ ପାତ୍ରଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ପୂର୍ବତନ ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର, ଜିଲ୍ଲା ବିଜେଡି ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକ, ନହବେଡା ସମିତିସଭ୍ୟ ବସନ୍ତ ପ୍ରଧାନ, ମହିଳାନେତ୍ରୀ ତୁଳସୀ ମହାନ୍ତ, ନହବେଡା ପଞ୍ଚାୟତ ସଭାପତି ବିଶୁ ନାଏକ, ଖେଣ୍ଡରା ପଞ୍ଚାୟତ ସଭାପତି ଖଗେଶ୍ୱର ମହାନ୍ତ, ଝୁମ୍ପୁରା ପଞ୍ଚାୟତ ସଭାପତି ଭୋଳାନାଥ ନାଏକ, ବ୍ଲକ ଛାତ୍ର ସଭାପତି ଭାଗୀରଥି ପ୍ରଧାନ, ରଞ୍ଜନ ବେହେରା, ଲାଲା ବାରିକ, କାଳେନ୍ଦୀ ମହାନ୍ତ, ପବନା ମହାନ୍ତ, ଟୁନା ଭଞ୍ଜ, ପ୍ରଶାନ୍ତ ମହାକୁଡ଼, ସରଜ ବାରିକ, ବସନ୍ତ ମହାନ୍ତ, ଯତୀନ ମୁଣ୍ଡା ଦଳକୁ କିପରି ଅଧିକ ମଜବୁତ କରାଯାଇ ପାରିବ ଏବଂ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିବ ସେନେଇ ଆଲୋଚନା କରିଥିଲେ।

## ବଳଦୁଆଁରେ ସାଂସ୍କୃତିକ ମହୋତ୍ସବ

ଆନନ୍ଦପୁର, ୯।୧୦ (ସମିସ): ବୀଣାପାଣି କଳାନିକେତନ ନୃତ୍ୟାନୁଷ୍ଠାନର ନୃତ୍ୟ ଶିଳ୍ପୀମାନେ ବଳଦୁଆଁ ଲକ୍ଷ୍ମୀନାରାୟଣ ପୂଜାରେ ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ନୃତ୍ୟାଭିନୟ ମା'ର




କରୁଣା, ସମ୍ବଲପୁରୀ ନୃତ୍ୟ, ଭାଙ୍ଗଡା, ପଲ୍ଲୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରାୟ ୫୦ ନୃତ୍ୟ ଶିଳ୍ପୀ ଦର୍ଶକଙ୍କ ମନ ମୋହିଥିଲେ। ଡାଇନାମିକ ୟୁଥ କ୍ଲବ, ଗଣେଶ ପୂଜା କମିଟି ଓ ଲକ୍ଷ୍ମୀନାରାୟଣ ପୂଜା କମିଟି ସଦସ୍ୟମାନେ ସହଯୋଗ କରିଥିଲେ। ଲକ୍ଷ୍ମୀଧର ଦାଶ, ସହଦେବ ଦାସ, ବନମାଳି ଦାସ, ପୁରୋଷ୍ଟମ ଖଣ୍ଡା, ବିଜୟ ଦାସ, ଭୀମସେନ ଦାସ, ନୀଳମଣି ବେହେରା, ଲିଟୁ ଦାସ, ଚିନୁ ସାହୁ, ତାପସ ଜେନା, ମାନସ ସାହୁ, ନିରାକାର ଦାସ, ସିପୁନ ସାହୁ, ପପୁ ଘଡେଇ, ମନୋଜ ଦାସ, ସୁରେନ୍ଦ୍ର ଖଣ୍ଡା, ଶତ୍ରୁଘନ ଜେନା, ମହେନ୍ଦ୍ର ମଣ୍ଡଳ ନୃତ୍ୟାନୁଷ୍ଠାନର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଚାଲେଞ୍ଜି ସୃଷ୍ଟି କରିଛି ବନ୍ୟପ୍ରାଣୀଙ୍କ ସୁରକ୍ଷା

ହାତୀ-ମଣିଷ ସହାବସ୍ଥାନକୁ ନେଇ ଆଲୋଚନା




କେନ୍ଦୁଝର, ୯।୧୦(ସମିସ): କେନ୍ଦୁଝର ପାର୍କ ଲାଇନସ୍ଥିତ ଅଡିଟରିଅମଠାରେ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ହାତୀ ଓ ମଣିଷ ସହାବସ୍ଥାନ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାୟକ, କେନ୍ଦୁଝରଗଡ଼ ପୋରାଧକ୍ଷା ନିକୁ ସାହୁ, ଏସ୍‌ପି ନୀତିନ କୁଶଲକର ଯୋଗ ଦେଇଥିବା ବେଳେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂପ୍ରତି ବିଶ୍ୱ ପ୍ରାଣୀ ସପ୍ତାହ ପାଳନ ହେଉଥିବା ବେଳେ ବନ୍ୟପ୍ରାଣୀଙ୍କ ସୁରକ୍ଷା ବର୍ତ୍ତମାନ ସମୟରେ ଏକ ବଡ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ପୂର୍ବତନ ସାଂସଦ ତଥାଗତ ଶତପଥୀ ସାଂପ୍ରତିକ ପରିସ୍ଥିତିରେ ହାତୀ ଓ ମଣିଷ ସୁରକ୍ଷା ପାଇଁ ସରକାରୀ ସ୍ତରରେ କଣ ପଦକ୍ଷେପ ନିଆଯାଇପାରିବ ସେନେଇ ନିଜର ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ଐରାବତ ଶୀର୍ଷକ ଏକ ଥିଏଟର ଶୋ' ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ଲୋକପ୍ରତିନିଧି, ବନସୁରକ୍ଷା ସମିତି ସଭାପତି, ଗଜସାଥୀ, ବନ ବିଭାଗ କର୍ମଚାରୀ ସମେତ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଉପସ୍ଥିତ ଥିଲେ। ପରିବେଶ ସୁରକ୍ଷା ପାଇଁ ଉପଖଣ୍ଡ ସ୍ତରର ପରିବେଶବିତ୍‌ଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ହାତୀ ଦ୍ୱାରା କ୍ଷତିଗ୍ରସ୍ତଙ୍କୁ ସରକାରୀ ଅନୁଦାନ ପ୍ରଦାନ କରାଯାଇଥିଲା।

## ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ





ଆନନ୍ଦପୁର, ୯।୧୦(ସମିସ): ପୁଣ୍ୟାତ୍ମା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ଉତ୍ସବ ଉତ୍କଳମଣି ଶିଶୁ ସାହିତ୍ୟ ସମିତି ଓ ପୂଜ୍ୟପୂଜା ସାଂସ୍କୃତିକ ପରିଷଦ ସହଯୋଗରେ ସାଇ କିଡ୍ କୋଚିଙ୍ଗ ସେଣ୍ଟରରେ ପାଳିତ ହୋଇଯାଇଛି। ସାହିତ୍ୟ ସମିତିର ସଭାପତି ରତ୍ନାକର ଦାସ ପୌରୋହିତ୍ୟ କରିଥିଲେ। ଉଦ୍‌ଘାଟକ ଭାବେ ରାଜ୍ୟପାଳ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବୈଲୋଚନ ସାହୁ, ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଡ ରାମଚନ୍ଦ୍ର ନାୟକ, ଅନ୍ୟତମ ଆଲୋଚକ ଭାବେ ପ୍ରାବନ୍ଧିକ ପ୍ରଫେସର ରମାକାନ୍ତ ନାୟକ, ଘସିପୁରା ସାହିତ୍ୟ ଘର ସଭାପତି ହଳଧର ପଣ୍ଡା, କବି କୀର୍ତ୍ତନ ସାହୁ, କବି ଚତୁର୍ଭୁଜ ଜେନା, କବି ଗୋବର୍ଦ୍ଧନ ନାୟକ ଯୋଗ ଦେଇଥିଲେ। କବି ତଥା ଶିଶୁ ସାହିତ୍ୟ ସମିତିର ସଂପାଦକ ନାରାୟଣ ସାହୁ, ନୀଳମଣି ବାରିକ, ମୁରଲୀଧର ବେହେରା, ଅନନ୍ତ ଚରଣ ମୁଦୁଲି, ସାବିତ୍ରୀ ଦାସ, ବିବେକାନନ୍ଦ ସାହୁ, ରାମଚନ୍ଦ୍ର ଜେନା, ଜ୍ୟୋସ୍ନାରାଣୀ ଦାସ, ମମତା ଜେନା ସ୍ୱରଚିତ କବିତା ମାଧ୍ୟମରେ ଗୋପବନ୍ଧୁଙ୍କୁ ଶ୍ରଦ୍ଧା ଓ ଭକ୍ତି ଅର୍ପଣ କରିଥିଲେ। ବଦାନ୍ୟ ସଦସ୍ୟ ବିନୋଦ ବିହାରୀ ଦାସ ଅତିଥି ପରିଚୟ ପ୍ରଦାନ ଓ ପରିଷଦର ସଂପାଦକ ପଦ୍ମନାଭ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।


# ନୂଆ ରୂପରେ ତୁରୁମୁଙ୍ଗା ଥାନା; ସ୍ୱଚ୍ଛତାର ବାର୍ତ୍ତା ଦେଉଛି







ତୁରୁମୁଙ୍ଗା, ୯।୧୦(ସମିସ)





କେନ୍ଦ୍ର ଗୃହ ମନ୍ତ୍ରାଳୟର ପ୍ରତିଯୋଗିତାରେ ରାଜ୍ୟର ଦୁଇ ଥାନା ମଧ୍ୟରେ ମନୋନୀତ

କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ଅବସ୍ଥାପିତ ଥାନାକୁ ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ପକ୍ଷରୁ ଥାନାର ଆଧୁନିକୀକରଣ ବିଭାଗ ପକ୍ଷରୁ ଥାନା ଚୟନ କାରାଯାଇଛି ବିଭିନ୍ନ ମାନଦଣ୍ଡକୁ ନେଇ ଦେଶରେ ସର୍ବଶ୍ରେଷ୍ଠ ପ୍ରତିଯୋଗିତାରେ ଭାଗ ନେବା ପାଇଁ ସେପ୍ଟେମ୍ବର ୮ ତାରିଖରେ ଚିଠି ମାଧ୍ୟମରେ ଜଣା ଯାଇଥିବାରୁ ଥାନାକୁ ଆଧୁନିକୀକରଣ କରାଯାଇଛି। ଚମ୍ପୁଆ ଏସଡିପିଓ ରଶ୍ମିରଞ୍ଜନ ସାହୁ, ଭାରପ୍ରାପ୍ତ ଥାନାଧିକାରୀ ସୌରଭ ପ୍ରଧାନ, ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଥାନାକୁ ଏବେ ନୂଆ ରୂପରେ ସଜା ଯାଉଛି। ଥାନା ପରିସରରେ ଥିବା ପାର୍କ ଆଉ ବ୍ୟାଡମିଣ୍ଟନ ପଡ଼ିଆ ଆକର୍ଷିତ କରୁଥିବା ବେଳେ ଛୋଟ ଛୋଟ ଛୁଆଙ୍କ ପାଇଁ ଅତି ସୁନ୍ଦର କୋଠରୀ ରହିଛି; ଯେଉଁଠି ଶିଶୁ ଖେଳଣା ରଖାଯାଇଛି। ଏଥିସହ ମହିଳା ଓ ଶିଶୁ ହେଲ୍ପଡେସ୍କ ପାଇଁ ଜଣେ ସ୍ୱତନ୍ତ୍ର ମହିଳା ଅଫିସରଙ୍କୁ ନିୟୋଜିତ କରାଯାଇଛି। ଗର୍ଭବତୀ ଓ ପ୍ରସୂତିଙ୍କ ସହ ସ୍ତନ୍ୟପାନ କରିବା ପାଇଁ ସ୍ୱତନ୍ତ୍ର କୋଠରୀ କରାଯାଇଛି। ଥାନାର ଉପର ମହଲାରେ ମିଲିଟାରୀ ଢାଞ୍ଚାରେ ବାରାକ କରାଯିବା ସହ ଅସ୍ତ୍ରାଗାର ରହିଛି। ଅତ୍ୟାଧୁନିକ ଜିମ ସେଣ୍ଟର କରାଯାଇଥିବା ବେଳେ କ୍ୟାଣ୍ଟିନ୍ ଗୃହ ମଧ୍ୟ ନିର୍ମାଣ କରାଯାଇଛି। ଥାନା ପାଚେରିରେ ବିଭିନ୍ନ ପ୍ରକାର ରଙ୍ଗରେ ଚିତ୍ର ଅଙ୍କାଯାଇଥିବା ବେଳେ ଥାନା କର୍ମଚାରୀ ଓ ଥାନାକୁ ଆସୁଥିବା ଲୋକଙ୍କ ଗାଡି ରଖିବା ପାଇଁ ପାର୍କିଂ ମଧ୍ୟ କରଯାଇଛି। ଥାନା ପରିସର ସ୍ୱଚ୍ଛତାକୁ ନେଇ ସଚେତନତା ବାର୍ତ୍ତା ଦେଉଛି। ଏହାଦ୍ୱାରା ଅପରାଧମୁକ୍ତ ଓ ଶୃଙ୍ଖଳିତ ସମାଜ ଗଢ଼ିବାରେ ନାଗରିକଙ୍କ ଭାଗୀଦାରି ବଢ଼ିପାରିବା ସହ ଉତ୍ତମ ସମ୍ପର୍କ ଦ୍ୱାରା ଏକ ସୁସ୍ଥ ବାତାବାରଣ ସଞ୍ଚାର ହୋଇପାରିବ ବୋଲି ଥାନା ପୁଲିସ ପକ୍ଷରୁ କୁହାଯାଇଛି।

## ମିଷ୍ଟର ଚମ୍ପୁଆ ପ୍ରଥମ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ଚମ୍ପୁଆ, ୯।୧୦(ସମିସ): ଚମ୍ପୁଆ ଧରଣୀଧର ନଗର ଭବନଠାରେ ମିଷ୍ଟର ଚମ୍ପୁଆ ପ୍ରଥମ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବଡି ବିଲଡର ଜିତେନ୍ଦ୍ର ଶୋରେନ ଓ ସାଥୀଙ୍କ ଦାସ, ପୂର୍ବତନ ଫୁଟବଲ ଖେଳାଳି ସଂଜୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଯୋଗିତାରେ ୫୫ରୁ ୬୦ କିଗ୍ରା, ୬୦ରୁ ୬୫ କିଗ୍ରା, ୬୫ରୁ ୭୦ କିଗ୍ରା ଓ ୭୦ରୁ ୮୦ କିଗ୍ରା ୬୦ କିଗ୍ରା ବିଭାଗରେ ବିକାଶ ଗୁପ୍ତା ପ୍ରଥମ ହୋଇଥିବା ବେଳେ ୬୦ରୁ ୬୫ କିଗ୍ରାରେ ରୁଦ୍ର ମହାନ୍ତ, ୬୫ରୁ ୭୦ ମଧ୍ୟରେ ଗୌତମ ହାଇବୁରୁ ଓ ୭୦ରୁ ୮୦ କିଗ୍ରାରେ ପ୍ରଭାତ ବରଡିଆ ପ୍ରଥମ




ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ମୁଖ୍ୟଅତିଥି ଭାବରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ଅନ୍ୟତମ ଅତିଥି ତହସିଲଦାର ସଜତ ମାର୍କେ, ସମାଜସେବୀ ବବି ବର୍ଗ ବିଭାଗରେ ପ୍ରତିଯୋଗୀ ସାମିଲ ହୋଇଥିଲେ। ବିଚାରକ ଭାବରେ ଭୁବନେଶ୍ୱର ବଡି ବିଲଡର ଅକ୍ଷୟ ବେହେରା, ସଂଜିବ ସାର ଓ ରଘୁ ମାରାଣ୍ଡି ଯୋଗ ଦେଇଥିଲେ। ୫୫ରୁ ସ୍ଥାନରେ ବିଜୟୀ ହୋଇଛନ୍ତି। ୪୦ ପ୍ରତିଯୋଗୀଙ୍କୁ ନେଇ ଅନୁଷ୍ଠିତ ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା।

## ମହୁମାଛି ଆକ୍ରମଣରେ ମା'ଝିଅ ଗୁରୁତର

ଆନନ୍ଦପୁର, ୯।୧୦ (ସମିସ): ଘସିପୁରା ଥାନା ନିକଟରେ ଗାଧୋଇବା ବେଳେ ଆକ୍ରମଣ କଲେ ମହୁମାଛି। ଘଷିପୁରା ଥାନା ସମ୍ମୁଖରେ ଥିବା ବସ୍ତିରେ ଲକ୍ଷ୍ମଣ ଦାସଙ୍କ ଝିଅ ଘର ନିକଟରେ ଗାଧୋଉଥିଲେ। ସେହି ସମୟରେ ତାଙ୍କୁ ଅତର୍କିତ ଭାବେ ମହୁମାଛି ଆକ୍ରମଣ କରିଥିଲେ। ସେ ଗୁରୁତର ଆହତ ହୋଇ ଚିତ୍କାର କରିବାରୁ ତାଙ୍କ ମାଆ ରକ୍ଷା କରିବାକୁ ଧାଇଁ ଆସିଥିଲେ। ମହୁମାଛି ତାଙ୍କୁ ମଧ୍ୟ ଆକ୍ରମଣ କରିବାରୁ ସେ ଆହତ ହୋଇଛନ୍ତି। ଉଭୟଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଚିକିତ୍ସା ଜାରି ରହିଛି।

## ଝାଡାବାନ୍ତିରେ ଯୁବ ଚାଷୀ ମୃତ

ରାଇରଙ୍ଗପୁର, ୯।୧୦(ସମିସ): ରଜପର୍ବଠାରୁ ଆଜିଯାଏଁ ୫ ମାସ ଧରି ଲଗାଣ ବର୍ଷା ଲାଗି ରହିଛି। ଗଡ଼ିଆ, ପୋଖରୀ, ନଦୀ ନାଳ ସବୁ ଜଳାର୍ଣ୍ଣବ ହୋଇଥିବାବେଳେ ଜଳସ୍ତର ପ୍ରଦୂଷଣ ହୋଇଯାଇଛି। ଫଳରେ ଲୋକେ ଥଣ୍ଡା, ଜ୍ୱର, କାଶ, କଫ, ଝାଡ଼ାବାନ୍ତି, ମେଲେରିଆ, ଡେଙ୍ଗୁରେ ଆକ୍ରାନ୍ତ ହେଉଛନ୍ତି। ମୟୂରଭଂଜ ଜିଲ୍ଲା ଜାମଦା ଗୋଷ୍ଠୀ ସ୍ୱାସ୍ଥ୍ୟ ଅନ୍ତର୍ଗତ ସୀମାନ୍ତ ତାରଣା ପଞ୍ଚାୟତ ପାହାଡପୁର ଗ୍ରାମର ଯୁବ ଚାଷୀ ଲକ୍ଷ୍ମଣ ମୁର୍ମୁ (୪୫)ଙ୍କ ଝାଡାବାନ୍ତିରେ ମୃତ୍ୟୁ ଘଟିଥିବା ଜଣାପଡିଛି। ସେ ଦୁଇଦିନ ହେଲା ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସିତ ହେଉଥିଲେ। ଆଜି ତାଙ୍କର ମୃତ୍ୟୁ ଘଟିଛି।

## ୧୪ ଫୁଟିଆ ଅହିରାଜ ଉଦ୍ଧାର



କପ୍ତିପଦା, ୯।୧୦(ସମିସ): କପ୍ତିପଦା ବନାଞ୍ଚଳ ପଦ୍ମପୋଖରୀ ଗ୍ରାମର ଏକ ବିଲରୁ ୧୪ ଫୁଟିଆ ବିଶାଳ ଅହିରାଜକୁ ବନ ବିଭାଗ ଓ ସ୍ନେକ ହେଲ୍ପ ଲାଇନ ସଦସ୍ୟ ଉଦ୍ଧାର କରିଛନ୍ତି। ପରେ ଅହରାଜକୁ ଶିମିଳିପାଳ ଜଙ୍ଗଲରେ ଛାଡି ଦିଆଯାଇଛି।

## ସାଗେନ ସାକାମ ସାର୍ନା ମାଡୱା କ୍ଲବ ପକ୍ଷରୁ ଫୁଟବଲ୍ ପ୍ରତିଯୋଗିତା

ବହଳଦା, ୯।୧୦ (ସମିସ): ବହଳଦା ବ୍ଲକ ଅନ୍ତର୍ଗତ ଭିତରାମଦା ଗ୍ରାମପଞ୍ଚାୟତ ଫାଗୁବାଗାନ ଖେଳ ପଡିଆରେ ଡୁୟୁଘୁଟୁ ସାଗେନ ସାକାମ ସାର୍ନା ମାଡୱା ପକ୍ଷରୁ ଏକ ଦିବସୀୟ ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ମୋଟ ୩୨ଟି ଦଳ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଦିଲଜଲେ ଫୁଟବଲ କ୍ଲବ ଚାମ୍ପିଅନ ହୋଇଥିବାବେଳେ ଚିରୁଗୋଡା ଦଳ ଦ୍ୱିତୀୟ, ବାବା ରୁତୁଘୁଟୁ ତୃତୀୟ ଏବଂ ବ୍ଲକ ଲେଭେଲ ଦଳ ଚତୁର୍ଥ ସ୍ଥାନରେ ରହି ପୁରସ୍କୃତ ହୋଇଛନ୍ତି। କ୍ଲବର ଉପଦେଷ୍ଟା ତୁଳସୀରାମ ଟୁଡୁ, ସଭାପତି ଖାତ୍ରୀ ମାର୍ଣ୍ଡି ଓ ସଂପାଦକ ବାସେତ ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭିତରାମଦା ସରପଞ୍ଚ ଖାତ୍ରୀ କିସ୍କୁ ଏବଂ ମୁଖ୍ୟବକ୍ତା ଭାବେ ବିଜୁ ଜନତା ଦଳର ବହଳଦା ବ୍ଲକ ସଭାପତି ହରେକୃଷ୍ଣ ମଣ୍ଡଳ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷକ ବୈଦ୍ୟନାଥ ପୂର୍ତ୍ତି, ଭକ୍ତ ମୁର୍ମୁ, ଜାସେନ ହେମ୍ବ୍ରମ, ରବୀନ୍ଦ୍ର କିସ୍କୁ ଏବଂ ଘାଷିରାମ ହେମ୍ବ୍ରମ ପ୍ରମୁଖ ପୁରସ୍କାର ବିତରଣ କରିଥିଲେ।

## ଭୁଷୁକୁଣ୍ଡା ମା' ଗଜଲକ୍ଷ୍ମୀଙ୍କ ମନ୍ଦିରରେ ବଡପୂଜା



ଶୁଳିଆପଦା, ୯।୧୦(ସମିସ): ଶୁଳିଆପଦା ବ୍ଲକ୍ ମହାବିଲା ପଞ୍ଚାୟତ ଭୁଷୁକୁଣ୍ଡା ମା' ଗଜଲକ୍ଷ୍ମୀଙ୍କ ମନ୍ଦିରରେ ବଡପୂଜା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଘଟ ଅଣାଯାଇ ମନ୍ଦିରରେ ସ୍ଥାପନ କରାଯିବା ସହିତ ନାମ ସଂକୀର୍ତ୍ତନ କରାଯାଇଥିଲା। ଦ୍ୱିତୀୟ ଦିବସରେ ମା'ଙ୍କର ବଡପୂଜା ସହିତ ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ କମିଟି ପକ୍ଷରୁ ଜନସାଧାରଣଙ୍କ ପାଇଁ ଅନ୍ନପ୍ରସାଦ ଏବଂ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗଙ୍କ ନିମନ୍ତେ ବସ୍ତ୍ରଦାନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଅନ୍ନପ୍ରସାଦ ଓ ବସ୍ତ୍ର ବଣ୍ଟନ କରିଥିଲେ। ୪ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

# ଉତ୍କଳମଣିଙ୍କ ୧୪୮ତମ ଜୟନ୍ତୀ ପାଳିତ

ତୁରୁମୁଙ୍ଗା, ୯।୧୦(ସମିସ)





ପାଟଣା ବ୍ଲକ ତୁରୁମୁଙ୍ଗା ଦଧିବାମନ ବାଳିକା ଉଚ୍ଚବିଦ୍ୟାଳୟର ସଭାଗୃହଠାରେ ଗୁରୁବାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ତଥା ଶିକ୍ଷାବିତ୍ ଗୋପୀନାଥ ସାହୁ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଖିରେଇଟାଙ୍ଗିରୀ ଘଣା ମେଡିକାଲର ମୁଖ୍ୟ ପରିଚାଳକ ଡା ସଞ୍ଜୀବ ଘଣା, ମୁଖ୍ୟବକ୍ତା ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ତଥା ଲେଖକ ଦେବରାଜ ପ୍ରଧାନ, ସମ୍ମାନିତ ଅତିଥି ଶିଳ୍ପପତି ତଥା ସମାଜସେବୀ ପ୍ରତାପଚନ୍ଦ୍ର ସାହୁ, ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ମିଶ୍ର ଯୋଗ ଦେଇଥିଲେ। ଟ୍ରଷ୍ଟର ସଂପାଦକ ଶିକ୍ଷକ ରମେଶଚନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ତୃପ୍ତିମୟୀ ବାରିକ ସଂଯୋଜନା କରିଥିଲେ। ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। କୃଷି ଓ କୃଷକ ସମ୍ମାନ-୨୦୨୫ରେ ମୁରୁସୁଆଁ ପଞ୍ଚାୟତର କିମିର୍ଦ୍ଦାପଶି ଗ୍ରାମର କୃଷକ ପୁରୁଷୋତ୍ତମ ମହାନ୍ତ ଓ ଚେମଣା ପଞ୍ଚାୟତ ସଦରର ରୁଦ୍ରନାରାୟଣ ମହାନ୍ତ, ଶିକ୍ଷକ ଗୌରବ ସମ୍ମାନରେ ଦଧିବାମନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଜିତେନ୍ଦ୍ର ମିଶ୍ର ଏବଂ କଇଁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀଶିକ୍ଷୟିତ୍ରୀ ସଙ୍ଘମିତ୍ରା ସାହୁ, ଉତ୍ତମ ସ୍ୱାସ୍ଥ୍ୟସେବା ସମ୍ମାନରେ ବୁଢ଼ୀକାପୁଡି ଅନ୍ତର୍ଗତ ଲକ୍ଷ୍ମୀପଶି ଗ୍ରାମର ଆଶାକର୍ମୀ କୁମୁଦିନୀ ମହାନ୍ତ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ତୁରୁମୁଙ୍ଗା, ଚେମଣା, ବୁଢିକାପୁଡି ଓ ରାଜନଗର ପଞ୍ଚାୟତରୁ ୨୦ରୁ ଊର୍ଦ୍ଧ୍ୱ ଗରିବ ବ୍ୟକ୍ତିଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା। ଟ୍ରଷ୍ଟର କୋଷାଧ୍ୟକ୍ଷ ବଳଭଦ୍ର ନାଏକ, ଉପଦେଷ୍ଟା ଫାର୍ମାସିଷ୍ଟ ଅଜୟ ସାହୁ, ଶିକ୍ଷକ କେଦାରଚନ୍ଦ୍ର ବେହେରା, ସଂଜୟ ସାହୁ, ହିମାଂଶୁ ଶେଖର ପାତ୍ର, ଭକ୍ତବନ୍ଧୁ ବେହେରା, ବିନାୟକ ସାହୁ, ପ୍ରମୋଦ ସାହୁ, ଅନିଲ ଚାୱଡା, କୁନ୍ତଳା ମହାନ୍ତ, ଗୌତମ ନାଏକ, ହିନା ଚାୱଡା, ଦଧିବାମନ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ଏବଂ ଟ୍ରଷ୍ଟର ସଦସ୍ୟମାନେ ସହଯୋଗ କରିଥିଲେ। ସ୍ୱାସ୍ଥ୍ୟସେବିକା କୁନ୍ତଳା ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

କେନ୍ଦୁଝର ପାଟଣା ଆଞ୍ଚଳିକ ମହାବିଦ୍ୟାଳୟରେ ଉତ୍କଳ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ଗୁରୁବାର ମହାବିଦ୍ୟାଳୟର ଅଧ୍ୟକ୍ଷ ବିରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଇଂ ବିଦ୍ୟାଧର ଦାଶ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅଶ୍ୱିନୀ ସାହୁ, ଅଧ୍ୟାପକ ଜଗନ୍ନାଥ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ସନ୍ତୋଷ ସାହୁ, ଅଧ୍ୟାପକ ଶୁଭ୍ରାଂଶୁ ଦାସ, ଅଧ୍ୟାପକ ବଳରାମ ଚାମ୍ପିଆ, ଅଧ୍ୟାପକ ହୃଦାନନ୍ଦ ବିଶ୍ୱାଳ, ଅଧ୍ୟାପିକା ସଙ୍ଗୀତା ବେହେରା ଓ ଦୀକ୍ଷା ରାଉତ, ରଜତ ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ। ଏନ୍‌ସିସି ଅଧିକାରୀ ତଥା କ୍ରୀଡା ଶିକ୍ଷକ କ୍ୟାପଟେନ ଧର୍ମେନ୍ଦ୍ର ସାହୁ ସଂଯୋଜନା କରିଥିଲେ। +୨ ଏବଂ +୩ର ଅନ୍ୟୂନ ୨ ଶହ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ସୁଶାନ୍ତ ରାଉଳ ଓ ଭର୍ତ୍ତୃହରି ମହାନ୍ତ ସହଯୋଗ କରିଥିଲେ।




**ରାମଚନ୍ଦ୍ରପୁର:** କେନ୍ଦୁଝର ଜିଲ୍ଲାର ଅନ୍ୟତମ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଅନ୍ୱେଷା ସାହିତ୍ୟ ସଂସଦ ସାଇଁକୁଳର ସଭାଗୃହରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୮ତମ ଜୟନ୍ତୀ ସଂସଦର ସଭାପତି ଧରଣୀଧର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କବି ନରହରି ରାଉତ କବୟିତ୍ରୀ ଶିଳ୍ପିଶ୍ରୀ ପଟ୍ଟନାୟକ, ସ୍ୱର୍ଣ୍ଣଶ୍ରୀ ପରିଡାଙ୍କ ଦ୍ୱାରା ଗୋପବନ୍ଧୁଙ୍କ ରଚିତ ବିଭିନ୍ନ କାଳଜୟୀ କବିତାର ପଦାବଳୀ ପଠନ କରାଯାଇଥିଲା। ସେବା ଓ ତିତିକ୍ଷାର ମୂର୍ତ୍ତିମନ୍ତ ବିଗ୍ରହ ଉତ୍କଳମଣିଙ୍କ ମାନବିକ ମୂଲ୍ୟବୋଧ ସମାଜ ଗଠନରେ ଯୁବସମାଜ ପାଇଁ ମାର୍ଗଦର୍ଶନ କରିବ ବୋଲି ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଗାଳ୍ପିକ ହଳଧର ପଣ୍ଡା, ସୁରେନ୍ଦ୍ର ବେହେରା, ଗୋପାଳଚନ୍ଦ୍ର ପରିଡା, ଶରତ ରାଉତ, ଗଣେଶ୍ୱର ସାହୁ, ଶଙ୍କର୍ଷଣ ଜେନା ପ୍ରମୁଖ ମତ ବ୍ୟକ୍ତ କରିଥିଲେ। କାଳନ୍ଦୀ ଚରଣ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଦୈତାରୀ ବିଶ୍ୱାଳ, ଅନନ୍ତ ନାରାୟଣ ଦାସ, ଶ୍ରୀକାନ୍ତ ସେନାପତି, ପ୍ରଶାନ୍ତ ଚକ୍ର ସହଯୋଗ କରିଥିବା ବେଳେ ମନୋଜ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସରଗଡାରେ ନୂତନ ଥାନା ଦାବିକଲା ସ୍ୱେଚ୍ଛାସେବୀ ସଂଗଠନ




ବିଜାତଳା, ୯।୧୦(ସମିସ): ସଂପ୍ରତି ଗ୍ରାମାଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ବିଜାତଳା ବ୍ଲକ ସରଗଡାଠାରେ ଏକ ନୂତନ ଥାନା ପ୍ରତିଷ୍ଠା କରିବାକୁ ରାମଦୋଳି ଯୁବକ ସଂଘ ଜିଲ୍ଲାପାଳଙ୍କ ଏକ ଚିଠି ମାଧ୍ୟମରେ ଜଣାଇଛନ୍ତି। ନିକଟରେ କୌଣସି ଥାନା ନ ଥିବାରୁ ଚୋର, ଡକାୟତଙ୍କୁ ଧରିବା ପୁଲିସ ପକ୍ଷେ କଷ୍ଟକର ହେଉଛି। ଲୁଟ୍ କରି ଆଖି ପିଛୁଳାକେ ଲୁଟେରାମାନେ ଫେରାର ହୋଇଯାଉଛନ୍ତି। ପୁଲିସ ବିଭିନ୍ନ ସ୍ଥାନରେ ଚଢଉ କରି ବି ଲୁଟେରାଙ୍କ ଟେର ପାଉନାହାଁନ୍ତି। ତେଣୁ ଆଜି ବିଜାତଳା ବ୍ଲକର ସେଚ୍ଛାସେବୀ ସଂଗଠନ ରାମଦୋଳି ଯୁବକ ସଂଘ ଜିଲ୍ଲାପାଳଙ୍କୁ ସରଗଡାଠାରେ ନୂତନ ଥାନା କରାଯାଉ ବୋଲି ଚିଠି ମାଧ୍ୟମରେ ଦାବି ଜଣାଇଛନ୍ତି। ବ୍ଲକର ଲୁହାଶିଳା, ମାଣିକପୁର, ମଢେଇକଚା, ସରଗଡା ଏବଂ ଚଢେଇ ପାହାଡି ଆଦି ପଞ୍ଚାୟତ ଗୋରୁମାହିଷାଣି ଥାନା ଉପରେ ନିର୍ଭର କରୁଛନ୍ତି। କୌଣସି କାମ ପଡିଲେ ଲୋକଙ୍କୁ ୨୦ କିମି ଯିବାକୁ ପଡୁଛି। ସୂଚନା ଥାଉକି ଯେ ଗୋରୁମହିଷାଣି ଥାନା ଅଞ୍ଚଳର ବିଜାତଳା ବ୍ଲକର ମାଣିକପୁର ପଞ୍ଚାୟତରେ ଗତ ସେପ୍ଟେମ୍ବର ମାସରେ ରାତିରେ ଦୁର୍ବୃତ୍ତମାନେ କଳାକନା ବୁଲାଇଥିଲେ। ଅଫିସ ଭିତରେ ପଶି ଇନଭର୍ଟର, ସୋଲାର ବେଟେରୀ, କମ୍ପ୍ୟୁଟର, ଏଲସିଡି, ବ୍ୟାଟେରୀ ଆଦି ଲୁଟ କରି ନେଇଯାଇଛନ୍ତି। ସେହିପରି ଲୁହଶିଳା ପଞ୍ଚାୟତ ବଳରାମପୁର ଏବଂ ଦଲକିରେ ମଧ୍ୟ ଚୋରି ହୋଇଥିଲା। ଆଜିଯାଏ କାହାକୁ ମଧ୍ୟ ଗିରଫ କରାଯାଇନାହିଁ। ତେଣୁ ସରଗଡାଠାରେ ନୂତନ ଥାନା ଦାବି କରିଛ ସଂଗଠନ।

## ଯୋଗ ଶିକ୍ଷା କେନ୍ଦ୍ରରେ ଶିବ ମୁନୀଙ୍କ ଜୟନ୍ତୀ



ଖିଚିଂ, ୯।୧୦(ସମିସ): ଶୁକୁଳି ସ୍ଥିତ ଆତ୍ମକଲ୍ୟାଣ ଯୋଗ ଶିକ୍ଷା କେନ୍ଦ୍ରରେ ଶିବକୁମାର ମୁନୀଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ମୁନି ମୁନିମତୀ ଯୋଗ ଦେଇଥିଲେ। ଏହି ଅବସରରେ ଅଖିଳ ଭୂ-ମଣ୍ଡଳୀୟ ସର୍ବ ଶିରୋମଣି ମୁନି ସମାଜର ପୂଜ୍ୟା ଗୁରୁମାତା ମୁନୀଶ୍ୱରୀ ମାନସୀ ଦେବୀଙ୍କ ଅଧ୍ୟକ୍ଷତାରେ ସତ୍ୟପତାକା ଯଥାବିଧି ଉତ୍ତୋଳନ କରାଯାଇଥିଲା। ଏହା ପରେ ଦିବ୍ୟଜ୍ଞାନ ବର୍ଷୀ ବିଶୁଦ୍ଧ ବ୍ରାହ୍ମ ବିଦ୍ୟାର ସତ୍‌ସଙ୍ଗ ସଭା ଆରମ୍ଭ ହୋଇଥିଲା। ଶିଷ୍ୟ ଶିଷ୍ୟା ଓ ସଦସ୍ୟସଦସ୍ୟା ଆଦି ମୁନିଶ୍ୱର ଯୋଗେଶ୍ୱର ଶିବ ମୁନୀଙ୍କ ଉଦ୍ଦେଶ୍ୟରେ ଦୀପଦାନ ପୂର୍ବକ ପୁଷ୍ପାଞ୍ଜଳି ଅର୍ଘ୍ୟ ଅର୍ପଣ କରିଥିଲେ। ଗୁରୁ ମା' ତଥା ଯୋଗାଚାର୍ଯ୍ୟ ଓ ବକ୍ତାଙ୍କୁ ଭକ୍ତି ଶ୍ରଦ୍ଧାର ସୁମନ ଦାନ କରି ଆଶ୍ରମର ମର୍ଯ୍ୟାଦାକୁ ଗରିମାମୟ କରିଥିଲେ। ସଭାରେ ମୁଖ୍ୟ ବକ୍ତା ଡ଼ଃ ଜୀବନ କୁମାର ଗିରି (ମୁନି) ଆତ୍ମଜ୍ଞାନର ଗୂଢ ତତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଉପବକ୍ତା ମୁନି ବିଦ୍ୟାଧର ଧଳ, ବିରଞ୍ଚି ମୁନି ଓ ମୁନି ସିଦ୍ଧେଶ୍ୱର ଶିବ ମୁନୀଙ୍କ ଆତ୍ମଜୀବନୀ ଉପରେ ଆଲୋକପାତ କରିଥିଲେ। ସଭାପତି ଗୁରୁ ମା' ମାନସୀ ଦେବୀଙ୍କ ନିର୍ଦ୍ଦେଶ କ୍ରମେ ଯୋଗାଚାର୍ଯ୍ୟ ଗୁରୁ ଚରଣ ଧନ୍ୟବାଦ ଅର୍ପଣ କରିଥିଲେ।

## ବିନୋଦ ରାୟ କଲେଜ ଅଫିସ କାର୍ଯ୍ୟାଳୟ ବିପଦସଂକୁଳ



ଛାତରୁ ଖସୁଛି ସିମେଣ୍ଟ ଖଣ୍ଡ

ରାସଗୋବିନ୍ଦପୁର, ୯।୧୦(ସମିସ): ରାସଗୋବିନ୍ଦପୁର ସ୍ଥିତ ବିନୋଦ ରାୟ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଅଫିସ ଛାତରୁ ସିମେଣ୍ଟ ଖଣ୍ଡ ଖସୁଥିବାରୁ ବିପଜ୍ଜନକ ଅବସ୍ଥାରେ କାମ କରୁଛନ୍ତି କର୍ମଚାରୀ। କେଉଁଠି ପ୍ଲାଷ୍ଟର୍ ଖସୁଛି ତ ଅନ୍ୟ କେଉଁଠି କାନ୍ଥ ଫାଟି ଆଁ କଲାଣି। ଫଳରେ ଅଧ୍ୟାପକ, ଅଧ୍ୟାପିକା ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟକୁ ଆସିବାକୁ ଭୟ କରୁଛନ୍ତି। କେତେବେଳେ ଅଘଟଣ ଘଟିବ କହିହେବ ନାହିଁ। ଏନେଇ କଲେଜ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ତେଣୁ ମରାମତି କିମ୍ବା ନୂତନ କାର୍ଯ୍ୟାଳୟ ନିର୍ମାଣ କରିବାର ଆବଶ୍ୟକ ରହିଛି। ତେବେ ତୁରନ୍ତ ମରାମତି ଏବଂ ନିର୍ମାଣ କରିବାକୁ ଛାତ୍ରଛାତ୍ରୀ ଦାବି ଜଣାଇଛନ୍ତି।

## ବୈଶିଙ୍ଗା ଓ ଜିବି ନଗରରେ ଗୋପବନ୍ଧୁଙ୍କ ଜୟନ୍ତୀ



ବୈଶିଙ୍ଗା, ୯।୧୦(ସମିସ): ବୈଶିଙ୍ଗା ଥାନା ଅଧୀନ ରାଇକମା ଆଶ୍ରମ ବିଦ୍ୟାଳୟରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ରଜତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହେବା ସହ ଚିତ୍ରାଙ୍କନ, ବକ୍ତୃତା, କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ପ୍ରଧାନଶିକ୍ଷକ ଗୋପବନ୍ଧୁ ଦାସଙ୍କ ରଚିତ 'କାରାକବିତା'ରୁ କିଛି ଉଦ୍ଧାର କରି ପିଲାମାନଙ୍କୁ ଶୁଣାଇଥିଲେ। ଗୋପବନ୍ଧୁଙ୍କ ନୀତି, ଆଦର୍ଶରେ ନିଜକୁ ପରିଚାଳିତ କରିବାପାଇଁ ପ୍ରେରଣା ଦେଇଥିଲେ। ଶିକ୍ଷିକା ସରସ୍ୱତୀ ଜେନା ନିଜ ରଚିତ କବିତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।



**କୁଆମରା:** ଗୋପବନ୍ଧୁନଗର ବ୍ଲକରେ ଉତ୍କଳମଣି ଗୋପବନ୍ଧୁଙ୍କ ୧୪୮ତମ ଜୟନ୍ତୀ ପାଳିତ ହୋଇଛି। ବିଡ଼ିଓ ପୃଥ୍ୱୀରାଜ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷା ଝୁଲଣ ବାରଶାଳିଆ, ଦୁଇ ଜିଲ୍ଲା ପରିଷଦ ସଭ୍ୟା ଉର୍ମିଳା ଲେଙ୍କା ଓ ଉର୍ମିଳା ସେଠୀ, ଖୁଣ୍ଟା ଡିଗ୍ରୀ କଲେଜର ଅଧ୍ୟାପିକା ମଧୁସ୍ମିତା ପାଇକ ଓ ହିରଣ୍ମୟୀ ଶତପଥୀ ଯୋଗ ଦେଇ ଗୋପବନ୍ଧୁଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ବୈଠକରେ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ,ସଭ୍ୟା ବିଭିନ୍ନ ସଂଗଠନର କର୍ମକର୍ତ୍ତା, ଯୁବନେତା ଓ ସମାଜସେବୀଙ୍କ ସମେତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଦୁଇ ଅଧ୍ୟାପିକାଙ୍କୁ ଉତ୍ତରୀୟ ସହ ସମ୍ମାନିତ କରାଯାଇଥିଲା।

## ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

ରାମଚନ୍ଦ୍ରପୁର, ୯।୧୦(ସମିସ): କେନ୍ଦୁଝର ଜିଲ୍ଲା ୨୦ ନମ୍ବର ଜାତୀୟ ରାଜପଥ ରାମଚନ୍ଦ୍ରପୁର ଛକରେ ଗୁରୁବାର ଦିନ ୧୨ଟା ସମୟରେ କୋଳିମାଟିରୁ ଏକ ବାଇକ ଯୋଗେ ଭୁବନେଶ୍ୱର ଯାଉଥିବା ସମୟରେ ରାମଚନ୍ଦ୍ରପୁର ଛକରେ ନିକଟରେ ଏକ କୁକୁର ବାଇକରେ ପିଟି ହୋଇଯିବାରୁ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ବାଇକ ଆରୋହୀ କୋଳିମାଟିର ମନୋଜ ନାୟକ (୨୫) ଗୁରୁତର ଆହାତ ହୋଇଛନ୍ତି। ତାଙ୍କ ସାଙ୍ଗ ଦିଲ୍ଲୀପ ନାୟକ (୨୩) ସାମାନ୍ୟ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆହତ ମନୋଜ ଭୁବନେଶ୍ୱର ଟ୍ରାଫିକ କନେଷ୍ଟବଳ ଭାବେ କାର୍ଯ୍ୟ କରୁଥିବା ଜଣାପଡିଛି।

## ବ୍ଲକ୍ କାର୍ଯ୍ୟାଳୟ ଘେରିଲେ ଶତାଧିକ ମହିଳା




ଆନନ୍ଦପୁର, ୯।୧୦(ସମିସ): ଗାଁକୁ ପାନୀୟଜଳ ଯୋଗାଣ ଦାବିରେ ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ କାର୍ଯ୍ୟାଳୟ ଘେରିଲେ କୁମୁଣିଆଁ ଗାଁର ଶତାଧିକ ମହିଳା। କମୁଣିଆଁରେ ଆଠଶହରୁ ଅଧିକ ପରିବାର ପାଇଁ ମାତ୍ର ୩ଟି ନଳକୂପ ଥିବା ବେଳେ ମଇଳପାଣି ବାହାରୁଛି। ଗାଁ ନିକଟରେ ବହିଯାଇଥିବା ବୈତରଣୀ ନଦୀରୁ ଲୋକେ ବିପଦପୂର୍ଣ୍ଣ ଅବସ୍ଥାରେ ଜଳ ସଂଗ୍ରହ କରୁଛନ୍ତି। ଅନ୍ୟପଟେ ପାଇପ ଜଳଯୋଗାଣ ପାଇଁ ୩ବର୍ଷତଳୁ ପାଇପ୍ ବିଛାହୋଇ ଘରେଘରେ ଟ୍ୟାପ୍ ଲାଗିଛି। ସେଥିରୁ ବୁନ୍ଦାଏ ହେଲେ ପାଣି ବାହାରି ନାହିଁ। ଲୋକେ ସରପଞ୍ଚଙ୍କଠାରୁ ବିଡିଓ ପର୍ଯ୍ୟନ୍ତ ଜଣାଇଛନ୍ତି। ସମାଧାନ ନହେବାରୁ ଆଜି ୨୪ ଘଣ୍ଟା ମଧ୍ୟରେ ଗାଁରେ ପାଇପ୍ ଯୋଗେ ପାନୀୟଜଳ ଯୋଗାଇବା ଦାବିରେ ବ୍ଲକ୍ କାର୍ଯ୍ୟାଳୟ ଘେରଉ କରିଛନ୍ତି ଗାଁର ଶତାଧିକ ମହିଳା।

# ନୃତ୍ୟ ପ୍ରତିଯୋଗିତା ଉଦଯାପିତ; ସେଭେନ ଷ୍ଟାର ଡ୍ୟାନ୍ସଗ୍ରୁପ ଚାମ୍ପିଅନ



ବାରିପଦା, ୯।୧୦(ସମିସ)

ଦେବେନ୍ଦ୍ରପୁରଠାରେ ଗଜଲକ୍ଷ୍ମୀ ପୂଜା ଅବସରରେ ଚାଲିଥିବା ବାର୍ଷିକ ନୃତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ସଂସ୍କୃତିପ୍ରେମୀ ସାମ୍ବାଦିକ ଦୀପକ କୁମାର ନାୟକ, ସମ୍ମାନିତ ଅତିଥି ଭାବରେ ନୃତ୍ୟ ପ୍ରଶିକ୍ଷକ ଦିଲ୍ଲୀପ କୁମାର ପାତ୍ର, ସାମ୍ବାଦିକ ସୟେଦ ସିରାଜୁଦ୍ଦିନ ପ୍ରମୁଖ ଯୋଗ ଦେଇ ସଂସ୍କୃତିକ ମଞ୍ଚ ହିଁ ତୃଣମୂଳ ସ୍ତରରୁ କଳାକାରଙ୍କୁ ଆଗକୁ ନେଇଥାଏ ବୋଲି ମତପ୍ରକାଶ କରିଥିଲେ। ନୃତ୍ୟଶିଳ୍ପୀ କୁନି ବିନ୍ଧାଣି ବିଚାରକ ଭାବରେ ଯୋଗଦେଇଥିଲେ। ନିନି ବିନ୍ଧାଣି ମଞ୍ଚ ପରିଚାଳନା କରିଥିଲେ। କମିଟିର ସଦସ୍ୟ ଜଗା ରାଉତ, ରାଧା ଗୋବିନ୍ଦ ଦାସ, ଆଶିଷ ଗିରି, ଅରବିନ୍ଦ ବେହେରା, ହିମାଂଶୁ ଶେଖର ଜେନା, ବିକ୍ରମ ମାରାଣ୍ଡି, ମନୋଜ କୁମାର ସିଂ, ବିମଳ ଲୋଚନ ସିଂ ପ୍ରମୁଖ ପରିଚାଳନା କରିଥିଲେ। ପରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜିତ ନୃତ୍ୟ ପ୍ରତିଯୋଗିତାରେ ସେଭେନ ଷ୍ଟାର ଡ୍ୟାନ୍ସ ଗ୍ରୁପ ଚାମ୍ପିଅନ ହୋଇଥିବାବେଳେ ଲାଲା ଡ୍ୟାନ୍ସ ଗ୍ରୁପ ରନର୍ସଅପ ହୋଇଛି।

ସକାଳ THE SAKALA



■ ସୂଚନାଧିକାର ଆଇନରେ ତଥ୍ୟ ପ୍ରଦାନରେ ଅବହେଳା

# ୫୦ହଜାର ଟଙ୍କା ଡଣ୍ଡ ଗଣିବେ ଭଦ୍ରକ ତହସିଲଦାର: ହାଇକୋର୍ଟ

କଟକ, ୯।୧୦ (ସମିସ): ସୂଚନାଧିକାର ଆଇନ ଅନୁସାରେ ଆବେଦନକାରୀ ମାଗିଥିବା ତଥ୍ୟ ପ୍ରଦାନରେ ଅବହେଳା ପ୍ରଦର୍ଶନ ଓ ଏହି ମର୍ମରେ ରାଜ୍ୟ ସୂଚନା କମିସନଙ୍କ ଆଦେଶକୁ ଚାଲେଞ୍ଜ କରି ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏଭଳି ଅବହେଳା ପାଇଁ ଆବେଦନକାରୀଙ୍କୁ ୫୦ ହଜାର ଟଙ୍କା ଭଦ୍ରକ ତହସିଲଦାର ଆସନ୍ତା ଡିସେମ୍ବର ୯ ତାରିଖ ସୁଦ୍ଧା ପଇଠ କରିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହେମନ୍ତ ନାୟକଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଭି.ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅନ୍ୟପଟରେ ରାଜ୍ୟ ସୂଚନା କମିସନଙ୍କ ଆଦେଶକୁ ଖାରଜ କରିଛନ୍ତି ଅଦାଲତ।

ଆବେଦନକାରୀ ଗତ ୨୦୧୭ ମସିହାରେ ଏକ ସରକାରୀ ଜଳାଶୟ ଜବରଦଖଲ ପ୍ରସଙ୍ଗରେ ମୁଖ୍ୟ ସଚିବଙ୍କୁ ପତ୍ର ଲେଖିଥିଲେ। ପରେ ରାଜସ୍ୱ ବିଭାଗ ସଚିବ ଭଦ୍ରକ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଭଦ୍ରକ ତହସିଲଦାରଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆବେଦନକାରୀ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ କିଛି ତଥ୍ୟ ନପାଇ ଭଦ୍ରକ ତହସିଲଦାରଙ୍କୁ ସୂଚନାଧିକାର ଆଇନରେ ତଥ୍ୟ ମାଗିଥିଲେ। ତଥ୍ୟ ଉପଲବ୍ଧ ନଥିବା ନେଇ ପ୍ରଥମ ଅପିଲରେ ଦର୍ଶାଯିବା ପରେ ସୂଚନା କମିସନରେ ଦ୍ୱିତୀୟ ଅପିଲ ଦାୟର କରିଥିଲେ। ଏଭଳି କିଛି ଆବେଦନ ହୋଇନଥିବା ଦର୍ଶାଇ ଭଦ୍ରକ ତହସିଲ ପିଆଇଓଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟ ଆଧାରରେ ମାମଲାକୁ ଖାରଜ କରିଦେଇଥିଲେ। କମିସନଙ୍କ ପକ୍ଷରୁ ଯାଞ୍ଚ ନକରାଯାଇ ଏପରି ଆଦେଶ ପ୍ରଦାନ ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୂଚନା କମିସନଙ୍କ ଆଦେଶକୁ ହାଇକୋର୍ଟ ଖାରଜ କରିବା ସହ କମିସନ ଏହାର ସାନି ଶୁଣାଣି କରି ୪୫ଦିନ ମଧ୍ୟରେ ଫଇସଲା କରିବା ପାଇଁ କହିଛନ୍ତି।

# ନୂଆପଡ଼ା ଉପନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ

ଭୁବନେଶ୍ୱର, ୯।୧୦(ସମିସ): ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ସବୁ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍. ଏସ୍. ଗୋପାଳନ ରାଜନୈତିକ ଦଳମାନଙ୍କୁ ନିଜ ତାରକା ପ୍ରଚାରକଙ୍କ ତାଲିକା ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଗୋପାଳନ କହିଲେ ଯେ ଚଳିତ ଉପନିର୍ବାଚନକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସବୁ ପ୍ରକାର ବନ୍ଦୋବସ୍ତ କରାଯାଇଛି। ଚଳିତ ବର୍ଷ ଭାରତ ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକା ଅନୁଯାୟୀ ପ୍ରତି ବୁଥ୍‌ରେ ଭୋଟର ସଂଖ୍ୟା ୧୨୦୦ ମଧ୍ୟରେ ସୀମିତ କରାଯାଇଛି। ଚୂଡ଼ାନ୍ତ ଭୋଟର ତାଲିକାରେ ୨,୫୩,୬୨୪ ଜଣ ରହିଥିବା ବେଳେ ତନ୍ମଧ୍ୟରେ ୧,୨୪,୧୦୮ ଜଣ ପୁରୁଷ ଭୋଟର, ୧,୨୯,୪୯୫ ଜଣ ମହିଳା, ୨୧ ଜଣ ତୃତୀୟ ଲିଙ୍ଗ ଭୋଟର ରହିଥିବା ବେଳେ ୯,୪୨୯ ଜଣ ଯୁବ ଭୋଟର, ୩୯୮୮ ଜଣ ଦିବ୍ୟାଙ୍ଗ ଭୋଟର ଏବଂ ୧୭୮୬ ଜଣ ବରିଷ୍ଠ ଭୋଟର (୮୫ ବର୍ଷରୁ ଉଦ୍ଧ୍ୱର୍) ରହିଛନ୍ତି। ଅନ୍ୟପକ୍ଷରେ ଉପନିର୍ବାଚନ ତାରିଖ ଘୋଷଣା ସହ ଆଦର୍ଶ ଆଚରଣବିଧି ଲାଗୁ ହୋଇଥିବାରୁ ବୈଦ୍ୟୁତିକ, ମୁଦ୍ରଣ ଓ ସାମାଜିକ ଗଣମାଧ୍ୟମ ଏବଂ ୱେବ୍‌ମିଡିଆ ସମେତ ସିନେମାହଲ୍, ରେଡିଓ, ପୋଷ୍ଟର ଓ ହୋର୍ଡିଂ ଆଦି ଜରିଆରେ ବିଜ୍ଞାପନ ଜାରି ପୂର୍ବରୁ ଆୟୋଗଙ୍କ ଅନୁମତି ଜରୁରୀ ଅଟେ। ଏଥି ସହିତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଅପରାଧିକ ସମ୍ପୃକ୍ତି ନେଇ ଘୋଷଣାନାମା ମୁଦ୍ରିତ ଗଣମାଧ୍ୟମରେ ପ୍ରକାଶ କରିବା ସହ ଆୟୋଗଙ୍କୁ ଏ ବାବଦରେ ଅବଗତ କରାଇବା ବାଧ୍ୟତାମୂଳକ କରାଯାଇଛି। ଦଳ ଓ ପ୍ରାର୍ଥୀଙ୍କ ଖର୍ଚ୍ଚର ବିବରଣୀ, ତାରକା ପ୍ରଚାରକଙ୍କ ତାଲିକା ଏବଂ ଆଦର୍ଶ ଆଚରଣ ବିଧିର ସଠିକ୍ ଅନୁପାଳନ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜାନୁଆରୀରେ ଷଡ଼ଯନ୍ତ୍ର...

ପାଇଁ ଯୋଜନା ହୋଇଥିବା ଏବଂ ବହୁ ବରିଷ୍ଠ ଅଧିକାରୀ ତହିଁରେ ସାମିଲ୍ ହୋଇଥିବା ରିଚ୍‌ମାଇଣ୍ଡ କମ୍ପାନୀର ଜଣେ ଅଂଶୀଦାର ସେତେବେଳେ ପ୍ରଥମେ ମୌଖିକ ଓ ପରେ ମେଲ୍ ଯୋଗେ ଅଭିଯୋଗ ସେତେବେଳେ ଏହି ଯୋଜନାକୁ ଭଣ୍ଡୁର କରି ଦେଇଥିଲା। କମ୍ପାନୀର ଜଣେ ଅଧିକାରୀଙ୍କ ସୂଚନା ଅନୁସାରେ ଗୁଜୁରାଟ୍‌ରେ ଜିପିଏସ୍‌ଏସ୍‌ପି ପରୀକ୍ଷା ପରିଚାଳନା ସମୟରେ କିଛି ଅନିୟମିତତା ହୋଇଥିବାରୁ ତତ୍କାଳୀନ ନିର୍ଦ୍ଦେଶକଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା। ଏହି କାରଣରୁ କୌଣସି ଅନିୟମିତତାକୁ ପ୍ରଶ୍ରୟ ଦେବା ସପକ୍ଷରେ କମ୍ପାନୀ ନ ଥିଲା। ଓଡ଼ିଶାରେ ପରୀକ୍ଷା ପରିଚାଳନାରେ କିଛି ପୁଲିସ ଅଧିକାରୀ ଗଡ଼ବଡ଼ କରିବା ସନ୍ଦେହ କରି କମ୍ପାନୀ ସେତେବେଳେ ଏ ସମ୍ପର୍କରେ ବିଧିବଦ୍ଧ ଅଭିଯୋଗ କରିଥିଲା। ଏପରିକି କମ୍ପାନୀର ସେହି ଅଭିଯୋଗ ଆଧାରରେ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିବା ଅଧିକାରୀଜଣକ ସୂଚନା ଦେଇଛନ୍ତି। ପରୀକ୍ଷା ବାତିଲ୍ ପଛରେ ପ୍ରଶ୍ନପତ୍ର ଲିକ୍ ହିଁ ପ୍ରମୁଖ କାରଣ ରହିଥିବା ସରକାରୀ ସ୍ତରରେ ହଲଚଲ୍ କରିଥିଲା। ଅଚାନକ ପରୀକ୍ଷା ସ୍ଥଗିତ ଘଟଣାରେ ସରକାର ହସ୍ତକ୍ଷେପ କରିଥିଲେ ଓ ମୁଖ୍ୟମନ୍ତ୍ରୀ ପୁଲିସ୍ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ଓ ତତ୍କାଳୀନ ଏଡିଜି (ମୁଖ୍ୟାଳୟ) ଦୟାଲ୍ ଗଙ୍ଗୱାରଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏହାପରେ ପରୀକ୍ଷା ପରିଚାଳନା ସହ ଜଡ଼ିତ ଜଣେ ବରିଷ୍ଠ ପୁଲିସ୍ ଅଧିକାରୀଙ୍କୁ କୈଫିୟତ ତଲବ କରାଯାଇଥିଲା। ହେଲେ ସମ୍ପୃକ୍ତ ଅଧିକାରୀଜଣକ କଣ ଉତ୍ତର ରଖିଲେ ତାହା ଆଜିଯାଏ ଜଣା ପଡ଼ି ନାହିଁ। ଏହାପରେ ପୂର୍ବରୁ ପରୀକ୍ଷା ପରିଚାଳନାରେ ବିଫଳ ହୋଇଥିବା ଦର୍ଶାଇ ରିଚ୍‌ମାଇଣ୍ଡ କମ୍ପାନୀକୁ ମଧ୍ୟ ପରୀକ୍ଷା ପରିଚାଳନାରୁ ଟେଣ୍ଡର ପାଇଥିବା ଆଇଟିଆଇ ଲିମିଟେଡ୍ ବାଦ୍ ଦେବା ସହ ତା' ସ୍ଥାନରେ ସିଲିକନ୍ କମ୍ପାନୀକୁ ସବ୍-କଣ୍ଟ୍ରାକ୍ଟ ମିଳିଥିଲା। ସେହି କମ୍ପାନୀ ପୁଣି ପଞ୍ଚସଫ୍ଟ କମ୍ପାନୀକୁ ସବ୍-କଣ୍ଟ୍ରାକ୍ଟ ଦେବା ସହ ଚାକିରି ବିକ୍ରି ପାଇଁ ଯୋଜନାବଦ୍ଧ ରଣନୀତି ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ହୋଇଛି। ହେଲେ ଯୋଜନା କାର୍ଯ୍ୟାନ୍ୱୟନ ହେବା ପୂର୍ବରୁ ଶ୍ରୀକାକୁଲମ୍ ପୁଲିସ୍ ହାତରେ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ସମେତ ୩ ଦଲାଲ୍ ଧରାପଡ଼ିବା ପରେ ଚାକିରି ବିକ୍ରି ପ୍ରକରଣ ଲୋକଲୋଚନକୁ ଆସିଛି। ମାତ୍ର ଚାକିରି ପାଇଁ ଟଙ୍କା ଦେଇଥିବା ପିଲାମାନେ ଜେଲ୍ ଯାଇଥିବାବେଳେ ଟଙ୍କା ନେଇଥିବା ଲୋକମାନେ କୁଆଡ଼େ ଗଲେ ବୋଲି ଏବେ ସାଧାରଣରେ ପ୍ରଶ୍ନ ଉଠିଛି।

### ହଙ୍ଗେରୀର ଲାସ୍‌ଜ୍ଲୋଙ୍କୁ...

କରାଯିବ। ସୂଚନାଯୋଗ୍ୟ ଯେ ଲାସ୍‌ଜ୍ଲୋ ଇଂଲିଶ, ହଙ୍ଗେରୀ ଭାଷାରେ ଅନେକ ପୁସ୍ତକ ରଚନା କରିଛନ୍ତି। ତାଙ୍କ ପୁସ୍ତକକୁ ଅଧାର କରାଯାଇ ବହୁ ସଂଖ୍ୟାରେ ସିନେମା ନିର୍ମାଣ କରାଯାଇଛି ଓ ଏଗୁଡିକ ଲୋକପ୍ରିୟ ସାବ୍ୟସ୍ତ ହୋଇଛି। ଲାସଜ୍ଲୋ ୧୯୫୪ରେ ରୋମାନିଆର ସୀମା ନିକଟରେ ହଙ୍ଗେରୀର ଗିଉଲା ସହରରେ ଜନ୍ମଗ୍ରହଣ କରିଥିଲେ। ୧୯୮୫ରେ ତାଙ୍କର ପ୍ରଥମ ଉପନ୍ୟାସ 'ସାଟାନଟାଙ୍ଗୋ' ପ୍ରକାଶିତ ହୋଇଥିଲା ଓ ସେତେବେଳେ ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ସେହିପରି ତାଙ୍କ ଦ୍ୱାରା ଲିଖିତ 'ହେରଶ୍ଟ୍ ୦୭୭୬୯' ପୁସ୍ତକକୁ ଏବେ ମଧ୍ୟ ଉଚ୍ଚକୋଟୀର ତଥା ଶ୍ରେଷ୍ଠ ବୋଲି ବିବେଚନା କରାଯାଏ। ସେହିପରି ୧୯୯୯ରେ ପ୍ରକାଶିତ ତାଙ୍କର ପୁସ୍ତକ 'ୱାର ଆଣ୍ଡ ୱାର', '୧୯୯୨ରେ ପ୍ରକାଶିତ ଦି ପ୍ରିଜନର ଅଫ୍ ଉରଗା' ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ସାହିତ୍ୟରେ ତାଙ୍କ ଲେଖା, ପୁସ୍ତକ, ଉପନ୍ୟାସର ତାଲିକା ବେଶ୍ ଲମ୍ବା। ଗତବର୍ଷ ଦକ୍ଷିଣ କୋରିଆର ହାନ କାଙ୍ଗଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।

### ସରକାରଙ୍କ କାର୍ଯ୍ୟ...

କରିଥିଲେ ଶ୍ରୀ ସନ୍ତୋଷ। ସରକାର କିପରି ଲୋକାଭିମୁଖୀ ହୋଇପାରିବ ସେନେଇ ବ୍ୟାପକ ମାନସ ମନ୍ଥନ ହୋଇଥିବା ବେଳେ ମନ୍ତ୍ରୀମଣ୍ଡଳର ପ୍ରତ୍ୟେକ ସଦସ୍ୟଙ୍କ ଆଗାମୀ ଦିନର ଯୋଜନା ସମ୍ପର୍କରେ ସେ ପଚାରି ବୁଝିଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି।

ତେବେ ଗତ ୧୫ ମାସରେ ରାଜ୍ୟରେ ଆଇନ ଶୃଙ୍ଖଳା ଏବଂ କେତେକ ମନ୍ତ୍ରୀଙ୍କ ଅମାନିଆ ତୁଣ୍ଡକୁ ନେଇ ଶ୍ରୀ ସନ୍ତୋଷ ଚିନ୍ତା ପ୍ରକଟ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ବିଶେଷକରି ନିକଟରେ ମହିଳା ବିରୋଧୀ ହିଂସା, ଦୁଷ୍କର୍ମ ଏବଂ କଟକ ଦଙ୍ଗାକୁ ନେଇ ବିଜେପିର ଛବି ରାଜ୍ୟ ତଥା ଜାତୀୟସ୍ତରରେ ମଳିନ ପଡ଼ିଛି। ତେଣୁ ରାଜ୍ୟ ସରକାର ଏନେଇ ଅଧିକ କଠୋର ହେବାର ଆବଶ୍ୟକତା ରହିଛି। ସେହିପରି ମନ୍ତ୍ରୀମାନେ ନିଜ ନିଜ ବିଭାଗ ବ୍ୟତୀତ ଅନ୍ୟ ବିଭାଗରେ ଅଯଥା ମୁଣ୍ଡ ନ ପୂରାଇବାକୁ ସେ ପରାମର୍ଶ ଦେଇଛନ୍ତି। ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପ ମୁଖ୍ୟମନ୍ତ୍ରୀ କେ ଭି ସିଂହଦେଓ, ମନ୍ତ୍ରୀ ରବି ନାରାୟଣ ନାଏକ, ନିତ୍ୟାନନ୍ଦ ଗଣ୍ଡ, ପ୍ରଦୀପ ବଳସାମନ୍ତ, କୃଷ୍ଣଚନ୍ଦ୍ର ପାତ୍ର, ବିଭୂତି ଭୂଷଣ ଜେନା, ସୁରେଶ ପୂଜାରୀ, ସୂର୍ଯ୍ୟବଂଶୀ ସୂରଜ, କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଥିଲେ।

## ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲା

# ଦୁଇ ଯବାନଙ୍କ ସମେତ ୭ ଅଟକ!

**ସିସିଟିଭି ଫୁଟେଜ୍ ଆଧାରରେ ଦୁଇ କାର୍ ଜବତ**

**'ସିଡିଆର' ଓ 'ସିସିଟିଭି' ଫୁଟେଜ୍ ହିଁ ପୁଲିସକୁ ଦେବ ସୁରାକ**

**ଚୋରା ବାଲି କାରବାର ଓ ମାଫିଆଙ୍କ ସମ୍ପୃକ୍ତି ଘନୀଭୂତ**

ବ୍ରହ୍ମପୁର, ୯।୧୦ (ସମିସ): ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା ମାମଲାରେ ବ୍ରହ୍ମପୁର ପୁଲିସ ଦୁଇ ଯବାନଙ୍କ ସମେତ ୭ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାଯାଇଛି। ଆମ୍ବପୁଆସ୍ଥିତ ରିଜର୍ଭ ପୁଲିସ ବାରାକ୍‌ରେ ସେମାନଙ୍କୁ ଜେରା କରାଯାଉଥିବା ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ଅଟକ ୭ଜଣଙ୍କ ମଧ୍ୟରେ ସିଆଇଏସଏଫ୍ ଜଣେ ଯବାନ, ୮ମ ବାଟାଲିଅନ୍‌ର ଅନ୍ୟ ଜଣେ ଯବାନଙ୍କ ସମେତ ଦିଗପହଣ୍ଡି, ହିଞ୍ଜିଳି ଓ ପିତଳ ଅଞ୍ଚଳର କିଛି ଯୁବକ ରହିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ଏହି ମାମଲାର ତଦନ୍ତ ପାଇଁ ଗଠିତ ୬ଟି ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଏମାନଙ୍କୁ ଉଠାଇଛି।

ଘଟଣା ଦିନ ଅର୍ଥାତ କୁମାରପୂର୍ଣ୍ଣିମା ରାତିରେ ପୀତବାସ ନିଜ କାମ ସାରି ନୂଆ ବସଷ୍ଟାଣ୍ଡସ୍ଥିତ ଭୂପତି ହୋଟେଲରୁ ଖାଇବା ସାମଗ୍ରୀ ଆଣିବାକୁ ଯାଇଥିଲେ। ସେହି ସମୟରେ ଅଟକ ଯୁବକମାନେ ମଧ୍ୟ ଉକ୍ତ ହୋଟେଲକୁ ଖାଇବା ଆଣିବାକୁ ଯାଇଥିଲେ। ପୀତବାସ ହୋଟେଲରୁ ଖାଇବା ନେଇ ଘରକୁ ଯିବା ବେଳେ କାର୍‌ରେ ବସିଥିବା ଯୁବକଙ୍କ ପକ୍ଷରୁ କାହାରିକୁ ଫୋନ କଲ ଯାଇଥିଲା ଏବଂ ତାହାର କିଛି ସମୟ ପରେ ବୈକୁଣ୍ଠନଗର ଅଞ୍ଚଳରେ ଗୁଳିକାଣ୍ଡ ଘଟିଥିବା କୁହାଯାଉଛି। ଦୁଇଜଣ ହେଲମେଟ୍‌ଧାରୀ ସୁପାରି କିଲର୍ ପୀତବାସଙ୍କୁ ଗୁଳି କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ତେଣୁ, ଏହି ହତ୍ୟାକାଣ୍ଡ ପଛରେ ସେମାନଙ୍କ ସଂପୃକ୍ତି ଥିବା ସନ୍ଦେହ କରାଯାଉଛି।

ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ପୁଲିସ ସହରର ଅନ୍ୟତମ ପ୍ରବେଶପଥ ଫାଷ୍ଟଗେଟ୍‌ଠାରୁ ଆରମ୍ଭ କରି ବଡ଼ବଜାର ଥାନା, ବିଜୁ ପଟ୍ଟନାୟକ ପାର୍କ ରୋଡ୍, ମାର୍କେଟର ମଧ୍ୟ ଭାଗରେ ଥିବା ପୀତବାସଙ୍କ ଚାମ୍ବର, ଗେଟବଜାର, ଲୋଚାପଡ଼ା, ପାୟଲ ସିନେମା ହଲ ରୋଡ, ଭୂପତି ହୋଟେଲ ରୋଡ ସମେତ ସହରର ପ୍ରମୁଖ ଛକ ଓ ଛୋଟବଡ଼ ଦୋକାନରେ ଲାଗିଥିବା ୬୦ରୁ ଅଧିକ ସିସିଟିଭି ଫୁଟେଜକୁ ତନ୍ନତନ୍ନ କରି ଯାଞ୍ଚ କରିଛି ପୁଲିସ। ଏପରିକି, କିଛି ଟୋଲଗେଟ୍‌ର ସିସିଟିଭି ଫୁଟେଜକୁ ମଧ୍ୟ ପୁଲିସ ଯାଞ୍ଚ କରିଛି। ଯାଞ୍ଚ ବେଳେ ପୁଲିସ ସନ୍ଦେହରେ କିଛି ଗାଡ଼ିକୁ ଚିହ୍ନଟ କରିଥିଲା। ଚିହ୍ନଟ ଗାଡ଼ି ମଧ୍ୟରେ ଯବାନଙ୍କ ଗୋଟିଏ ଏକ୍ସୟୁଭି ଓ ଅନ୍ୟ ଗୋଟିଏ ନିଶାନ ଗାଡ଼ି ରହିଥିଲା। ଉଭୟ ଗାଡ଼ିକୁ ପୁଲିସ ଜବତ କରିଥିବା ଜଣାପଡ଼ିଛି। ଅପରପକ୍ଷେ, ପୁଲିସ ହାତରେ ଲାଗିଛି ପୀତବାସଙ୍କ ମୋବାଇଲ କଲ ଡିଟେଲ୍ସ ରିପୋର୍ଟ (ସିଡିଆର୍) ରିପୋର୍ଟ। ଏହି ରିପୋର୍ଟରୁ କିଏ କେତେବେଳେ ପୀତବାସଙ୍କୁ କଲ୍ କରିଥିଲେ ଏବଂ କେତେ ସମୟ ଧରି ବାର୍ତ୍ତାଳାପ କରିଥିଲେ, ତାହାର ବିସ୍ତୃତ ବିବରଣୀ ପୁଲିସ ସହଜରେ ପାଇପାରିବ।

ସମ୍ଭାବ୍ୟ ବିଭିନ୍ନ ଦିଗକୁ ନେଇ ତଦନ୍ତ ପ୍ରକ୍ରିୟାକୁ ପୁଲିସ ତ୍ୱରାନ୍ୱିତ କରିଥିବା ବେଳେ ହସ୍ତଗତ ହୋଇଥିବା ପୀତବାସଙ୍କ ମୋବାଇଲ ସିଡିଆର୍ ଓ ସହରର ବିଭିନ୍ନ ସ୍ଥାନରୁ ସଂଗୃହୀତ ୬୦ରୁ ଉର୍ଦ୍ଧ୍ୱ ସିସିଟିଭି ଫୁଟେଜରୁ କିଛି ରହସ୍ୟ ଉନ୍ମୋଚିତ ହୋଇପାରିବ ବୋଲି ପୁଲିସ ଆଶା ରଖିଛି।

ସେପଟେ ଘଟଣାକୁ ନେଇ ଜଣେ ବାଲିମାଫିଆଙ୍କ ନାମ ଚର୍ଚ୍ଚାକୁ ଆସିଥିବା ବେଳେ ପୀତବାସଙ୍କ ସହ ତାଙ୍କର କି' ଶତ୍ରୁତା ଥିଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସମ୍ପୃକ୍ତ ବାଲିମାଫିଆଙ୍କ କ୍ରସର୍ ସହ ବ୍ରହ୍ମପୁରରେ ଏକ ଅନଲାଇନ୍ ପରୀକ୍ଷା କେନ୍ଦ୍ର ପରିଚାଳିତ ହେଉଥିବା ସୂଚନା ମିଳିଛି। ବଡ଼ କଥା ହେଲା, ଏକ ହାଇପ୍ରୋଫାଇଲ୍ ହତ୍ୟା ମାମଲାରେ ପୁଲିସ ବିଭିନ୍ନ ସମ୍ଭାବ୍ୟ ଦିଗକୁ ନେଇ ତଦନ୍ତ କରୁଥିବା ବେଳେ ସବୁ କ୍ଷେତ୍ରରେ ପୁଲିସକୁ ଦ୍ୱନ୍ଦ୍ୱ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଥିବା ଜଣାପଡ଼ିଛି।

## ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ

# କ୍ରାଇମବ୍ରାଞ୍ଚ ସ୍କାନରରେ ୬ କୋଚିଂ ସେଣ୍ଟର

ଭୁବନେଶ୍ୱର, ୯।୧୧(ସମିସ): ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲାରେ ଏବେ କ୍ରାଇମ୍‌ବ୍ରାଞ୍ଚ ସିଆଇଡି ତଦନ୍ତକୁ ଜୋରଦାର କରିଛି। ଗତକାଲି ପୂର୍ବତନ ଡିଆଇଜିଙ୍କ ପୁଅ ଓ ଅନ୍ୟମାନଙ୍କୁ ପଚରାଉଚରା କରିବା ପରେ ସେମାନେ ବିଭିନ୍ନ କୋଚିଂ ସେଣ୍ଟରରେ ତାଲିମ ନେଉଥିବା ସୂଚନା ମିଳିଛି। ୬ଟି କୋଚିଂ ସେଣ୍ଟର ମଧ୍ୟରୁ ଆଜି କ୍ରାଇମବ୍ରାଞ୍ଚ 'ବଣିକ' କୋଚିଂ ସେଣ୍ଟର ଉପରେ ଚଢ଼ଉ କରିଛି କ୍ରାଇମବ୍ରାଞ୍ଚ। କ୍ରାଇମ୍‌ବ୍ରାଞ୍ଚର ଏକ ୭ଜଣିଆ ଟିମ୍ ଆଜି ଅପରାହ୍ନରେ ବଣିକ କାର୍ଯ୍ୟାଳୟ ଓ ପିଲାମାନେ କୋଚିଂ ନେଉଥିବା ସାମଗ୍ରୀର ଯାଞ୍ଚ କରିଛନ୍ତି । ସେହିପରି ବିଭିନ୍ନ କମ୍ପ୍ୟୁଟରରୁ ବିଭିନ୍ନ ଡିଜିଟାଲ ତଥ୍ୟ ମଧ୍ୟ ସେମାନେ ସଂଗ୍ରହ କରିଛନ୍ତି। ପଞ୍ଚସଫ୍ଟ ମୁଖ୍ୟ ଶଙ୍କର ପୃଷ୍ଟି ସହ 'ବଣିକ' କର୍ତ୍ତୃପକ୍ଷଙ୍କ ସମ୍ପର୍କ ଥିଲା କି ନାହିଁ ସେ ସମ୍ପର୍କରେ ଅନୁସନ୍ଧାନ ଆରମ୍ଭ କରିଛି କ୍ରାଇମ୍ବ୍ରାଞ୍ଚ।

■ 'ବଣିକ'ରେ ଚଢ଼ଉ; କମ୍ପ୍ୟୁଟରରୁ ଡ଼ାଟା ସଂଗ୍ରହ
■ ଗିରଫ ୧୧୪ ଜଣ ଭିତରୁ ୧୨ ଜଣ ବଣିକ ଛାତ୍ର
■ ଗୁଇନ୍ଦା ରିପୋର୍ଟରେ ୪ ପୁଲିସ ଅଧିକାରୀଙ୍କ ନାମ

ବିଜୟନଗରମ୍ ଯିବା ସମୟରେ ଶ୍ରୀକାକୁଲମ୍‌ରୁ ଧରାପଡିଥିବା ପରୀକ୍ଷାର୍ଥୀଙ୍କ ଭିତରୁ ୧୨ଜଣ ପିଲା ପୂର୍ବରୁ ବଣିକରେ ପାଠ ପଢୁଥିଲେ। ତେଣୁ ବଣିକରେ ତାଲିମ ନେଉଥିବା ପିଲାମାନଙ୍କର ୫ ବର୍ଷର ରେକର୍ଡ଼ କ୍ରାଇମବ୍ରାଞ୍ଚ ଖୋଜାଖୋଜି କରୁଛି। ପୁନଶ୍ଚ 'ବଣିକ' ଛଡ଼ା ଅନ୍ୟ ୬ଟି ଇନଷ୍ଟିଚ୍ୟୁଟ୍‌ରେ ପିଲାମାନେ ତାଲିମ ନେଉଥିବା ସଂକ୍ରାନ୍ତରେ କ୍ରାଇମ୍‌ବ୍ରାଞ୍ଚ ସୂଚନା ପାଇଥିବାରୁ ଏଠାରେ ଚଢ଼ଉ କରାଯାଇପାରେ ବୋଲି ସୂନା ମିଳିଛି।

ଅପରପକ୍ଷରେ ପରୀକ୍ଷା ପରିଚାଳନା ଦାୟିତ୍ୱ ପାଇଥିବା ସିଲିକନ୍ ଟେକ୍‌ଲାବ୍ ଏବଂ ପଞ୍ଚସଫ୍ଟ ଟେକ୍ନୋଲୋଜିର ଅଫିସକୁ ନିୟମିତ ଯାଉଥିବା କିଛି ବଡ଼ ପୁଲିସ ଅଧିକାରୀଙ୍କ ସମ୍ପର୍କରେ ଖୋଳତାଡ଼ ଆରମ୍ଭ ହୋଇଛି। ଏହି ଅଧିକାରୀଙ୍କ ନାମ ଡ଼ିଜିଙ୍କୁ ପ୍ରଦାନ କରାଯାଇଛି। ସେମାନେ ଏହି ଚାକିରି ବିକ୍ରି ଘଟଣାରେ ସମ୍ପୃକ୍ତ ଅଛନ୍ତି କି ନାହିଁ ତାହାର ଅନୁସନ୍ଧାନ ଆରମ୍ଭ ହୋଇଛି। ଗତ କେଇମାସ ତଳେ ସରକାରୀ ନିଯୁକ୍ତି ପରୀକ୍ଷା ପରିଚାଳନା ଦାୟିତ୍ୱ ଆଉଟସୋର୍ସିଂ କମ୍ପାନୀକୁ ନ ଦେବା ଲାଗି ରାଜ୍ୟ ସରକାର ନିର୍ଦ୍ଦେଶ ଜାରି କରିଥିଲେ। ଏହାସତ୍ତ୍ୱେ ଓପିଆରବି କାହିଁକି ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ଆଉଟସୋର୍ସିଂ ସଂସ୍ଥା ସମ୍ପର୍କରେ କୌଣସି ସମୀକ୍ଷା କଲା ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। ପୁନଶ୍ଚ ଏସ୍‌ଆଇ ଚାକିରି କେଳେଙ୍କାରୀ ପଛରେ ଖରପଡ଼ାର ଆଶିଷ ଦାସ ନାମକ ଜଣେ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ଅଭିଯୋଗ ହୋଇଛି। ଏହି ଯୁବକଜଣକ ଶଙ୍କର ପୃଷ୍ଟି ଏବଂ ମୁନ୍ନା ସହ ଲିଙ୍କ୍‌ରେ ରହିଥିବା କ୍ରାଇମ୍‌ବ୍ରାଞ୍ଚ ସୂଚନା ପାଇଛି। ଶଙ୍କର, ମୁନ୍ନାର ଫୋନ୍ କଲ ଏବଂ ବ୍ୟାଙ୍କ୍ ଟ୍ରାଞ୍ଜାକସନ୍‌ରୁ ଆଶିଷର ଲିଙ୍କ୍ ଜଣାପଡ଼ିଥିଲା। ଆଶିଷ କ୍ରାଇମ୍‌ବ୍ରାଞ୍ଚ ହେପାଜତକୁ ଆଶିବା ପରେ ଶଙ୍କର ଏବଂ ମୁନ୍ନା ଫେରାର ହେବ ସମ୍ପର୍କରେ ଲିଙ୍କ୍ ମିଳିବ ବୋଲି ଜଣାପଡ଼ିଛି।

### ପିଲାମାନେ ଅନ୍ୟ କୋଚିଂ ସେଣ୍ଟର ନାଁ କହିଛନ୍ତି: ସୁବ୍ରତ

ବଣିକ କୋଚିଂ ସେଣ୍ଟରରେ ଚଢଉକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଏହାର ଅଧ୍ୟକ୍ଷ ସୁବ୍ରତ ଛାଟୋଇ। ସେ କହିଛନ୍ତି ଯେ ଗିରଫ ହୋଇଥିବା ୧୧୪ଜଣ ପିଲାଙ୍କୁ ପଚରାଉଚରା କରିବା ବେଳେ ସେମାନଙ୍କ ମଧ୍ୟରୁ ୧୨ଜଣ ବରିକରେ କୋଚିଂ ନେଉଥିବା କହିଥିଲେ। ସେହିପରି ଅନ୍ୟ ପିଲାମାନେ ଅନ୍ୟ କୋଚିଂ ସେଣ୍ଟରରେ ତାଲିମ ନେଇଛନ୍ତି । ମାତ୍ର ସେମାନଙ୍କ କଥା କେହି ଉଠାଉ ନାହାନ୍ତି । ଆମେ ପିଲାମାନଙ୍କୁ ଉନ୍ନତ ତାଲିମ ଦେଇଥାଉ ଓ ପରୀକ୍ଷାରେ ସଫଳତା ପାଇବାକୁ ନିଷ୍ଠାର ସହ କାମ କରୁ । ଯେଉଁଥିପାଇଁ ଆମ ପିଲାମାନେ କୃତକାର୍ଯ୍ୟ ହୋଇଥାଆନ୍ତି । ଏଠାରେ ହଜାର ହଜାର ପିଲା ପାଠଛନ୍ତି ଏବଂ ହଜାର ହଜାର ପିଲା ସରକାରୀ ଚାକିରି କରିଛନ୍ତି। ସୋସିଆଲ ମିଡ଼ିଆରେ ବୁଲୁଥିବା ଲିଷ୍ଟ ଆଧାରରେ ବାଣିକରେ ଚଢଉ କରିବା ଠିକ୍ ନୁହେଁ। ସେ ବିଜେଡି ସହ ସମ୍ପୃକ୍ତ ଥିବାରୁ ଉଦ୍ଦେଶ୍ୟମୂଳକ ଭାବରେ ତାଙ୍କୁ ନିଶାଣ କରାଯାଉଛି ବୋଲି ସୁବ୍ରତ କହିଛନ୍ତି ।

# ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

କଟକ, ୯।୧୦ (ସମିସ): ବହୁଚର୍ଚ୍ଚିତ ପୁଲିସ ସବ୍-ଇନ୍ସପେକ୍ଟର୍(ଏସ୍‌ଆଇ) ନିଯୁକ୍ତି ପରୀକ୍ଷା ଜାଲିଆତିକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିବା ବେଳେ ମାମଲା ଏବେ ହାଇକୋର୍ଟରେ ପହଞ୍ଚିଛି। ବଡ଼ଧରଣର ଏହି କେଳେଙ୍କାରୀର ସିବିଆଇ ତଦନ୍ତ ପାଇଁ ପ୍ରାର୍ଥନା କରି ଆଇନଜୀବୀ ଶିବଶଙ୍କର ମହାନ୍ତି ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଛନ୍ତି।

**ସିବିଆଇ ତଦନ୍ତ ଦାବି**

ଆବେଦନକାରୀ ସେ ଦର୍ଶାଇଛନ୍ତି ଯେ ପରୀକ୍ଷା ପୂର୍ବରୁ ଅସାଧୁ ଉପାୟ ଅବଲମ୍ବନ କରି ଅଭ୍ୟାସ ପାଇଁ ହାଇଦ୍ରାବାଦ ଯାଇଥିବା ୧୧୭ଜଣ ପିଲା ଧରାପଡ଼ିବା ପରେ ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆରବି) ପକ୍ଷରୁ ଗତ ଅକ୍ଟୋବର ୫ ଓ ୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏସ୍‌ଆଇ ନିଯୁକ୍ତି ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ଗଞ୍ଜାମର ଗୋଳନ୍ଥରା ଥାନାରେ ଏକ ମାମଲା ରୁଜୁ ହେବା ପରେ କ୍ରାଇମବ୍ରାଞ୍ଚ ଏହି ଜାଲିଆତି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସେହିଭଳି ଗତ ମାର୍ଚ୍ଚ ୮ ଓ ୯ ରେ ହେବାକୁ ଥିବା ପରୀକ୍ଷାକୁ ମଧ୍ୟ ଓପିଆର୍‌ବି ସ୍ଥଗିତରଖିଥିଲା। ସେହିସମୟରେକେତେକପ୍ରାର୍ଥୀପ୍ରଶ୍ନପତ୍ରଲିକ୍‌ଅଭିଯୋଗ ମଧ୍ୟ ଆଣିଥିଲେ। ଏହି କେଳେଙ୍କାରୀ ଘଟଣାରେ ଚାକିରି ଦେବା ପାଇଁ ପ୍ରାର୍ଥୀଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଘଟଣାରେ ସମ୍ପୃକ୍ତ ଅଧିକାରୀ ଓ ଅନ୍ୟମାନେ ଧରାପଡ଼ିନାହାନ୍ତି। ଏହାର ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ପାଇଁ ଭାରତୀୟ ନ୍ୟାୟ ସଂହିତା-୨୦୨୩ର ଧାରା ୬୧(୨) ଅନୁସାରେ ସିବିଆଇକୁ ମାମଲା ହସ୍ତାନ୍ତର ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଏଥିସହ ଏହି ସମ୍ବେଦନଶୀଳ ମାମଲାରେ ହୋଇଥିବା ତଦନ୍ତର ସ୍ଥିତି ସମ୍ପର୍କରେ ଅଦାଲତ ରିପୋର୍ଟ ତଲବ କରନ୍ତୁ ବୋଲି ଆବେଦନରେ ଦର୍ଶାଯାଇଛି। ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ,ଡିଜିପି,କ୍ରାଇମବ୍ରାଞ୍ଚ ଏଡିଜି, ଓଡିଶା ପୁଲିସ ନିଯୁକ୍ତି ବୋର୍ଡ ଅଧ୍ୟକ୍ଷଙ୍କୁ ଆବେଦନକାରୀ ପକ୍ଷଭୁକ୍ତ କରିଛନ୍ତି।

# ଘୂର୍ଣ୍ଣିବଳୟ ପ୍ରଭାବରେ ୧୨ ଯାଏଁ ବର୍ଷା

## ୧୬ ସୁଦ୍ଧା ବିଦାୟ ନେବ ମୌସୁମୀ

ଭୁବନେଶ୍ୱର, ୯।୧୦(ସମିସ): ବଙ୍ଗୋପସାଗରରେ ପୁଣି ଏକ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ବର୍ଷା ଆଶଙ୍କା ରହିଛି। ଏହି ଘୂର୍ଣ୍ଣିବଳୟ ବର୍ତ୍ତମାନ ଦକ୍ଷିଣ ବଙ୍ଗଳାଦେଶ ନିକଟରେ ରହିଛି। ଧୀରେ ଧୀରେ ଏହା ଓଡ଼ିଶା ନିକଟବର୍ତ୍ତୀ ହେବା ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ୧୨ ତାରିଖ ପର୍ଯ୍ୟନ୍ତ ବର୍ଷା ନେଇ ଆକଳନ କରାଯାଇଛି। ବର୍ଷାର ପ୍ରଭାବ ଉପକୂଳ ଓଡ଼ିଶା ସମେତ ଦକ୍ଷିଣ ଓଡ଼ିଶାରେ ଅଧିକ ରହିବା ନେଇ ଆଶଙ୍କା କରାଯାଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୩ ଦିନ ପାଇଁ ବିଭିନ୍ନ ଜିଲ୍ଲାକୁ ବର୍ଷା ଜନିତ ଆଲର୍ଟ ଜାରି କରାଯାଇଛି। ଶୁକ୍ରବାର ବିଶେଷ କରି ଗଞ୍ଜାମ, ଗଜପତି, କନ୍ଧମାଳ, କେନ୍ଦ୍ରାପଡ଼ା, ଭଦ୍ରକ, ଜଗତସିଂହପୁର ଓ ମୟୂରଭଞ୍ଜରେ ଅଧିକ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଅନ୍ୟପଟେ ଆସନ୍ତା ୨୨ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ନେଇ ଆଶଙ୍କା କରାଯାଇଛି। ଏହି ଲଘୁଚାପ ଅଧିକ ଶକ୍ତିଶାଳୀ ହୋଇପାରେ ବୋଲି ପ୍ରାକ୍ ଆକଳନ କରାଯାଉଛି। ଯେହେତୁ ଏହି ସମୟ ସୁଦ୍ଧା ଦେଶକୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଅପସରି ଯାଇଥିବା ନେଇ ପୂର୍ବାନୁମାନ କରାଯାଉଛି, ତେଣୁ ଏହି ଲଘୁଚାପ ଘନୀଭୂତ ହେବାକୁ ପାଣିପାଗ ସୁହାଇବ ଓ ଏହା ଅଧିକ ଶକ୍ତିଶାଳୀ ହେବା ନେଇ ଆକଳନ କରାଯାଉଛି।

**୨୨ରେ ପୁଣି ଏକ ଲଘୁଚାପ**

ସେହିପରି ଦେଶରୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସମ୍ପୂର୍ଣ୍ଣ ଅପସାରଣ ନେଇ ପାଗ ଅନୁକୂଳ ହେବାରେ ଲାଗିଛି। ଗୁରୁବାର ଆଇଏମ୍‌ଡି ବିସ୍ତାରିତ ପରିସର ଆକଳନରେ ସୂଚନା ଦେଇଛି ଯେ ଦେଶର ଅବଶିଷ୍ଟ ଅଞ୍ଚଳରୁ ଦକ୍ଷିଣ ପଶ୍ଚିମ-ମୌସୁମୀ ବାୟୁ ପ୍ରତ୍ୟାହାର ପାଇଁ ପାଗ ଅନୁକୂଳ ରହିଛି। ତେଣୁ ୧୬ ତାରିଖ ମଧ୍ୟରେ ମୌସୁମୀ ବିଦାୟ ନେବାର ପୂର୍ବାନୁମାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାରୁ ୧୪ ତାରିଖ ସୁଦ୍ଧା ମୌସୁମୀ ବିଦାୟ ନେଇପାରେ। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ବିଦାୟ ସହ ଦକ୍ଷିଣ ଉପଦ୍ୱୀପୀୟ ଭାରତ, ଦକ୍ଷିଣ ଏବଂ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ପୂର୍ବାଳୀ ଓ ଉତ୍ତରା-ପୂର୍ବାଳୀ ବାୟୁ ପ୍ରବେଶ କରିବ। ଏଥିପାଇଁ ଦକ୍ଷିଣ-ପୂର୍ବ ଉପଦ୍ୱୀପ ଅଞ୍ଚଳରେ ଉତ୍ତର-ପୂର୍ବ ମୌସୁମୀ ବର୍ଷା ଆରମ୍ଭ ହେବାର ସମ୍ଭାବନା ରହିଛି।

# ବଦଳିଲେ ୧୯ ଅତିରିକ୍ତ ଏସ୍‌ପି

ଭୁବନେଶ୍ୱର, ୯।୧୦ (ସମିସ): ଅତିରିକ୍ତ ପୁଲିସ ଏସ୍‌ପିସ୍ତରରେ ରାଜ୍ୟରେ ଏକ ବଡ଼ ଅଦଳବଦଳ ହୋଇଛି। ମୋଟ ୧୯ ଜଣଙ୍କ ବଦଳି ହୋଇଥିବା ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବ୍ରହ୍ମପୁର ଅତିରିକ୍ତ ଏସ୍‌ପି ସୀମା ସ୍ୱାଇଁଙ୍କୁ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ବଲାଙ୍ଗୀରର ଅତିରିକ୍ତ ଏସ୍‌ପି ଆଲୋକ ଜେନାଙ୍କୁ ଅବସ୍ଥାପିତ କରାଯାଇଛି। ବରଗଡ଼ ଆଇୟୁସିଏଡବ୍ଲୁର ଇନ୍ଦୁରେଖା ପଶ୍ଚିମକବାଟଙ୍କୁ ଢେଙ୍କାନାଳ ଆଇୟୁସିଏଡବ୍ଲୁ, ରାୟଗଡ଼ା ଆଇୟୁସିଏଡବ୍ଲୁର ସ୍ୱସ୍ତିକ ପଣ୍ଡାଙ୍କୁ ଭିଜିଲାନ୍ସ, ଏସ୍‌ଓଜିରେ କାର୍ଯ୍ୟରତ ଅମ୍ରିତ ପଣ୍ଡାଙ୍କୁ ବଲାଙ୍ଗୀର ଜିଲ୍ଲାକୁ ବଦଳି ହୋଇଛି। ବରଗଡ଼ ଡିଆଇବିର ସୌରଭ ଓଟ୍ଟାଙ୍କୁ ରାଜ୍ୟ ପୁଲିସ ମୁଖ୍ୟାଳୟ, ବାଲେଶ୍ୱର ଡିଆଇବିରେ କାର୍ଯ୍ୟରତ ଅଶ୍ୱିନୀ କୁମାର ନାୟକଙ୍କୁ ଭିଜିଲାନ୍ସ, ଢେଙ୍କାନାଳ ଆଇୟୁସିଏଡବ୍ଲୁର ପ୍ରଭାତ କୁମାର ବିଶ୍ୱାଳଙ୍କୁ କେନ୍ଦ୍ରାପଡ଼ା ଆଇୟୁସିଏଡବ୍ଲୁ, ସିକ୍ୟୁରିଟି ୱିଙ୍ଗର ଅତିରିକ୍ତ ଏସ୍‌ପି ସଞ୍ଜୀବ କୁମାର ଶତପଥୀଙ୍କୁ ଏସଟିଏଫ୍, ଇଓଡବ୍ଲୁର ଅତିରିକ୍ତ ଏସ୍‌ପି ସସ୍ମିତା ସାହୁଙ୍କୁ ଭିଜିଲାନ୍ସରେ ଅବସ୍ଥାପିତ କରାଯାଇଛି।

ଅତିରିକ୍ତ ଏସ୍‌ପି (ଗୁଇନ୍ଦା) ଦେବଜିତ୍ ଭଟ୍ଟାଚାର୍ଯ୍ୟଙ୍କୁ ଡିଆଇବି ବାଲେଶ୍ୱର, ସ୍ପେଶାଲ ବ୍ରାଞ୍ଚର ଅତିରିକ୍ତ ଏସପି ପ୍ରଦୀପ କୁମାର କେରକେଟାଙ୍କୁ ଡିଆଇବି ବରଗଡ଼, ବଲାଙ୍ଗୀର ଆଇୟୁସିଏଡବ୍ଲୁର ଅତିରିକ୍ତ ଏସ୍‌ପି ଗୁଣନିଧି ମଲ୍ଲିକଙ୍କୁ ସ୍ପେଶାଲ ବ୍ରାଞ୍ଚ, ପୁଲିସ ଟ୍ରେନିଂ ଇନଷ୍ଟିଚ୍ୟୁଟ୍ (ବରୀ)ରେ କାର୍ଯ୍ୟରତ ଅତିରିକ୍ତ ଏସ୍‌ପି ଆକାଶ ଚନ୍ଦ୍ର ସାହୁଙ୍କୁ ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀ ଓ କେନ୍ଦୁଝର ଆଇୟୁସିଏଡବ୍ଲୁର ହରପ୍ରିୟା ନାୟକଙ୍କୁ ଭିଜିଲାନ୍ସ ବିଭାଗକୁ ବଦଳି ହୋଇଛି। ସେହିପରି, ଭଦ୍ରକ ଡିଆଇବିର ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀଙ୍କୁ ରାୟଗଡ଼ା, କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି ସତ୍ୟବିକାଶ ଭୂୟାଁଙ୍କୁ ଡିଆଇବି ଭଦ୍ରକ, କନ୍ଧମାଳର ଅତିରିକ୍ତ ଏସ୍‌ପି ସ୍ନେହାଶିଷ ସାହୁଙ୍କୁ କେନ୍ଦୁଝର ଓ ସମ୍ବଲପୁରର ଅତିରିକ୍ତ ଏସ୍‌ପି ପ୍ରକାଶ ଜେମ୍ସ ଟପ୍ପୋଙ୍କୁ ରାଉରକେଲାସ୍ଥିତ ପଶ୍ଚିମାଞ୍ଚଳ ଡିଆଇଜିଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି।

## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ବ୍ୟବହାରରେ ପରିବର୍ତ୍ତନ ଆଣିବେ। ସମାଜସେବାରେ ମନୋନିବେଶ କରିବେ। ଅଫିସ୍‌ରେ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବେ।

**ବୃଷ:** ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ। ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇ ପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଯାନବାହନ ଓ ଭୂମି କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। କମ୍ ନିବେଶ କରି ଅଧିକ ଲାଭ ପାଇବେ। ପାରିବାରିକ ଜୀବନ ସୁଖମୟ ହେବ। ମହିଳାଙ୍କ ସମୟ ଭଲରେ ଅତିବାହିତ ହେବ।

**କର୍କଟ:** ଦିନଟି ଶୁଭଫଳ ପ୍ରଦାନ କରିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ କଳହ ଲାଗିପାରେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ। ଘରେ ପୂଜାପାଠ ଆୟୋଜନ କରିବେ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ପରିବାରରେ ହସଖୁସିର ପରିବେଶ ରହିବ। ସମ୍ମାନ ହାନି ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଛୋଟଛୋଟ ଆଲୋଚନାକୁ ଅଣଦେଖା ନ କରିବା ଭଲ।

**କନ୍ୟା:** କୌଣସି କାମ ସମୟାନୁସାରେ ସମ୍ପନ୍ନ କରିବେ ନାହିଁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ। ଅଚାନକ ଖୁସି ଖବର ପାଇପାରନ୍ତି।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟାର ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

**ଧନୁ:** ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ଉଚ୍ଚଶିକ୍ଷା ପାଇଁ ଭଲ ସମୟ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ମକର:** କର୍ମତତ୍ପର ରହିବେ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ। ଦୂରସ୍ଥାନ ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**କୁମ୍ଭ:** କର୍ମ ଅନୁସାରେ ଫଳ ମିଳିବ। ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଅତିଥି ସତ୍କାର କରିପାରନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୭୫ • ପାଉଣ୍ଡ ୧୧୯.୩୩
- ୟୁରୋ ୧୦୩.୨୪ • ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୧,୧୩,୮୦୦ (ଭୁବନେଶ୍ୱର)
- ରୁପା : ୧,୭୧,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୦,୧୭୨.୦୦
- ନିଫ୍ଟି ୨୫,୧୮୧.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୧ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



● ଭାରତର କ୍ରେଡିଟ୍ କାର୍ଡ କିଙ୍ଗ୍ ମନୀଷ ଘମେଜା

# ରଖିଛନ୍ତି ୧୬୩୮ କ୍ରେଡିଟ୍ କାର୍ଡ, ନାହିଁ କୌଣସି ଋଣ

ନୂଆଦିଲ୍ଲୀ, ୯।୧୦(ଏଜେନ୍ସି): ଆପଣ ହୁଏତ ଅନେକ ଉଦ୍ଦେଶ୍ୟରେ କ୍ରେଡିଟ୍ କାର୍ଡ ବ୍ୟବହାର କରିଥିବେ, ତାହା ଅନଲାଇନ୍ ସପିଂ କିମ୍ବା ବିଲ୍ ପେମେଣ୍ଟ ହେଉ। କିନ୍ତୁ ଜଣେ ବ୍ୟକ୍ତି କ୍ରେଡିଟ୍ କାର୍ଡକୁ ଏପରି ଆୟର ଉତ୍ସରେ ପରିଣତ କରିଛନ୍ତି। ସେ ହେଉଛନ୍ତି ମନୀଷ ଘମେଜା, ଯାହାଙ୍କୁ ଭାରତର 'କ୍ରେଡିଟ୍ କାର୍ଡ କିଙ୍ଗ୍' କୁହାଯାଉଛି। ତାଙ୍କ ପାଖରେ ରହିଛି ୧୬୩୮ଟି ବୈଧ କ୍ରେଡିଟ୍ କାର୍ଡ। ହେଲେ କୌତୂହଳର ବିଷୟ ହେଉଛିଯେ, ମନୀଷଙ୍କର କୌଣସି ଋଣ ନାହିଁ। ଏତେ ସଂଖ୍ୟକ କ୍ରେଡିଟ୍ କାର୍ଡ



### ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସାମିଲ୍

ରଖିଥିବାରୁ ମନୀଷ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସାମିଲ୍ ହୋଇଛନ୍ତି। ଶୂନ୍ୟ ଋଣ ସହିତ ସେ ଏହି କାର୍ଡଗୁଡ଼ିକୁ ଟଙ୍କା ରୋଜଗାର ମେସିନ୍ ପରି ବ୍ୟବହାର କରନ୍ତି। ଏକ ଇନ୍‌ଭେଷ୍ଟ ଅପ୍ ମିଡିଆ ପୋଷ୍ଟରେ ଏହି ତଥ୍ୟ ପ୍ରଦାନ କରାଯାଇଛି। ମନୀଷ ଘାମେଜା କ୍ରେଡିଟ୍ କାର୍ଡ ଏବଂ ମୁଦ୍ରା ସଂଗ୍ରହ ପାଇଁ ଗିନିଜ୍ ୱାର୍ଲ୍ଡ ରେକର୍ଡଧାରୀ। ସେ ବର୍ତ୍ତମାନ ଦିଲ୍ଲୀରେ ରୁହନ୍ତି, କିନ୍ତୁ ମୂଳତଃ ଉତ୍ତର ପ୍ରଦେଶର ଲକ୍ଷ୍ନୌର ମୂଳ ନିବାସୀ। ମନୀଷ ତାଙ୍କ ଶିକ୍ଷା ସମୟରେ ବିଭିନ୍ନ କ୍ଷେତ୍ରରେ କାମ କରିଛନ୍ତି। ସେ କାନପୁରର ସିଏସ୍‌ଜେଏମ୍‌ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଏବଂ ଗଣିତରେ ଡିଗ୍ରୀ ହାସଲ କରିଥିଲେ। ତା'ପରେ ସେ ଲକ୍ଷ୍ନୌର ଇଣ୍ଟିଗ୍ରାଲ ବିଶ୍ୱବିଦ୍ୟାଳୟରୁ ଏମ୍‌ସିଏ ଏବଂ ସାମାଜିକ କାର୍ଯ୍ୟରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ମନୀଷ ଦୁଇଥର ଗିନିଜ୍ ୱାର୍ଲ୍ଡ ରେକର୍ଡଧାରୀ - କ୍ରେଡିଟ୍ କାର୍ଡ ଏବଂ କଏନ୍ ସଂଗ୍ରହ ପାଇଁ। ସେ ଜଣେ ମୁଦ୍ରାବିଦ୍, କଳାକାର, ଡାଟା ବୈଜ୍ଞାନିକ ଏବଂ ସମାଜସେବୀ। ସେ ଲିଙ୍କଡିନ୍‌ରେ ପରାମର୍ଶଦାତା ଏବଂ ଇନଷ୍ଟାଗ୍ରାମ୍ ଏବଂ ଫେସବୁକ୍‌ରେ ତାଙ୍କ ଅନୁସରଣକାରୀଙ୍କ ସହିତ କ୍ରେଡିଟ୍ କାର୍ଡ ଟିପ୍ସ ସେୟାର କରନ୍ତି।

# ବିଶ୍ୱ ଅର୍ଥନୀତିରେ ଆସିବ ଭୂ-ଚାଳ

ୱାଶିଂଟନ୍, ୯।୧୦(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ଝଟ୍‌କା ସତ୍ତ୍ୱେ ବିଶ୍ୱ ଅର୍ଥନୀତି ଆଶାଠାରୁ ଭଲ ସ୍ଥିତିରେ ଅଛି। କିନ୍ତୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ମୁଖ୍ୟ କହିଛନ୍ତି ଯେ ଏହି ସ୍ଥିରତା ଅଧିକ ସମୟ ପର୍ଯ୍ୟନ୍ତ ରହିପାରିବ ନାହିଁ। ବୁଧବାର ଏକ ଅଭିଭାଷଣରେ, ଆଇଏମ୍‌ଏଫ୍ ଏମ୍‌ଡି କ୍ରିଷ୍ଟାଲିନା ଜର୍ଜିଭା କହିଛନ୍ତି ଯେ, ନିଜକୁ ସମ୍ଭାଳି ରଖ। ଅନିଶ୍ଚିତତା ଏବେ ସ୍ୱାଭାବିକ ଏବଂ ଏହା ସବୁଦିନ ପାଇଁ ରହିବ। ନିବେଶକମାନେ ଦୁର୍ବଳ ଡଲାର ଏବଂ ଭୂ-ରାଜନୈତିକ ଅନିଶ୍ଚିତତାରୁ ନିଜକୁ ରକ୍ଷା କରିବା ପାଇଁ ନିରାପଦ ଆଶ୍ରୟସ୍ଥଳ ଖୋଜୁଛନ୍ତି। ଏହା ସହିତ, ଆଇଏମ୍‌ଏଫ୍ ଏବଂ ବିଶ୍ୱ ବ୍ୟାଙ୍କର ବାର୍ଷିକ ବୈଠକ ଆସନ୍ତା ସପ୍ତାହରେ ୱାଶିଂଟନରେ ଅନୁଷ୍ଠିତ ହେବ। ଯେତେବେଳେ ବିଶ୍ୱ ଆର୍ଥିକ କ୍ଷେତ୍ରର ନେତୃବୃନ୍ଦ ଏବଂ କେନ୍ଦ୍ରୀୟ ବ୍ୟାଙ୍କ ମୁଖିଆମାନେ ଏକାଠି ହେବେ। ସେଠାରେ ଟ୍ରମ୍ପ ଶୁଳ୍କ ଉପରେ ଜୋରଦାର ବିତର୍କ ହେବ ବୋଲି ଆଶା କରାଯାଉଛି। ଚଳିତ ବର୍ଷ ବିଶ୍ୱ ଅର୍ଥନୀତି ୩% ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି।

### ଆଇଏମ୍‌ଏଫ୍‌ର ଚେତାବନୀ

ଟ୍ରମ୍ପଙ୍କ ୟୁ-ଟର୍ଣ୍ଣ

# ଜେନେରିକ୍ ଔଷଧ ଉପରେ ଲାଗିବନି ଟାରିଫ୍

ନୂଆଦିଲ୍ଲୀ, ୯।୧୦(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁଳ୍କ ବୋମା ମାଧ୍ୟମରେ ଅନେକ ଦେଶର ଅର୍ଥନୀତିକୁ ପ୍ରଭାବିତ କରିଛନ୍ତି। ଭାରତ ମଧ୍ୟ ଏହାର ପ୍ରଭାବ ଅନୁଭବ କରୁଛି। ତଥାପି , ବର୍ତ୍ତମାନ ସମୟ ପାଇଁ ଟ୍ରମ୍ପ ପ୍ରଶାସନ ଜେନେରିକ୍ ଔଷଧ ଉପରେ ଶୁଳ୍କ ଲଗାଇବା ଯୋଜନାକୁ ସ୍ଥଗିତ ରଖିଛି। ଏହି ନିଷ୍ପତ୍ତି ଭାରତୀୟ ଔଷଧ ଶିଳ୍ପକୁ ବଡ଼ ଆଶ୍ୱସ୍ତି ଆଣିଛି, କାରଣ ଆମେରିକାରେ ବ୍ୟବହୃତ ଅଧିକାଂଶ କମ୍ ମୂଲ୍ୟର ଔଷଧ ଭାରତରୁ ରପ୍ତାନି କରାଯାଏ। ଯଦି ଶୁଳ୍କ ଲଗାଯାଏ ତେବେ ଭାରତୀୟ ଔଷଧ ଆମେରିକା ବଜାରରେ ମହଙ୍ଗା ହୋଇଯିବ।

ମେଡିକାଲ୍ ଡାଟା ଆନାଲିଟିକ୍ସ କମ୍ପାନୀ ଆଇକ୍ୟୁଭିଆର ଏକ ରିପୋର୍ଟ ଅନୁଯାୟୀ, ଆମେରିକାରେ ବ୍ୟବହୃତ ଜେନେରିକ୍ ଔଷଧର ପ୍ରାୟ ୪୭% ଭାରତରୁ ଆସିଥାଏ। ଭାରତର ଅଂଶ ଏତେ ବଡ଼ ଯେ ଏହାକୁ ପ୍ରାୟତଃ ବିଶ୍ୱର ଫାର୍ମାସୀ କୁହାଯାଏ। ଭାରତୀୟ ଔଷଧ ଆମେରିକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ମଧୁମେହ, ରକ୍ତଚାପ, କୋଲେଷ୍ଟ୍ରଲ୍ ଏବଂ ଆଣ୍ଟିବାୟୋଟିକ୍ ଭଳି ଜୀବନରକ୍ଷାକାରୀ ଔଷଧ ଭାରତୀୟ କମ୍ପାନୀଗୁଡ଼ିକରୁ ଆମେରିକାକୁ ବହୁ ପରିମାଣରେ ଆମଦାନୀ କରାଯାଇଥାଏ। ଏହି ଔଷଧର ମୂଲ୍ୟ ଆମେରିକାରେ ସ୍ଥାନୀୟ ଭାବରେ ଉତ୍ପାଦିତ ଔଷଧ ତୁଳନାରେ ଯଥେଷ୍ଟ କମ୍, ଯାହା ଆମେରିକୀୟ ନାଗରିକମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରେ।

### ■ କାହିଁକି ୟୁ-ଟର୍ଣ୍ଣ ନେଲେ ଟ୍ରମ୍ପ୍

ଦି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ପ୍ରଶାସନ ଜେନେରିକ୍ ଔଷଧ ଉପରେ ଶୁଳ୍କ ଲାଗୁ କରିବା ଘଟଣା ଉପରେ ଏକ ତଦନ୍ତ ଆରମ୍ଭ କରିଥିଲା। ଏହି ତଦନ୍ତରେ କେବଳ ପ୍ରସ୍ତୁତ ଔଷଧ ନୁହେଁ ବରଂ ସେମାନଙ୍କ ଉତ୍ପାଦନରେ ବ୍ୟବହୃତ କଞ୍ଚାମାଲ (ଏପିଆଇ) ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ତଥାପି, ତଦନ୍ତ ପରେ ବାଣିଜ୍ୟ ବିଭାଗ ପରିସରକୁ ସଙ୍କୁଚିତ କରିବାକୁ ସୁପାରିଶ କରିଥିଲା, କାରଣ ଅନେକ ବିଶେଷଜ୍ଞ ବିଶ୍ୱାସ କରୁଥିଲେ ଯେ ଜେନେରିକ୍ ଔଷଧ ଉପରେ ଶୁଳ୍କ ଲଗାଇବା ଦ୍ୱାରା ଆମେରିକାରେ ଔଷଧର ମୂଲ୍ୟ ବୃଦ୍ଧି ପାଇବ ଏବଂ ବଜାରରେ ତାହାର ଅଭାବ ମଧ୍ୟ ଦେଖାଦେଇପାରେ। ଗୋଟିଏ ଗୋଷ୍ଠୀ ବିଦେଶୀ ଔଷଧ ଉପରେ ଉଚ୍ଚ ଶୁଳ୍କ ଲଗାଇ ଉତ୍ପାଦନକୁ ଆମେରିକାକୁ ଫେରାଇ ଆଣିବାକୁ ଚାହୁଁଥିଲା, ଯେତେବେଳେ କି ଅନ୍ୟ ଏକ ଗୋଷ୍ଠୀ ବିଶ୍ୱାସ କରୁଥିଲେ ଯେ ଏପରି ପଦକ୍ଷେପ ଆମେରିକୀୟ ଜନସାଧାରଣଙ୍କ ପାଇଁ କ୍ଷତିକାରକ ହେବ।



● ଦୀପାବଳି ପୂର୍ବରୁ ଭାରତକୁ ଦେଲେ ଖୁସି ଖବର

● ଫାର୍ମା କମ୍ପାନୀ ଆଶ୍ୱସ୍ତ

### ■ ଟାରିଫ୍ ଯୁଦ୍ଧ ଏବଂ ବିଶ୍ୱ ପ୍ରଭାବ

ସାମ୍ପ୍ରତିକ ମାସଗୁଡ଼ିକରେ ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତି ବିଶ୍ୱସ୍ତରୀୟ ଶିରୋନାମା ପାଲଟିଛି। ପ୍ରଥମେ, ସେ ଚୀନ୍ ଉପରେ ଆମଦାନୀ ଶୁଳ୍କ ଲାଗୁ କରିଥିଲେ, ଯାହାର ଜବାବରେ ଚୀନ୍ ଆମେରିକୀୟ କୃଷି ଉତ୍ପାଦ କିଣିବା ବନ୍ଦ କରିଦେଇଥିଲା। ଏହା ଆମେରିକୀୟ କୃଷକମାନଙ୍କ ପାଇଁ ଏକ ବଡ଼ ଆଘାତ ଦେଇଥିଲା ଏବଂ କୃଷି ବଜାରରେ ଏକ ସଙ୍କଟ ସୃଷ୍ଟି କରିଥିଲା। ସେହିପରି, ଯଦି ଭାରତରେ ଔଷଧ ଶୁଳ୍କ ଲଗାଯାଇଥାନ୍ତା ତେବେ ଏହା ଆମେରିକୀୟ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ପ୍ରଭାବିତ କରିଥାନ୍ତା। ଭାରତର ସୁଲଭ ଏବଂ ନିର୍ଭରଯୋଗ୍ୟ ଔଷଧ ବିନା ଆମେରିକୀୟ ରୋଗୀମାନଙ୍କ ପାଇଁ ସମାନ ଚିକିତ୍ସା ବହୁତ ମହଙ୍ଗା ହୋଇଥାନ୍ତା।

### ■ ଭାରତୀୟ ଔଷଧ ଶିଳ୍ପର ଭୂମିକା

ଜେନେରିକ୍ ଔଷଧ କ୍ଷେତ୍ରରେ ଭାରତର ଔଷଧ ଶିଳ୍ପ ବିଶ୍ୱରେ ବେଶ ଅଗ୍ରଣୀ। ଭାରତୀୟ କମ୍ପାନୀଗୁଡ଼ିକ କେବଳ ଆମେରିକାକୁ ନୁହେଁ ବରଂ ୟୁରୋପ, ଆଫ୍ରିକା ଏବଂ ଏସିଆର ଦେଶଗୁଡ଼ିକୁ ମଧ୍ୟ ସୁଲଭ ଏବଂ ଉଚ୍ଚମାନର ଔଷଧ ରପ୍ତାନି କରନ୍ତି। ଆମେରିକାର ବଜାର ହେଉଛି ଭାରତର ସର୍ବବୃହତ ରପ୍ତାନି ଗନ୍ତବ୍ୟସ୍ଥଳ, ଯାହା ପ୍ରତିବର୍ଷ କୋଟି କୋଟି ଡଲାର ମୂଲ୍ୟର ଔଷଧ ପଠାଇଥାଏ। ତେଣୁ, ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତିକୁ ସ୍ଥଗିତ ରଖିବା ଭାରତୀୟ କମ୍ପାନୀଗୁଡ଼ିକ ପାଇଁ ଏକ ବଡ଼ ଆଶ୍ୱସ୍ତି ଆଣିଛି।

# ଲାଲ୍‌ଚନ୍ଦ୍‌ର ଧନତେରସ ଓ ଦୀପାବଳି ଅଫର

ଭୁବନେଶ୍ୱର, ୯।୧୦(ସମିସ): ଧନତେରସ ଓ ଦୀପାବଳି ଉପଲକ୍ଷେ ଲାଲ୍‌ଚନ୍ଦ୍ ଜୁଏଲର୍ସ ତରଫରୁ ମନଲୋଭା ରିଆତି ଅଫର ଘୋଷଣା କରାଯାଇଛି। ସୁନାର ମୂଲ୍ୟ ବଢ଼ୁଥିବାବେଳେ ଗ୍ରାହକମାନଙ୍କୁ ସୁଲଭ ମୂଲ୍ୟରେ ଅଳଙ୍କାର ଯୋଗାଇଦେବା ପାଇଁ ଲାଲ୍‌ଚନ୍ଦ୍ ଆଣିଛନ୍ତି ସବୁଠୁ କମ୍ ଗଢ଼ା ମଜୁରୀ। ସମସ୍ତ ୨୨ କ୍ୟାରେଟ୍ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସ୍ୱର୍ଣ୍ଣ ଅଳଙ୍କାରର ଗଢ଼ା ମଜୁରିରେ ଫ୍ଲାଟ୍ ୬୦% ରିଆତି। ରୁପା ଅଳଙ୍କାରର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୬୦% ରିଆତି ଥିବାବେଳେ ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୨୫% ରିହାତି ରହିଛି। ନିର୍ଦ୍ଦିଷ୍ଟ ହାତଘଣ୍ଟା ଉପରେ ଅଛି ଫ୍ଲାଟ୍ ୫୦% ରିହାତି। ରୁପା ବ୍ରାଣ୍ଡେଡ୍ ଆଇଟମ ଉପରେ ରହିଛି ଫ୍ଲାଟ୍ ୧୫% ରିଆତି। ତା' ସହିତ ୧.୫ ଲକ୍ଷ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର କିଣିଲେ ମାଗଣା ସ୍ୱର୍ଣ୍ଣ ମୁଦ୍ରା ଏବଂ ପ୍ରତ୍ୟେକ କ୍ରୟ ଉପରେ ନିଶ୍ଚିତ ଉପହାର। ଏସ୍‌ବିଆଇ କାର୍ଡ ଉପଭୋକ୍ତାମାନେ ୧୧ରୁ ୨୦ ଅକ୍ଟୋବର ମଧ୍ୟରେ ଖରିଦ କରି ୫,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାସ୍ ବ୍ୟାକ୍ ପାଇପାରିବେ। ୨ ନଭେମ୍ବର ପର୍ଯ୍ୟନ୍ତ ଲକି ଲକ୍ଷ୍ମୀ ଜ୍ୱେଲରୀ ଫେଷ୍ଟିଭାଲ୍ ଚାଲୁ ରହିଛି। ଯେଉଁଥିରେ ବମ୍ପର ପୁରସ୍କାର ଭାବରେ ଜଣେ ଗ୍ରାହକ ଜିତିବେ ୧ କେଜି ସୁନା। ୪ ଜଣ ଜୋନ୍ ସ୍ତରୀୟ ବିଜେତା ଜିତିବେ ଜଣକା ୨୫୦ ଗ୍ରାମ୍‌ର ଗୋଲ୍ଡ ବାର୍। ସାମୟିକ ପ୍ରାଇଜ୍ ହିସାବରେ ରହିଛି ୧୫ ହଜାରରୁ ଅଧିକ ପୁରସ୍କାର ଯଥା- ୧ ଗ୍ରାମ୍ ଏବଂ ୫ ଗ୍ରାମ୍‌ର ସ୍ୱର୍ଣ୍ଣ ମୁଦ୍ରା, ୧୦ ଗ୍ରାମ୍ ଏବଂ ୫୦ ଗ୍ରାମ୍‌ର ରୌପ୍ୟ ମୁଦ୍ରା। ସେହିପରି ୭ଟି ସାପ୍ତାହିକ ଡ୍ର ରହିଛି, ଯେଉଁଥିରେ ୧୪୦ଟି ପ୍ରାଇଜ୍। ଅର୍ଥାତ୍ ପ୍ରତି ସପ୍ତାହରେ ୨୦ଟି ପ୍ରାଇଜ୍, ଯେଉଁଥିରେ ରହିଛି ୨୦ଟି ୫ ଗ୍ରାମ୍‌ର ସ୍ୱର୍ଣ୍ଣ ମୁଦ୍ରା। କେବଳ ସେତିକି ନୁହେଁ, ନିଶ୍ଚିତ ଉପହାର ଭାବରେ ରହିଛି ୨୦୦ ଟଙ୍କାର ଡିଜିଟାଲ୍ ଗିଫ୍ଟ ଭାଉଚର। ଜିଜେସି ପ୍ରସ୍ତୁତ ଲକି ଲକ୍ଷ୍ମୀ ଯୋଜନାରେ ଗ୍ରାହକମାନେ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଉପହାର ଜିତିବା ସହ ୨୦ କୋଟି ଟଙ୍କା ପର୍ଯ୍ୟନ୍ତ ନିଶ୍ଚିତ ଉପହାର ପାଇବେ।

# ହାରୋ କର୍ମକର୍ତ୍ତା ନିର୍ବାଚନ



ଭୁବନେଶ୍ୱର, ୯।୧୦(ସମିସ): ହୋଟେଲ ଆଣ୍ଡ ରେଷ୍ଟୋରାଁ ଆସୋସିଏସନ୍ ଅଫ୍ ଇଣ୍ଡିଆ (ହାରୋ)ର ୩୬ ତମ ବାର୍ଷିକ ସାଧାରଣ ବୈଠକ ସହ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ୨୦୨୫-୨୬,୨୦୨୬-୨୭ ଏବଂ ୨୦୨୭-୨୮ ବର୍ଷ ପାଇଁ ଅନୁଷ୍ଠିତ ଏହି କର୍ମକର୍ତ୍ତା ନିର୍ବାଚନରେ ସଂଘ ପାଇଁ ଉପସଭାପତି, କାର୍ଯ୍ୟକାରୀ ସଭାପତି, ସାଧାରଣ ସମ୍ପାଦକ, କୋଷାଧ୍ୟକ୍ଷ, ଯୁଗ୍ମ କୋଷାଧ୍ୟକ୍ଷ , ଯୁଗ୍ମ ସମ୍ପାଦକ ଏବଂ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟମାନଙ୍କୁ ଚୟନ କରାଯାଇଛି। ଏଥିରେ ହାରୋର ୯ ଜଣ ଉପସଭାପତି, ଜଣେ କାର୍ଯ୍ୟକାରୀ ସଭାପତି, ସାଧାରଣ ସମ୍ପାଦକ, କୋଷାଧ୍ୟକ୍ଷ ଓ ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଏବଂ ୯ ଜଣ ଯୁଗ୍ମ ସମ୍ପାଦକ ଓ ୧୬ ଜଣ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।




# ଏଚ୍‌ଆର୍‌ଟି ନେଉଥିଲେ...

ମାସିକ ଧର୍ମ ବା ଋତୁସ୍ରାବ ମହିଳାଙ୍କର ଏକ ସ୍ୱାଭାବିକ ପ୍ରକ୍ରିୟା। ହେଲେ ମହିଳାମାନଙ୍କର ୪୦ରୁ ୪୫ ବର୍ଷ ମଧ୍ୟରେ ମେନୋପଜ ବା ରଜୋନିବୃତ୍ତି ହୋଇଥାଏ। ଏହି ସମୟେ ଶରୀରରେ ନିର୍ଦ୍ଦିଷ୍ଟ ହର୍‌ମୋନ ନିର୍ଗତ ଧୀମା ହୁଏ। ଏହାଦ୍ୱାରା ରାତିରେ ଝାଳ ବାହାରିବା, ନିଦ୍ରାସମସ୍ୟା, ବିଚଳିତ ଆଦି ସ୍ୱାସ୍ଥ୍ୟସମସ୍ୟା ଦେଖାଯାଏ। ହେଲେ ଅଧିକାଂଶ ମହିଳା ଚିରଯୌବନ ଆଶାରେ ଉକ୍ତ ହର୍‌ମୋନକୁ ସନ୍ତୁଳନ ରଖିବାକୁ ଏଚ୍‌ଆର୍‌ଟି ଥେରାପି ନିଅନ୍ତି। ଏହା ବ୍ୟୟବହୁଳ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ବିନା ପରାମର୍ଶରେ ଏହି ଥେରାପି ନେବା ଦ୍ୱାରା ଶରୀରରେ ବିଭିନ୍ନ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଏ। ତେବେ ଏଚ୍‌ଆର୍‌ଟି ନିର୍ଣ୍ଣୟ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଓ ଲକ୍ଷଣର ଗମ୍ଭୀରତା ଉପରେ ନିର୍ଭର କରେ।



ଏଚ୍‌ଆରଟି ବା ହର୍‌ମୋନ ରିପ୍ଲେସ୍‌ମେଣ୍ଟ ଥେରାପି ଶରୀରକୁ ଅପ୍ରାକୃତିକ ଉପାୟରେ ଏଷ୍ଟ୍ରୋଜେନ୍ ଏବଂ ପ୍ରୋଜେଷ୍ଟେରୋନର ଅଭାବକୁ ପୂରା କରେ। ଏହା ପ୍ୟାଚ୍, ବଟିକା ତଥା ଜେଲ୍ ଆକାରରେ ଉପଲବ୍ଧ। ମେନୋପଜ ଲକ୍ଷଣକୁ କମ୍ କରିବାରେ ସାହାଯ୍ୟ କରିଥାଏ। ଏଚ୍‌ଆର୍‌ଟି ଆରମ୍ଭ କରିବା ପୂର୍ବରୁ ରକ୍ତପରୀକ୍ଷା, ଫ୍ୟାମିଲ୍ ହିଷ୍ଟ୍ରି, ମେଡିକାଲ କଣ୍ଡିସନ ଯାଞ୍ଚ ଜରୁରି। ଏହି ଥେରାପି ତ୍ୱଚାକୁ ଯୁବା ରଖେ। ହେଲେ ଅଧିକାଂଶ ମହିଳାଙ୍କ ଶରୀରରେ ଏହା ଭିନ୍ନ ଭିନ୍ନ ପାର୍ଶ୍ୱପ୍ରତିକ୍ରିୟା ସୃଷ୍ଟି କରାଏ। ଏହା ଓଜନ ବୃଦ୍ଧି, ହୃଦୟ ଏବଂ ମସ୍ତିଷ୍କସମ୍ବନ୍ଧୀୟ ରୋଗ, ଡିହାଇଡ୍ରେସନ, ପିତ୍ତଶୟ ପଥୁରୀ, ରକ୍ତଚାପ, ଟାଇପ୍-୨ ମଧୁମେହ, ଅଷ୍ଟିଓପୋରୋସିସ ତଥା କର୍କଟ ଆଶଙ୍କାକୁ ବଢ଼ାଇଥାଏ ବୋଲି ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ଦେବେନ୍ଦ୍ର କୁମାର ନାଏକ କୁହନ୍ତି। ତେଣୁ ମହିଳାମାନେ ଡାକ୍ତରଙ୍କ ବିନା ପରାମର୍ଶରେ ଏହି ଥେରାପି ନେବା ଅନୁଚିତ। ଏଚ୍‌ଆର୍‌ଟି ଉପଯୋଗ କମ୍ କରି ଓଜନ ନିୟନ୍ତ୍ରଣ କରିପାରିବେ। ଡାଏଟ୍‌ରେ କ୍ୟାଲ୍‌ସିୟମ, ଭିଟାମିନ୍-ଡି, ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଯଥା- ଅଳସି, ସୋୟାମିଲ୍କ, ତିଳ, ଚଣା ଆଦି ସାମିଲ କରି ଇଷ୍ଟ୍ରୋଜେନ୍ ହରମୋନ ବଢ଼ାଇପାରିବେ। ନିୟମିତ ଯୋଗ, ପ୍ରାଣାୟମ କରିବା ଭଲ ବିକଳ୍ପ।

# ବିଶ୍ୱ ମାନସିକ ଦିବସର ଅନୁଚିନ୍ତା

**ଡା. ନୀଳମାଧବ ରଥ**

**ମାନସାମ୍ ବିଧି ମାନବମ୍- ମନ ହିଁ ମନୁଷ୍ୟ ଅଟେ ମନକୁ ହିଁ ମନୁଷ୍ୟ ଜାଣେ।**

ମାନସିକ ସ୍ୱାସ୍ଥ୍ୟର ସଠିକ୍ ଯତ୍ନ ଜଣେ ବ୍ୟକ୍ତିଙ୍କୁ ସୁଖୀ ଏବଂ ସମୃଦ୍ଧ ଜୀବନଯାପନ କରିବାରେ ସାହାଯ୍ୟ କରେ। ତେଣୁ ଶାରୀରିକ ସ୍ୱାସ୍ଥ୍ୟ ପରି ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବା ଜରୁରି। ହେଲେ ଔଷଧୀୟ ବୈଦ୍ୟୁତିକ, କୃତ୍ରିମ ବୁଦ୍ଧିମତା ଏବଂ ସ୍ନାୟୁ ଭେଷଜ, ସ୍ନାୟୁ ଶଲ୍ୟ ତଥା ମସ୍ତିଷ୍କରେ ଖଞ୍ଜାଯାଉଥିବା ଟେଲିପାଥିକ ପେସ୍ ମେକର ଚିକିତ୍ସା ପଦ୍ଧତିର ପ୍ରଭୃତି ବୈଜ୍ଞାନିକ ଉନ୍ନତି ସତ୍ତ୍ୱେ ଏବେ ବି ଅଶୀ ଭାଗ ମାନବ ଉଚିତ ମୂଲ୍ୟରେ ଉତ୍କୃଷ୍ଟ ମାନସିକ ଚିକିତ୍ସା ପାଇପାରୁନାହାଁନ୍ତି। ତେଣୁ ମାନସିକ ସ୍ୱାସ୍ଥ୍ୟ ସମସ୍ୟାକୁ ସର୍ବ ସମ୍ମୁଖକୁ ଆଣିବା ତଥା ଏହି ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅକ୍ଟୋବର ୧୦କୁ ବିଶ୍ୱ ମାନସିକ ଦିବସ ଭାବେ ପାଳନ କରାଯାଏଏ। ଚଳିତ ବର୍ଷ ଏହି ଦିବସର ଅନୁଚିନ୍ତା ହେଉଛି, ବ୍ୟକ୍ତିଗତ ଓ ସମଷ୍ଟିଗତ ବିପତ୍ତିରେ ଉଦଯୋଗୀ ହୋଇ ମାନସିକ ସ୍ୱାସ୍ଥ୍ୟ ସେବା ଆଶୁ ଚିକିତ୍ସା ସମସ୍ତଙ୍କ ପାଖରେ ପହଞ୍ଚାଇବା।

ପ୍ରାକୃତିକ ଆପଦା ଅତିବୃଷ୍ଟି, ଅନାବୃଷ୍ଟି, ଭୂମିକମ୍ପ, ବାତ୍ୟା, ମହାଦେଶ ବ୍ୟାପୀ ବନାଗ୍ନି, ପ୍ରାକୃତିକ ସବୁଜିମାର ଅବକ୍ଷୟ ଯନ୍ତ୍ର ଜୀବନ ମାନସିକ ଚାପ ବୃଦ୍ଧି କରୁଛି। ଅନ୍ୟ ପକ୍ଷରେ କରୋନା ମହାମାରୀ ଜୀବାଣୁ ବୀଜାଣୁ ପ୍ରତିଷେଧକ ମୂଳକ ବ୍ୟବସ୍ଥାରେ ମୁକ୍ତ ହେଲେ ମଧ ମନୁଷ୍ୟ ତା'ର ଅସ୍ତିତ୍ୱ ଏବଂ ମାନବ ସମାଜର ସ୍ମୃତି ଦୁର୍ବଳ କରୁଛି। ଗାଜା, ୟୁକ୍ରେନ୍ ଭଳି ବିଶ୍ୱର ବିଭିନ୍ନ ସ୍ଥାନରେ ଲାଗି ରହିଥିବା ଯୁଦ୍ଧସ୍ଥିତି, ଧର୍ମୀୟ ବିବାଦ ଆଦି ମାନବୀୟ ବିପଦ ମାନବିକତାକୁ ଆକ୍ରାନ୍ତ କରୁଛି। କ୍ଷୁଦ୍ରତମ ମାଇକ୍ରୋ ପ୍ଲାଷ୍ଟିକ, ଅଣୁ କେମିକାଲ କଣିକା, ଓଜୋନ ଛତାରେ ଛିଦ୍ରତା, ନିଶା ସେବନ, ମଦ୍ୟପାନ, ଯୌନବିକୃତି ମାନବ ସମାଜକୁ ବିଚଳିତ କରୁଛି। ମାନସିକସ୍ତରରେ ଆମେରିକାରେ ଆର୍ଥିକ ତାରିଫ ଅତ୍ୟାଚାର, କମ୍ୟୁନିଜିମ୍ ବିରୋଧୀ ମାରଣ ନୀତି ଓ ଅମାନବୀୟ ଚାପ, କୃତ୍ରିମ ଖାଦ୍ୟାଭାବ ଦୁର୍ଭିକ୍ଷ ବିଶ୍ୱ ମାନସିକତାକୁ କବଳିତ କରିଛି। ସେଭଳି ଲାଭଖୋରୀ ବ୍ୟବସାୟ ଅର୍ଥ ସର୍ବସ୍ୱ ଓ ସଭ୍ୟତାର ଶଠତା ଅଶୀ ପ୍ରତିଶତ ମାନବିକତାକୁ ଘୋର ଜୀବନ ଯନ୍ତ୍ରଣା ଓ ରୁଗ୍ଣ ମାନସିକତାକୁ ଜନ୍ମ କଲାଣି।

ବିଷାକ୍ତକର ଖାଦ୍ୟ ଓ ପାନୀୟଜଳ, ଅସ୍ୱାସ୍ଥ୍ୟକର ପରିବେଶ, ସ୍ୱଚ୍ଛବାୟୁର ଅଭାବରୁ ଶିଶୁ ମୃତ୍ୟୁ ବା ବିକଳାଙ୍ଗ ଶରୀର ଓ ବିକଟ ମାନସିକତା ସୃଷ୍ଟି ହେଉଛି। ବିଶ୍ୱର ୨୦ ପ୍ରତିଶତ ବିଷାଦଗ୍ରସ୍ତ ରୋଗୀ, ୧୦ ପ୍ରତିଶତ ବାଚାଳ ଓ ୨ ପ୍ରତିଶତ ମାନସିକ ନ୍ୟୂନତା ଏବଂ ୧ ପ୍ରତିଶତ ଗଭୀର ଅପରାଧିକ ତତ୍ତ୍ୱର ରୋଗୀ ବର୍ତ୍ତମାନ ଚିକିତ୍ସା ଆବଶ୍ୟକ କରୁଛନ୍ତି।

ତେଣୁ ଭାରତ ତା'ର ସାଂସ୍କୃତିକ ନୀତିରେ ଏ ପରିସ୍ଥିତିରେ ସଂଗଠିତ ହେବା ଉଚିତ। କରୋନା ମହାମାରୀ ସମୟରେ ଭାରତ ଅଶୀ ପ୍ରତିଶତ ଦେଶକୁ ସାହାଯ୍ୟ ଯୋଗାଇଥିଲା। ତେଣୁ ଆମକୁ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ଓ ମାନସିକ ଚିକିତ୍ସାକ୍ଷେତ୍ରରେ ଏସବୁ ରୋଗକୁ ପ୍ରତିରୋଧ କରିବାକୁ ଚିକିତ୍ସାବିଦ୍‌ମାନେ ଏବଂ ମାନସିକ ଚିକିତ୍ସାବିଦ୍‌ମାନେ ବିଶ୍ୱ ପ୍ରତି ସମର୍ପିତ ହେବା ଉଚିତ। ମନସାମ ଅପାରି ମନମ୍।



# ଯନ୍ତ୍ରଣାର ଜଣାଶୁଣା ଶତ୍ରୁ ଆର୍ଥ୍ରାଇଟିସ୍

**ବର୍ତ୍ତମାନ ସମୟରେ ଆର୍ଥ୍ରାଇଟିସ୍ ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭାହୋଇଛି। ଏହା ଗତିଶୀଳତା ଓ ଦୈନନ୍ଦିନ କାର୍ଯ୍ୟକୁ ପ୍ରଭାବିତ କରିଥାଏ। ଗବେଷଣା ଅନୁଯାୟୀ, ଭାରତରେ ପ୍ରାୟ ୧୯.୫ କୋଟି ଲୋକ ଏହି ରୋଗରେ ପୀଡ଼ିତ। ମହିଳାମାନେ ଏହି ରୋଗରେ ପୁରୁଷମାନଙ୍କଠାରୁ ଦୁଇ ଗୁଣା ଅଧିକ ପ୍ରଭାବିତ। କେବଳ ବୟସ୍କ ନୁହଁନ୍ତି; ଏବେ ଯୁବଗୋଷ୍ଠୀ ମଧ୍ୟ ଏହି ରୋଗର ଶିକାର ହେଉଛନ୍ତି। ତେବେ ଆର୍ଥ୍ରାଇଟିସ୍‌କୁ ଠିକ୍ ସମୟରେ ଚିକିତ୍ସା ନ ମିଳିଲେ ଏହା ଜଣକୁ ଅକର୍ମଣ୍ୟ କରିଦେଇପାରେ।**



ପ୍ରଫେସର ଡା. ଜ୍ୟୋତିରଞ୍ଜନ ପରିଡ଼ା

### ଆର୍ଥ୍ରାଇଟିସ୍‌ର ପ୍ରକାର ଓ ଲକ୍ଷଣ

ଆର୍ଥ୍ରାଇଟିସ୍ ବିଭିନ୍ନ ପ୍ରକାରର ରହିଛି। ପ୍ରତ୍ୟେକର କାରଣ, ଲକ୍ଷଣ ଓ ପ୍ରଭାବ ଅଲଗା ଅଟେ।

**ଅଷ୍ଟିଓ ଆର୍ଥ୍ରାଇଟିସ୍:** ବୟସ ଓ କାର୍ଯ୍ୟ ଦ୍ୱାରା ଗଣ୍ଠିରେ କାର୍ଟିଲେଜର କ୍ଷୟ ଯୋଗୁ ସାଧାରଣତଃ ଏହା ବୃଦ୍ଧା ଅବସ୍ଥାରେ ଦେଖାଦେଇଥାଏ। ଗଣ୍ଠିରେ ଯନ୍ତ୍ରଣା, ଚାଲିବାରେ କଠିନତା ଆଦି ଏହାର ଲକ୍ଷଣ।

**ରୁମାଟଏଡ୍ ଆର୍ଥ୍ରାଇଟିସ୍ (RA):** ଏକ ସ୍ୱଙ୍ଗ ପ୍ରତିରୋଧୀ ରୋଗ। ଏହା ଗଣ୍ଠି ଓ ରକ୍ତକଣିକାକୁ ପ୍ରଭାବିତ କରେ। ହାତ ଓ ଗୋଡ଼ର ଗଣ୍ଠିଗୁଡିକ ଫୁଲିବା ସହ ଦରଜ ଅନୁଭୁତ ହୁଏ।

**ସୋରିଆଟିକ୍ ଆର୍ଥ୍ରାଇଟିସ୍:** ଏହା ଗଣ୍ଠି ଏବଂ ଚର୍ମକୁ ପ୍ରଭାବିତ କରେ। ଗଣ୍ଠିଯନ୍ତ୍ରଣା, କଠିନତା, ଫୁଲିବା ତଥା ତ୍ୱଚାରେ ନାଲି ଚିହ୍ନ ଦେଖାଦେବା ଏହାର ଲକ୍ଷଣ ହୋଇପାରେ।

**ଗାଉଟ୍:** ୟୁରିକ୍ ଅମ୍ଳ ବୃଦ୍ଧି ହୋଇ ପାଦ ଗଣ୍ଠିରେ କ୍ରିଷ୍ଟାଲ ଜମି ଅଚାନକ ଯନ୍ତ୍ରଣା ହେବା ସହ ଫୁଲିଯାଏ। ଯନ୍ତ୍ରଣା ଏବଂ ଫୁଲା ଯୋଗୁ ଗଣ୍ଠିକୁ ଚଳପ୍ରଚଳ କରିବାରେ ସମସ୍ୟା ହୁଏ।

**Systemic Lupus Erythematosus (SLE):** ଏହା ଏକ ବ୍ୟାପକ ସ୍ୱଙ୍ଗ ପ୍ରତିରୋଧୀ ରୋଗ, ଯେଉଁଥିରେ ଯକୃତ, ଫୁସ୍‌ଫୁସ୍, ବୃକ୍କ ଆଦି ଅଙ୍ଗ ପ୍ରଭାବିତ ହୋଇଥାଏ।

**ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍:** ଏହା ମୁଖ୍ୟତଃ ପିଠି ବା ଅଣ୍ଟାରେ ଦେଖାଦେଇଥାଏ। ଏହି ରୋଗରେ ହାଡ଼ ଯୋଡ଼ି ହୋଇଯିବାର ସମ୍ଭାବନା ଥାଏ। ସକାଳୁ ଉଠିଲେ ଅଣ୍ଟା ଓ ପିଠି ଦରଜ ହେବା ଆଦି ଏହାର ଲକ୍ଷଣ।

ତେଣୁ ଦୀର୍ଘ ଦିନ ଧରି ଗଣ୍ଠି, ହାତ, ପାଦ, କାନ୍ଧ ଆଦିରେ ଯନ୍ତ୍ରଣା ବା ଫୁଲା, ଜ୍ୱର ଅନୁଭୂତି, ଥକ୍କାପଣ, ଚାଲିବାରେ ଯନ୍ତ୍ରଣା, ତ୍ୱଚାରେ ଲାଲ ଚିହ୍ନ, ରକ୍ତପରୀକ୍ଷାରେ ଇଏସ୍‌ଆର, ସିଆର୍‌ପିରେ ବୃଦ୍ଧି ଥିଲେ ର୍ୟୁମାଟୋଲୋଜିଷ୍ଟଙ୍କ ପରାମର୍ଶ ନେବା ଆବଶ୍ୟକ।

**ଜୀବନଶୈଳୀରେ ପରିବର୍ତ୍ତନ ଜରୁରି:** ଜୀବନଶୈଳୀ ଜନିତ ସାବଧାନତା ଯଥା- ସଠିକ ଓଜନ ରଖିବା, ହାଲୁକା ବ୍ୟାୟାମ କରିବା, ଗଣ୍ଠି ଉପରେ ଚାପ ପଡ଼ିବା ଭଳି କାର୍ଯ୍ୟରୁ ବଞ୍ଚିତ ହେବା ଆବଶ୍ୟକ। ଓମେଗା-୩ ଫ୍ୟାଟି ଏସିଡ୍, କ୍ୟାଲସିୟମ୍, ଭିଟାମିନ୍ D ଯୁକ୍ତ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଆର୍ଥ୍ରାଇଟିସ୍ ଜନିତ ଅସୁବିଧା କମି ଯାଇପାରେ। ଧୂମପାନ ଓ ମଦ୍ୟପାନଠୁ ଦୂରେଇବା ଭଲ।

**ଚିକିତ୍ସା ପଦ୍ଧତି:** ଆର୍ଥ୍ରାଇଟିସ୍‌ର ଚିକିତ୍ସା ରୋଗର ପ୍ରକାର, ତୀବ୍ରତା ଓ ରୋଗୀର ସ୍ୱାସ୍ଥ୍ୟ ଅବସ୍ଥା ନିରୂପଣ ହୋଇଥାଏ। ସାଧାରଣତଃ ଯନ୍ତ୍ରଣା ଓ ଫୁଲା ହ୍ରାସ ପାଇଁ ଔଷଧ ଯଥା- ଏନ୍‌ଏସ୍‌ଏଆଇଡିସ୍, ଡିଏମ୍‌ଏଆର୍‌ଡିସ୍, ବାୟୋଲୋଜିକ୍ସ, ଫିଜିଓଥେରାପି ଓ ଜୀବନଶୈଳୀ ପରିବର୍ତ୍ତନ ମୁଖ୍ୟ ଭୂମିକା ନିଭାନ୍ତି। ପ୍ରଶିକ୍ଷିତ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସା ସହିତ ଉଚିତ ଆହାର, ବ୍ୟାୟାମ, ଓ ଯୋଗ ଦ୍ୱାରା ରୋଗୀ ଦୈନନ୍ଦିନ ଜୀବନକୁ ଆରାମଦାୟକ କରିପାରିବେ।

ଚିକିତ୍ସା ନିର୍ଦ୍ଦେଶକ
ଓଡିଶା ଆର୍ଥ୍ରାଇଟିସ୍ ଆଣ୍ଡ ର୍ୟୁମାଟୋଲୋଜି ସେଣ୍ଟର,
ସହୀଦ ନଗର ଭୁବନେଶ୍ୱର

ଆଇସିସି ମହିଳା ଦିନିକିଆ ବିଶ୍ୱକପ

# ରିଚାଙ୍କ ଲଢୁଆ ଇନିଂସ

ବିଶାଖାପାଟଣମ, ୯ ।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଗୁରୁବାର ଆୟୋଜକ ଭାରତ ଓ ଦକ୍ଷିଣ ଆଫ୍ରିକା ଏଠାରେ ସାମ୍ନାସାମ୍ନି ହୋଇଛନ୍ତି।



ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଭାରତ ମଧ୍ୟକ୍ରମର ବିଫଳତା ଯୋଗୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ୱିକେଟ୍‌କିପର ରିଚା ଘୋଷଙ୍କ ଲଢୁଆ ଅର୍ଦ୍ଧଶତକୀୟ ଇନିଂସ ଖେଳିବାରୁ ଦଳ ୨୫୧ ରନର ସମ୍ମାନଜନକ ସ୍କୋର କରିପାରିଥିଲା। ଜବାବରେ ଏହି ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ଦଳ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶେଷ ଖବର ସୁଦ୍ଧା ଦକ୍ଷିଣ ଆଫ୍ରିକା ୧୮ ଓଭରରେ ୪ ୱିକେଟ୍ ହରାଇ ୭୫ ରନ ସଂଗ୍ରହ କରିଛି। ନ୍ୟୁଜିଲାଣ୍ଡ ବିପକ୍ଷରେ ଶତକ ହାସଲ କରିଥିବା ତାଜମିନ ବ୍ରିଟ୍ସ ଆଜି ଖାତା ଖୋଲିପାରି ନ ଥିଲେ।

ଗୁରୁବାର ସ୍ଥାନୀୟ ୱାଇଏସ୍ ରାଜଶେଖର ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ଦକ୍ଷିଣ ଆଫ୍ରିକା ଅଧିନାୟିକା ଲୌରା ୱଲଭାର୍ଡଟ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଓପନିଂ ୱିକେଟ୍‌ରେ ସ୍ମୃତି ମନ୍ଧାନା (୨୩ ରନ) ଓ ପ୍ରତୀକା ରାୱଲ (୩୭ ରନ) ୫୫ ରନ ସଂଗ୍ରହ କରି ଭଲ ଆରମ୍ଭ ଦେଇଥିଲେ। ତେବେ ଉଭୟଙ୍କ ଆଉଟ୍ ପରେ ଭାରତର ମଧ୍ୟକ୍ରମ ବ୍ୟାଟର୍ ସମ୍ପୂର୍ଣ୍ଣ ନିରାଶ କରିଥିଲେ। ହର୍ଲିନ ଦେଓଲ ୧୩, ଅଧିନାୟିକା ହରମନପ୍ରୀତ୍ କୌର ୯, ଦୀପ୍ତି ଶର୍ମା ୪, ଅମନଜୋତ୍ କୌର ୧୩ ରନ କରିଥିବାବେଳେ ଜେମିମା ରୋଡ୍ରିଗ୍ସେଜ ଖାତା ଖୋଲିପାରି ନ ଥିଲେ। ଫଳରେ ଭାରତ ୧୦୨ ରନରେ ୬ଟି ୱିକେଟ୍ ହରାଇ ସାଂଘାତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ନିମ୍ନଭାଗରେ ରିଚା ଘୋଷ ୯୫ ରନର ଲଢୁଆ ଅର୍ଦ୍ଧଶତକୀୟ ପାଳି ଖେଳିବାରୁ ଭାରତ ୪୯.୫ ଓଭରରେ ୨୫୧ ରନର ସମ୍ମାନଜନକ ସ୍କୋର କରି ଅଲ୍‌ଆଉଟ୍ ହୋଇଥିଲା। ରିଚା ୭୭ ବଲର ସମ୍ମୁଖୀନ ହୋଇ ୧୧ ଚୌକା ଓ ୪ ଛକା ମାରିଥିଲେ। ଏକ ଫୁଲଟସ୍ ବଲ୍‌କୁ ମାରିବାକୁ ଯାଇ ସେ ଅଳ୍ପକେ ତାଙ୍କ ପ୍ରଥମ ଶତକରୁ ବଞ୍ଚିତ ହୋଇଥିଲେ। ସ୍ନେହା ଘୋଷ ମଧ୍ୟ ୨୪ ବଲରେ ୩୩ ରନ କରି ରିଚାଙ୍କୁ ସାଥ୍ ଦେଇଥିଲେ। ରିଚା ଓ ସ୍ନେହ ୮ମ ୱିକେଟ୍ ଭାଗୀଦାରୀ ୮୮ ରନ ଯୋଡ଼ିବାରୁ ଦଳର ସ୍କୋର ଅଢ଼େଇଶହ ରନ ଡେଇଁଥିଲା। ଆଫ୍ରିକା ପକ୍ଷରୁ କ୍ଲୋଏ ଟ୍ରାୟନ ୩ ଏବଂ ମାରିଜାନେ କାପ୍, ନାଦିନେ ଡି କ୍ଲାର୍କ ଓ ଏନ୍. ମାଲବା ୨ଟି ଲେଖାଏ ୱିକେଟ ନେଇଥିଲେ।

**ଆଜିର ମ୍ୟାଚ୍**
**ନ୍ୟୁଜିଲାଣ୍ଡ - ବାଂଲାଦେଶ**
**ଆରମ୍ଭ : ଅପରାହ୍ଣ ୩ଟା**
**ସ୍ଥାନ : ଗୌହାଟୀ**

ଆଜିଠାରୁ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟ

# କ୍ଲିନ୍ ସୁଇପ୍, ପୂରା ପଏଣ୍ଟ ଲକ୍ଷ୍ୟରେ ଭାରତ

ନୂଆଦିଲ୍ଲୀ, ୯।୧୦(ଏଜେନ୍ସି):

ଆୟୋଜକ ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚଳିତ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ତଥା ଶେଷ ମୁକାବିଲା ଆସନ୍ତାକାଲି ବା ଶୁକ୍ରବାର ଏଠାରେ ଖେଳାଯିବ। ଏହା ପୂର୍ବରୁ ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟକୁ ଭାରତ ଏକ ଇନିଂସ ଓ ୧୪୦ ରନ୍‌ରେ ବିଜୟୀ ହୋଇଥିଲା। ଏହା ଫଳରେ ଭାରତ ବୃହତ୍ ବିଜୟ ହାସଲ କରିବା ସହ ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍‌ରେ ସମସ୍ତ ୧୨ ପଏଣ୍ଟ ହାସଲ କରିଥିଲା। ଏଠାରେ ଖେଳାଯିବାକୁ ଥିବା ଦ୍ୱିତୀୟ ଟେଷ୍ଟରେ ମଧ୍ୟ ଭାରତ ସମାନ ଲକ୍ଷ୍ୟ ନେଇ ଖେଳିବ। ଯଦିଓ ଭାରତକୁ ଏହି ମୁକାବିଲାରେ ଫେବରାଇଟ୍ ବିବେଚନା କରାଯାଉଛି, ତଥାପି ପୂରା ପଏଣ୍ଟ ହାସଲ କରିବା ଲାଗି ଭାରତ ଆପ୍ରାଣ ଉଦ୍ୟମ କରିବ ନିଶ୍ଚୟ। ଅନ୍ୟପକ୍ଷରେ ୨୦୦୨ ପରଠାରୁ ଭାରତରେ ଟେଷ୍ଟ ମ୍ୟାଚ୍ ଜିତି ନ ଥିବା ୱେଷ୍ଟଇଣ୍ଡିଜ୍‌ର ଏହାର ପୁନରାବୃତ୍ତି ଆଶା ରଖୁ ନ ଥିଲେ ମଧ୍ୟ ପ୍ରଥମ ମ୍ୟାଚ୍ ଅପେକ୍ଷା କିଛି ଲଢୁଆ ଖେଳିବାକୁ ଲକ୍ଷ୍ୟ ରଖିଛି।

କ୍ରିକେଟ ଖେଳରେ ଏକଦା ଅପ୍ରତିଦ୍ୱନ୍ଦ୍ୱୀ ଦେଶ ଭାବେ ବିବେଚିତ ହେଉଥିବା ୱେଷ୍ଟଇଣ୍ଡିଜ୍ ଏବେ ସବୁଠାରୁ ନିମ୍ନଧରଣର ଖେଳ ପ୍ରଦର୍ଶନ କରୁଛି। ଟେଷ୍ଟ ସିରିଜ୍ ପୂର୍ବରୁ ନେପାଳଠାରୁ ଦିନିକିଆ ସିରିଜ୍ ପରାଜୟ ୱେଷ୍ଟଇଣ୍ଡିଜ୍‌ର ମନୋବଳକୁ ଭାଙ୍ଗିଦେଇଥିଲେ। ଅହମ୍ମଦାବାଦ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍ ଗୋଟିଏ ଦିନରେ ଖେଳାଯାଉଥିବା ୯୦ ଓଭର ମଧ୍ୟ ଖେଳିପାରି ନ ଥିଲା। ଭ୍ରମଣକାରୀ ଦଳ ପ୍ରଥମ ଇନିଂସରେ ୪୪.୧ ଓଭର ଖେଳି ୧୬୨ ଓ ଦ୍ୱିତୀୟ ଇନିଂସରେ ୪୫.୧ ଓଭର ବ୍ୟାଟିଂ କରି ୧୪୬ ରନ୍‌ରେ ଅଲଆଉଟ ହୋଇଥିଲା। ଏପରିକି ଦଳର ଜଣେ ହେଲେ ବ୍ୟାଟର ଅର୍ଦ୍ଧଶତକଟିଏ ପୂରଣ କିମ୍ବା ୪୦ ରନ୍ ମଧ୍ୟ କରିପାରି ନ ଥିଲେ। ଟେଷ୍ଟରେ ବ୍ୟାଟରମାନେ ଏକାଧିକ ମେଡେନ ଓଭର ଖେଳି ବୋଲରଙ୍କୁ ନିରାଶ କରିଥାନ୍ତି। ପ୍ରଥମ ଟେଷ୍ଟରେ ଦଳ ୧୬ଟି ମେଡେନ ଓଭର ଖେଳିଥିଲା। ଦ୍ୱିତୀୟ ଟେଷ୍ଟରେ ଦଳ କେତେ ଓଭର ମେଡେନ ଖେଳିବ ଓ ଭାରତୀୟ ବୋଲିଂକୁ ଆଗରେ ମ୍ୟାଚଟି କେତେସମୟରେ ଶେଷ ହେବ ତାହା ଦେଖିବାର କଥା। ଏହି ମ୍ୟାଚ ଲାଗି ଦଳରେ ସ୍ଥାନ ପାଇଥିବା ବାମହାତୀ ସ୍ପିନର ଜେଡିଆ ବ୍ଲେଡ୍‌ସଙ୍କ ଖେଳିବା ସମ୍ଭାବନା ରହିଛି।



ଅନ୍ୟପକ୍ଷରେ ଭାରତ ଆଗରେ ମୂଳ ଲକ୍ଷ୍ୟ ହେଉଛି ୱାର୍ଲ୍ଡ ଟେଷ୍ଟ ଚାମ୍ପିଅନସିପ୍‌ର ପୂରା ପଏଣ୍ଟ ହାସଲ କରିବା। ଦ୍ୱିତୀୟ ଟେଷ୍ଟରେ ଦଳ କୌଣସି ଖେଳାଳି ପରିବର୍ତ୍ତନ କରିବ ନାହିଁ ବୋଲି ଆଶା କରାଯାଉଛି। କିନ୍ତୁ ଦୁଇଜଣ ଖେଳାଳିଙ୍କ ଉପରେ ନଜର ରହିଛି। ସେମାନେ ହେଲେ ନଂ-୩ରେ ବ୍ୟାଟିଂ କରୁଥିବା ସାଇ ସୁଦର୍ଶନ ଓ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ। ସୁଦର୍ଶନ ପ୍ରଥମ ଟେଷ୍ଟରେ ମାତ୍ର ୭ ରନ କରିଥିଲେ। ଗତ ୭ଟି ଇନିଂସରେ ସୁଦର୍ଶନ ମାତ୍ର ୧୪୭ ରନ୍ କରିଛନ୍ତି। ଅନ୍ୟ ପକ୍ଷରେ ବ୍ୟାଟିଂ ସୁଯୋଗ ପାଇ ନ ଥିବା ନୀତୀଶ ରେଡ୍ଡୀ ମାତ୍ର ୪ ଓଭର ବୋଲିଂ କରିଥିଲେ। ଏମାନେ ବ୍ୟାଟିଂ ଅର୍ଡରରେ ଆଗୁଆ ଆସିଲେ ସନ୍ଦେହର ଅବକାଶ ନାହିଁ। ଦିଲ୍ଲୀ ୱିକେଟ ସ୍ପିନରଙ୍କୁ ସହାୟତା ଦେଉଥିଲାବେଳେ ଏହି ମ୍ୟାଚ୍‌କୁ ଭାରତ ପୁଣିଥରେ ଅଢ଼େଇ ଦିନରେ ଲଢ଼େଇ ଶେଷ କରିବ ବୋଲି ଆଶା କରାଯାଇପାରେ।

**ଖେଳ ଆରମ୍ଭ : ସକାଳ ୯ଟା ୩୦**
**ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**

## କ୍ରମାଗତ ୯ମ ସିରିଜ୍ ବିଜୟ

ଟେଷ୍ଟ କ୍ରିକେଟରେ ଭାରତ ଶେଷଥର ଲାଗି ୱେଷ୍ଟଇଣ୍ଡିଜ୍‌ଠାରୁ ୨୦୦୨ରେ ପରାଜିତ ହୋଇଥିଲା। ଏହା ପରଠାରୁ ଭାରତ କ୍ରମାଗତ ଭାବେ ୯ଟି ଟେଷ୍ଟ ସିରିଜ୍‌ରେ କବ୍‌ଜା କରିଛି।

୧୯୮୭ରେ ଶେଷଥର ଲାଗି ଏଠାରେ ଭାରତକୁ ହରାଇଛି ୱେଷ୍ଟଇଣ୍ଡିଜ୍। ଏହାପରଠାରୁ ଭାରତ ଏଠାରେ ୧୧ଟି ଟେଷ୍ଟରେ ବିଜୟୀ ହୋଇଛି ଓ ୨ଟି ଟେଷ୍ଟ ଡ୍ର ରଖିଛି।

ଦିଲ୍ଲୀରେ ଭାରତ ଶେଷଥର ୨୦୨୩ରେ ଟେଷ୍ଟ ମ୍ୟାଚ୍ ଖେଳିଥିଲା। ଏଥିରେ ଜାଡେଜା ପ୍ରଥମ ଇନିଂସରେ ୭ଟି ଓ ମ୍ୟାଚ୍‌ରେ ୧୦ଟି ୱିକେଟ ନେଇ ଅଷ୍ଟ୍ରେଲିଆ ବିପକ୍ଷରେ ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଥିଲେ।

ଅନ୍ୟ ପକ୍ଷରେ ୱେଷ୍ଟଇଣ୍ଡିଜ୍ ଖେଳିଥିବା ଗତ ୧୩ଟି ଟେଷ୍ଟ ଇନିଂସରେ ଓପନରମାନେ ଥରେ ହେଲେ ୫୦ ରନ୍‌ର ଭାଗୀଦାରି କରିପାରି ନାହାନ୍ତି। ସେହିପରି ଚଳିତବର୍ଷ ଖେଳିଥିବା ୧୨ଟି ଟେଷ୍ଟରେ ଦଳର ଓପନର ଥରେ ମାତ୍ର ୫୦ ରନ୍ ଭାଗୀଦାରି କରିଛନ୍ତି।

### ସମ୍ଭାବ୍ୟ ଖେଳାଳି ଦଳ

**ଭାରତ :** ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଶୁବମନ ଗିଲ୍ (ଅଧିନାୟକ), ଧ୍ରୁବ ଜୁରେଲ (ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡୀ, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, ଯଶପ୍ରୀତ୍ ବୁମ୍‌ରା, କୁଲଦୀପ ଯାଦବ ଓ ମହମ୍ମଦ ସିରାଜ।

**ୱେଷ୍ଟଇଣ୍ଡିଜ୍ :** ଜନ୍ କ୍ୟାମ୍ପବେଲ, ତାଗନାରିନ ଚନ୍ଦରପଲ, ଆଲିକ ଆଥାନାଜେ, ବ୍ରାଣ୍ଡନ କିଙ୍ଗ୍, ରୋଷ୍ଟୋନ ଚେଜ୍ (ଅଧିନାୟକ), ସାଇ ହୋପ୍, ଜଷ୍ଟିନ ଗ୍ରିଭ୍‌ସ, ଖାରୀ ପିଏରେ, ଜୋମେଲ ୱାରିକାନ, ଜୋହାନ ଲେନ୍/ଜେଡିଆ ବ୍ଲେଡ୍‌ସ, ଜେଡେନ ସିଲ୍ସ।

# ରିଙ୍କୁ ସିଂ’ଙ୍କୁ ଦାଉଦ ଗ୍ୟାଙ୍ଗରୁ ମିଳିଲା ଧମକ

ଲକ୍ଷ୍ନୌ, ୯ ।୧୦ (ଏଜେନ୍ସି): ଭାରତୀୟ କ୍ରିକେଟର୍ ରିଙ୍କୁ ସିଂ’ଙ୍କୁ ଡି-କମ୍ପାନୀ ତଥା ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ ଗ୍ୟାଙ୍ଗରୁ ଧମକ ମିଳିଛି। ମୁମ୍ବାଇ କ୍ରାଇମବ୍ରାଞ୍ଚ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଦାଉଦ ଗ୍ୟାଙ୍ଗ ପକ୍ଷରୁ ଚଳିତ ବର୍ଷ ଫେବୃଆରୀରୁ ଏପ୍ରିଲ ମଧ୍ୟରେ ରିଙ୍କୁ’ଙ୍କ ପ୍ରମୋସନାଲ ଟିମ୍ ନିକଟକୁ ୩ଟି ଧମକପୂର୍ଣ୍ଣ ମେସେଜ ପଠାଯାଇଥିଲା। ଯେଉଁଥିରେ ରିଙ୍କୁ’ଙ୍କୁ ୧୦ କୋଟି ଟଙ୍କା ଦେବା ଲାଗି ଦାବି କରାଯାଇଥିଲା। ଏହି ମାମଲାରେ ପୋଲିସ ୨ଜଣଙ୍କୁ ଗିରଫ କରିସାରିଛି। ସେମାନଙ୍କ ମଧ୍ୟରୁ ମହମ୍ମଦ ଦିଲଶାଦ ନୌସାଦଙ୍କୁ ପୋଲିସ ତ୍ରିନିଦାଦରୁ ଗିରଫ କରିଥିଲା। ୩୩ ବର୍ଷୀୟ ନୌସାଦ ବିହାରର ମୂଳବାସିନ୍ଦା। ସେ ରିଙ୍କୁ’ଙ୍କ ଇଭେଣ୍ଟ ମ୍ୟାନେଜରଙ୍କୁ ୧୦ କୋଟି ଟଙ୍କା ଦେବା ଲାଗି ଦାବି କରିଥିଲେ। ଟଙ୍କା ନ ମିଳିଲେ ରିଙ୍କୁ’ଙ୍କୁ ହତ୍ୟା କରିବା ଲାଗି ମଧ୍ୟ ଧମକ ଦେଇଥିଲା। ଭାରତୀୟ କ୍ରିକେଟର୍ ରିଙ୍କୁ’ଙ୍କୁ ଅଣ୍ଡରୱାର୍ଲ୍ଡରୁ ଧମକ ମିଳିବା ଖବର ଏବେ ଆଲୋଡ଼ନ ସୃଷ୍ଟି କରିଛି।



# ପ୍ରଥମଥର ଲାଗି ପଦକ ନିଶ୍ଚିତ କଲା ଭାରତ

**ବିଶ୍ୱ ବ୍ୟାଡ୍‌ମିଣ୍ଟନ ଜୁନିଅର ମିକ୍ସଡ ଟିମ୍ ଚାମ୍ପିଅନସିପ୍**

ଗୌହାଟୀ, ୯ ।୧୦ (ଏଜେନ୍ସି): ବିଶ୍ୱ ବ୍ୟାଡ୍‌ମିଣ୍ଟନ ଜୁନିଅର ମିକ୍ସଡ ଟିମ୍ ଚାମ୍ପିଅନସିପ୍ ଇତିହାସରେ ଭାରତ ଏହାର ସର୍ବପ୍ରଥମ ପଦକ ଜିତିବା ନିଶ୍ଚିତ ହୋଇଛି। ଏଠାରେ ଚାଲିଥିବା ଚଳିତ ସଂସ୍କରଣରେ ଗୁରୁବାର ଆୟୋଜକ ଭାରତୀୟ ଦଳ ୪୪-୪୫, ୪୫-୩୦, ୪୫-୩୩ ପଏଣ୍ଟରେ ଶକ୍ତିଶାଳୀ କୋରିଆକୁ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛି। ସେମିଫାଇନାଲରେ ପ୍ରବେଶ ସହ ଘରୋଇ ଭାରତୀୟ ଦଳ ପଦକ ନିଶ୍ଚିତ କରିଛି। ଏହି ପ୍ରତିଯୋଗିତାର ଇତିହାସରେ ଭାରତର ଏହା ସର୍ବପ୍ରଥମ ପଦକ ହେବ। ସେମିଫାଇନାଲରେ ଭାରତର ମୁକାବିଲା ଇଣ୍ଡୋନେସିଆ ସହ ହେବ।

ରାଜମାତା ଜିଜାବାଈ ଟ୍ରଫି

# ସାଥ୍ ଦେଲାନି ଟସ୍; ଓଡ଼ିଶାର ଅଭିଯାନ ଶେଷ

କଟକ, ୯।୧୦(ସମିସ): ୩୦ତମ ବରିଷ୍ଠ ମହିଳା ଜାତୀୟ ଫୁଟବଲ ଚାମ୍ପିଅନସିପ୍ ରାଜମାତା ଜିଜାବାଈ ଟ୍ରଫିରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ଛତିଶଗଡ ନାରାୟଣପୁରର ଆରକେଏମ ଆଶ୍ରମ ଗ୍ରାଉଣ୍ଡରେ ଆଜି ଖେଳାଯାଇଥିବା ତାମିଲନାଡୁ ବିପକ୍ଷ ୪ର୍ଥ ତଥା ଅନ୍ତିମ ଲିଗ୍ ମ୍ୟାଚ୍‌କୁ ଓଡ଼ିଶା ୧-୧ ଗୋଲରେ ଡ୍ର ରହିଥିଲା। ପଶ୍ଚିମବଙ୍ଗ ସର୍ବାଧିକ ୧୦ ପଏଣ୍ଟ ସଂଗ୍ରହ କରି ପରବର୍ତ୍ତୀ ପର୍ଯ୍ୟାୟକୁ ପ୍ରବେଶ କରିଥିଲା। କିନ୍ତୁ ତାମିଲନାଡୁ ଏବଂ ଓଡ଼ିଶା ଉଭୟ ୭ ପଏଣ୍ଟ ଲେଖାଏ ହାସଲ କରି ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏପରିକି ଗୋଲ୍ ବ୍ୟବଧାନରେ ମଧ୍ୟ ଉଭୟ ଦଳ ସମାନ ସ୍ଥିତିରେ ରହିଥିଲେ। ଫଳରେ ଦ୍ୱିତୀୟ ଦଳ ଭାବେ କିଏ ଫାଇନାଲ ରାଉଣ୍ଡକୁ ଉତ୍ତୀର୍ଣ୍ଣ ହେବ ତାହା କଏନ୍ ଟସ୍ ଦ୍ୱାରା ନିର୍ଦ୍ଧାରଣ ହୋଇଥିଲା। ଟସ୍‌ରେ ତାମିଲନାଡୁ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ଫାଇନାଲ ରାଉଣ୍ଡର ପରବର୍ତ୍ତୀ ପର୍ଯ୍ୟାୟରେ ସ୍ଥାନ ସୁରକ୍ଷିତ କରିଥିଲା।

# ରଶିଦ ଖାନଙ୍କ ଏସୀୟ କୀର୍ତ୍ତିମାନ

ଆବୁଧାବି, ୯ ।୧୦ (ଏଜେନ୍ସି): ଏଠାରେ ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚରେ ଆଫଗାନିସ୍ତାନ ୫ ୱିକେଟ୍‌ରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ଅଧିନାୟକ ମେହିଦୀ ହାସନ ମିରାଜ (୬୦) ଓ ତ୍ରୋହିଦ ହ୍ରିଦୟ (୫୬)ଙ୍କ ଅର୍ଦ୍ଧଶତକ ବଳରେ ୪୮.୫ ଓଭରରେ ୨୨୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜବାବରେ ରହମତ୍ ଶାହ ଓ ରହମନଉଲ୍ଲା ଗୁରବାଜ ୫୦ ରନ ଲେଖାଏ କରିବା ଫଳରେ ଆଫଗାନିସ୍ତାନ ୧୭ ବଲ୍ ଓ ୫ ୱିକେଟ୍ ବଳକା ଥାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଏହି ମ୍ୟାଚରେ ଆଫଗାନିସ୍ତାନ ସ୍ପିନର ରଶିଦ ଖାନ ୩ଟି ୱିକେଟ୍ ନେଇ ଏକ କୀର୍ତ୍ତିମାନ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ରଶିଦ ବର୍ତ୍ତମାନ ୧୧୫ଟି ଦିନିକିଆ ଖେଳି ୨୦୨ଟି ୱିକେଟ୍ ନେଇଛନ୍ତି। ଏଥିସହ ଏସିଆ ମହାଦେଶର ପ୍ରଥମ କ୍ରିକେଟର୍ ଭାବେ ସେ ଟି-୨୦ ଫର୍ମାଟରେ ଦେଢ଼ଶହରୁ ଊର୍ଦ୍ଧ୍ୱ ଏବଂ ଦିନିକିଆରେ ୨୦୦ରୁ ଊର୍ଦ୍ଧ୍ୱ ୱିକେଟ୍ ନେବାର ସଫଳତା ପାଇଛନ୍ତି। ଟି-୨୦ରେ ସେ ୧୦୬ ମ୍ୟାଚରୁ ୧୭୯ ୱିକେଟ୍ ଅକ୍ତିଆର କରିଛନ୍ତି।



ଜାତୀୟ ସିନିଅର ମହିଳା ଟି-୨୦

# ଓଡ଼ିଶାର ଦ୍ୱିତୀୟ ପରାଜୟ

କଟକ, ୯।୧୦(ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ଜାତୀୟ ସିନିଅର ମହିଳା ଟି-୨୦ ଟ୍ରଫିରେ ଓଡ଼ିଶା କ୍ରମାଗତ ଦ୍ୱିତୀୟ ପରାଜୟର ସମ୍ମୁଖୀନ ହୋଇଛି। ଗ୍ୱାଲିୟରର କ୍ୟାପ୍ଟେନ ରୁପ ସିଂହ ଷ୍ଟାଡିୟମରେ ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ହିମାଚଳପ୍ରଦେଶ ୪୨ ରନରେ ଓଡ଼ିଶାକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିବା ହିମାଚଳପ୍ରଦେଶ ୨ ୱିକେଟ ବିନିମୟରେ ୧୭୨ ରନ ସଂଗ୍ରହ କରିଥିଲା। ଓପନର ନିକିତା ଚୌହାନ ୮୭ ରନର ଅପରାଜିତ ପାଳି ଖେଳିଥିଲେ। ବୋଲିଂରେ ଓଡ଼ିଶାର ଶୁଭ୍ର ନିର୍ଝରିଣୀ ସ୍ୱାଇଁଙ୍କୁ ୨ଟି ଯାକ ୱିକେଟ ମିଳିଥିଲା। ଜବାବରେ ୧୭୩ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଭ୍ରମଣକାରୀ ଓଡ଼ିଶା ଦଳ ୭ ୱିକେଟ ହରାଇ ୧୨୯ ରନ କରିବାକୁ ସକ୍ଷମ ହୋଇଥିଲା। ସଙ୍ଗୀତା ଖାଡିଆ ସର୍ବାଧିକ ୩୩ଓ ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ୩୧ ରନର ପାଳି ଖେଳିଥିଲେ। ହିମାଚଳର ସୁସ୍ମିତା କୁମାରୀ ସର୍ବାଧିକ ୩ଟି ୱିକେଟ ନେଇଥିଲେ। ଶନିବାର ଛତିଶଗଡ ବିପକ୍ଷରେ ଓଡ଼ିଶା ୩ୟ ଲିଗ୍ ଖେଳିବ।

# ବିନୁ ମଙ୍କଡ ଟ୍ରଫି: ହାରିଲା ଓଡ଼ିଶା

କଟକ, ୯।୧୦(ସମିସ): ୧୯ବର୍ଷରୁ କମ୍ ବାଳକ ବର୍ଗର ଜାତୀୟ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବିନୁ ମଙ୍କଡ ଟ୍ରଫି ଗୁରୁବାରଠାରୁ ଆରମ୍ଭ ହୋଇଛି। ହରିୟାଣା ଲାହଲିସ୍ଥିତ ଚୌଧୁରୀ ବଂଶୀଲାଲ କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ମୁକାବିଲାରେ ଓଡ଼ିଶା ୪ ୱିକେଟରେ ଗୁଜରାଟଠାରୁ ପରାସ୍ତ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସମ୍ବିତ ବେଜଙ୍କ ନେତୃତ୍ୱାଧୀନ ଓଡ଼ିଶା ୧୫୧ ରନରେ ଅଲଆଉଟ ହୋଇଥିଲା। ପିୟୂଷ ରଞ୍ଜନ ମନ୍ତ୍ରୀ ସର୍ବାଧିକ ୨୬ ରନ କରିଥିଲେ। ଗୁଜରାଟର କାଭ୍ୟ ପଟେଲ ଏବଂ ତୁଷାର ମକୱାନା ୩ଟି ଲେଖାଏ ୱିକେଟ ହାସଲ କରିଥିଲେ। ୩୭.୧ ଓଭରରେ ୬ ୱିକେଟ ହରାଇ ଗୁଜରାଟ ବିଜୟୀ ହୋଇଥିଲା। ଏମ ଚାଭଡା ୧୦୩ ରନର ମ୍ୟାଚ୍ ବିଜୟୀ ଶତକୀୟ ପାଳି ଖେଳିଥିଲେ। ଓଡ଼ିଶା ଅଧିନାୟକ ସମ୍ବିତ ଓ ପିୟୂଷ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଶନିବାର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ଆନ୍ଧ୍ରପ୍ରଦେଶକୁ ଭେଟିବ।

# କଳିଙ୍ଗ କପ୍ ଜିତିଲା ରକ୍‌ଷ୍ଟାର



ଭୁବନେଶ୍ୱର, ୯।୧୦(ସମିସ): ଥାର୍ଡ ଆଇ ବିଦ୍ୟୁତ୍‌କୁ ହରାଇ ରକ୍‌ଷ୍ଟାର କ୍ଲବ୍ ଚତୁର୍ଥ କଳିଙ୍ଗ କପ୍ ଚାମ୍ପିଅନ ହୋଇଛି। ଗୋପବନ୍ଧୁ କ୍ଲବ୍ ଆନୁକୂଲ୍ୟରେ ଅକ୍ଟୋବର ୨ରୁ ୯ ତାରିଖଯାଏ ଗୋପବନ୍ଧୁ ପଡ଼ିଆରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯାଇଥିଲା। ଏଥିରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୧.୫ ଲକ୍ଷ ଓ ରନର୍ସଅପ୍ ଦଳକୁ କପ୍ ସହ ୧ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଖେଳ ଶେଷରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ମୁଖ୍ୟ ଅତିଥି, ଗୌତମ କୁମାର ବେହେରା ଓ ମନୋଜ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଗୋପବନ୍ଧୁ କ୍ଲବ୍‌ର ସଭାପତି ଦେବପ୍ରସାଦ ଜେନା ଓ ସମ୍ପାଦକ ଅବିନାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଟୁର୍ଣ୍ଣାମେଣ୍ଟକୁ ଅଭିନେତ୍ରୀ ଭୂମିକା ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ।

# ଜାତୀୟ ଦଳରେ ବିକେ ଓରାମ୍

କଟକ, ୯।୧୦ (ସମିସ): ଭାରତୀୟ ୨୩ବର୍ଷରୁ କମ୍ ବାଳକ ଫୁଟବଲ ଦଳରେ ଓଡ଼ିଶାର ବିକେ ଓରାମ ସ୍ଥାନ ପାଇଛନ୍ତି। ଚଳିତ ମାସ ୧୦ ଓ ୧୩ ତାରିଖରେ ଇଣ୍ଡୋନେସିଆ ବିପକ୍ଷରେ ଭାରତ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଉଭୟ ମ୍ୟାଚ୍ ଜାକର୍ତ୍ତାରେ ଖେଳାଯିବ। ଏକମାତ୍ର ଓଡ଼ିଆ ଖେଳାଳି ଭାବେ ମିଡଫିଲ୍ଡର ବିକେ ଘୋଷିତ ୨୩ ବର୍ଷରୁ କମ୍ ଭାରତୀୟ ଦଳରେ ସ୍ଥାନ ପାଇବା ସହ ରାଜ୍ୟ ନିମନ୍ତେ ଗୌରବ ଆଣି ଦେଇଛନ୍ତି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ସଭାପତି ଟଙ୍କଧର ତ୍ରିପାଠୀ ଓ ସମ୍ପାଦକ ଡଃ ଆଶୀର୍ବାଦ ବେହେରା ଏଥିଲାଗି ବିକେଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



# ଆଜିଠାରୁ କଳିଙ୍ଗରେ ଜାତୀୟ ଜୁନିଅର ଆଥଲେଟିକ୍ସ

ଭୁବନେଶ୍ୱର, ୯ ।୧୦(ସମିସ):

ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଆଉ ଏକ ଜାତୀୟସ୍ତରର ଇଭେଣ୍ଟ ଆୟୋଜନ ହେବାକୁ ଯାଉଛି। ଶୁକ୍ରବାରଠାରୁ ଏଠାରେ ଜାତୀୟ ଜୁନିଅର ଆଥଲେଟିକ୍ ଚାମ୍ପିଅନସିପ୍‌ର ୪୦ତମ ସଂସ୍କରଣ ଆରମ୍ଭ ହେବ। ଓଡ଼ିଶା ସରକାର ଓ ଓଡ଼ିଶା ଆଥଲେଟିକ୍ ଆସୋସିଏସନ (ଓଏଏ) ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ୫ ଦିନିଆ କ୍ରୀଡ଼ାରେ ଦେଶର ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ପ୍ରଦେଶରୁ ମୋଟ୍ ୨,୦୦୦ ଆଥଲେଟ୍ ଭାଗନେବେ। ହରିୟାଣାରୁ ସର୍ବାଧିକ ୧୪୭ ଆଥଲେଟ୍ ଅଂଶଗ୍ରହଣ କରିବେ। ସେହିପରି ୩୮ ବାଳକ ଓ ୩୭ ବାଳିକାଙ୍କ ସମେତ ମୋଟ୍ ୭୫ ଜଣ ଓଡ଼ିଆ କ୍ରୀଡ଼ାବିତ ନିଜର ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ଓଡ଼ିଶାର ଓମକାର ନନ୍ଦ (ଥ୍ରୋ), ପ୍ରତୀକ ମହାରଣା (୧୦୦/୨୦୦ ମି), ଅଙ୍କିତା ମହାପାତ୍ର (ଥ୍ରୋ) ଓ ବାପି ହାଁସଦା (୧୦୦, ୨୦୦ମି, ୪ ଗୁଣା ୧୦୦ମି)ଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି।



ଏଥିରେ ଭଲ ପ୍ରଦର୍ଶନ କରି କ୍ରୀଡ଼ାବିତ ଭାବେ ବାହାରିନ୍‌ରେ ଆୟୋଜନ ହେବାକୁ ଥିବା ତୃତୀୟ ଏସୀୟ ଯୁବ କ୍ରୀଡ଼ା ପାଇଁ ଯୋଗ୍ୟତା ଅର୍ଜନ କରିବେ। ଅର୍ଥାତ ଏହି ଚାମ୍ପିଅନସିପ୍‌ରୁ ଏସୀୟ ଯୁବ କ୍ରୀଡ଼ା ପାଇଁ ଭାରତୀୟ ଦଳ ଚୟନ ହେବ। ଉଭୟ ବାଳକ ଓ ବାଳିକା ବର୍ଗରେ ୧୪, ୧୬, ୧୮ ଓ ୨୦ ବର୍ଷରୁ କମ୍ ବୟସ ବର୍ଗର ଆଥଲେଟ୍‌ମାନେ ବିଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରିବେ।

## ପ୍ରୀତି ଲାକ୍ରାଙ୍କୁ ନେଇ ବିବାଦ

ଏହି ଇଭେଣ୍ଟରେ ସୁନ୍ଦରଗଡ଼ର ପ୍ରୀତି ଲାକ୍ରାଙ୍କୁ ଚୟନ କରାଯାଇ ନ ଥିବାରୁ ବିବାଦ ସୃଷ୍ଟି ହୋଇଛି। ପ୍ରୀତି ସେପ୍ଟେମ୍ବର ୨୨ରୁ ୨୪ ମଧ୍ୟରେ ରାଞ୍ଚିରେ ଅନୁଷ୍ଠିତ ପୂର୍ବାଞ୍ଚଳ ଜୁନିଅର ଚାମ୍ପିଅନସିପ୍‌ରେ ୩ଟି ପଦକ ଜିତିଥିଲେ ମଧ୍ୟ ତାଙ୍କୁ ଦଳରେ ସାମିଲ କରାଯାଇନାହିଁ। ସେ ୨୦ ବର୍ଷରୁ କମ୍ ମହିଳା ୧୦୦ ମିଟରରେ ୧୩.୦୬ ସେକେଣ୍ଡ ସହ ରୌପ୍ୟ, ଟ୍ରିପଲ ଜମ୍ପରେ କାଂସ୍ୟ ଓ ୪ ଗୁଣା ୧୦୦ ମିଟର ରିଲେରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ। ଏଏଫ୍‌ଆଇର କ୍ୱାଲିଫିକେଶନ ମାର୍କ ୧୨.୭୫ ରହିଛି। ତେବେ ଗତମାସ ଓଏଏ ଆନୁକୂଲ୍ୟରେ କଟକରେ ଅନୁଷ୍ଠିତ ସିଲେକ୍ସନ ଟ୍ରାଏଲ୍‌ରେ ପ୍ରୀତି ଅପେକ୍ଷାକୃତ କମ୍ ସମୟ ୧୨.୫୮ ସେକେଣ୍ଡ ନେଇ ପ୍ରଥମ ହୋଇଥିଲେ ମଧ୍ୟ ତାଙ୍କୁ ଦଳରେ ନିଆଯାଇନାହିଁ। ଏନେଇ ମଧ୍ୟ ଏଏଫ୍‌ଆଇର ଅଧିକାରୀମାନେ ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS